R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୭୯
ତିଥି : ଦ୍ୱିତୀୟା
୦୪ ଏପ୍ରିଲ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 179
04 April 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଆମେରିକାର ଯୁଦ୍ଧ ବିମାନକୁ ଖସାଇଲା ଇରାନ



- ଇରାନର ଦକ୍ଷିଣ ପ୍ରାନ୍ତରେ ଏଫ୍-୧୫ ଖସିଛି
- ପାଇଲଟ୍ ପଣବନ୍ଦୀ ଥିବା ସୂଚନା
- ପୂର୍ବରୁ ଏଫ୍-୩୫ ଦୁଇଟି ଖସାଇବାର ଦାବି

ନୂଆଦିଲ୍ଲୀ, ୩।୪ (ଏଜେନ୍ସି): ଆମେରିକା-ଇସ୍ରାଏଲ ଇରାନ ଯୁଦ୍ଧ ଘୋମାଘୋଟ ହୋଇଛି। ଆମେରିକାର ଶକ୍ତିଶାଳୀ ଯୁଦ୍ଧ ବିମାନ ଖସାଇ ଦେଇଥିବା ଦାବି କରିଛି। ୨୪ ଘଣ୍ଟା ମଧ୍ୟରେ ଆମେରିକାର ଦୁଇଟି ବିମାନକୁ ଖସାଇ ଦେଲାଣି ବୋଲି ଦାବି କରୁଛି। ତେବେ ଆମେରିକା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଆମେରିକାର ଏଫ୍-୧୫ ଯୁଦ୍ଧ ବିମାନକୁ ଇରାନ ତା'ର ଦକ୍ଷିଣ ପ୍ରାନ୍ତରେ ଖସାଇ ଦେବାନେଇ ଦାବି କରିଛି। ବିମାନ ପୁରା ଧ୍ୱଂସ ହୋଇଯାଇଥିବାବେଳେ ପାଇଲଟଙ୍କୁ ନିଜ ହେପାଜତକୁ ନେବା ଦାବି କରାଯାଇଛି। ଆମେରିକା ଯୁଦ୍ଧ ବିମାନ ମିଶାଇଲ ମାଡରେ ଧ୍ୱଂସ ହୋଇଛି। ବିମାନ ଧ୍ୱଂସ ହୋଇଥିଲେ ହେଁ ଠିକଣା ସମୟରେ ଏହାର ପାଇଲଟ ଏଥିରୁ ବାହାରିଯାଇ ଇରାନ ମାଟିରେ ଅବତରଣ କରିଥିବାରୁ ତାଙ୍କୁ ପଣବନ୍ଦୀ କରିଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ତେବେ ଅନ୍ୟଏକ ରିପୋର୍ଟରେ ଇରାନୀୟ ଅଧିକାରୀମାନେ ଖସିପଡ଼ିଥିବା ପାଇଲଟଙ୍କୁ ଖୋଜାଯାଉଛି ବୋଲି କୁହାଯାଉଛି। ଯଦି କେହି ଉକ୍ତ ପାଇଲଟଙ୍କୁ ଧରାଇବାରେ ସହାୟତା କରିବେ ତାଙ୍କୁ ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଛି। (୯ ପୃଷ୍ଠାରେ)

## ଜନଗଣନାରେ ସହଯୋଗ ଲାଗି ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



- ୧୬ରୁ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା
- ରାଜ୍ୟରେ ୧୫ ଯାଏଁ ସ୍ୱଗଣନା ଜାରି
- ମୁଖ୍ୟମନ୍ତ୍ରୀ ସେଲ୍ଫ ଏନୁମରେସନ୍ କଲେ

ଭୁବନେଶ୍ୱର, ୦୩।୪ (ସବ୍ୟୁ): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶାର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଚଳିତମାସ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହା ମେ ୧୫ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି (୯ ପୃଷ୍ଠାରେ)

## ଭାରତକୁ ଅଧିକ ତୈଳ ଦେବାକୁ ରୁଷ୍ ଆଗ୍ରହୀ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ପଶ୍ଚିମ ଏସିଆରେ ଦେଖାଯାଇଥିବା ପରିସ୍ଥିତି ଯୋଗୁଁ ବିଶ୍ୱ ବଜାରରେ ତୈଳ ଓ ଗ୍ୟାସ ସଙ୍କଟ ଦେଖାଦେଇଛି। ଏହା ମଧ୍ୟରେ ଭାରତକୁ ଅଧିକ ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ ରପ୍ତାନୀ କରିବା ଲାଗି ରୁଷ ପ୍ରସ୍ତାବ ଦେଇଛି। ଦ୍ୱିପାକ୍ଷିକ ଚୁକ୍ତି ଯୋଗୁଁ ଉଭୟ ପକ୍ଷ ଏହି ବୃଦ୍ଧି ଉପରେ ସହମତି ପ୍ରକାଶ କରିଛନ୍ତି। ରୁଷିଆର ଉପ-ପ୍ରଧାନମନ୍ତ୍ରୀ ଡେନିସ୍ ମଣ୍ଟୁରୋଫ ଭାରତର ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ସହ ବୈଠକ କରିଛନ୍ତି। ସେହିପରି ମନଟୁଭୋ ମଧ୍ୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ଆଲୋଚନା କରିଛନ୍ତି। ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଛନ୍ତି। ରୁଷର ପ୍ରଥମ ପ୍ରଧାନମନ୍ତ୍ରୀ ଭାରତ ସହ ତୈଳ ଓ ଗ୍ୟାସ ଉପରେ ଦ୍ୱିପାକ୍ଷିକ ସହଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ରୁଷ କମ୍ପାନୀ ଗୁଡିକର ଦକ୍ଷତା ରହିଛି ଯେ ସେମାନେ ତୈଳ ଓ ପ୍ରାକୃତିକ ଗ୍ୟାସକୁ ଅଧିକ ରପ୍ତାନୀ କରି ଭାରତ ବଜାରକୁ ଛାଡି ପାରିବେ। ଏହି ସଙ୍କଟ ଯୋଗୁଁ ସମଗ୍ର ବିଶ୍ୱରେ (୯ ପୃଷ୍ଠାରେ)

## ବିସ୍ତାରିତ ସଂସଦ ଅଧିବେଶନ ନେଇ ବିଜେପି-କଂଗ୍ରେସ ବାକ୍‌ଯୁଦ୍ଧ

ନୂଆଦିଲ୍ଲୀ, ୩।୪: ମହିଳା ସଂରକ୍ଷଣ ବିଲ୍ ଓ ସୀମା ପୁନଃନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ୩ ଦିନିଆ ବିସ୍ତାରିତ ବଜେଟ୍ ଅଧିବେଶନ ଡକାଯାଇଛି ତାହାକୁ ନେଇ କଂଗ୍ରେସ ଓ ବିଜେପି ମଧ୍ୟରେ ବାଦାନୁବାଦ ଆରମ୍ଭ ହୋଇଛି। ବଜେଟ୍ ଅଧିବେଶନକୁ ଅନିର୍ଦ୍ଦିଷ୍ଟକାଳ ଲାଗି ମୁଲତବୀ ନ କରି ଏହାକୁ କେବଳ ୧୬ ତାରିଖ ଯାଏ ମୁଲତବୀ କରି ପୁଣି ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି।

ଏହି ତିନି ଦିନିଆ ଅଧିବେଶନରେ ମହିଳା ସଂରକ୍ଷଣ ଆଇନ୍ ନେଇ ଚର୍ଚ୍ଚା ହେବ। ତେବେ ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଆପତ୍ତି ଉଠାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ପ୍ରସ୍ତାବକୁ ଆଗତ କରିଥିଲେ। ମାତ୍ର ଯେଉଁ ସମୟରେ ଏହା କରାଯାଉଛି ତାହାକୁ ନେଇ କଂଗ୍ରେସ ପ୍ରଶ୍ନ କରିଛି। କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି ଯେ ୩୦ ମାସ ଯାଏଁ କୌଣସି ପଦକ୍ଷେପ ନ ନେଇ ହଠାତ୍ ଏହାର ଜରୁରୀ କାହିଁକି ଆବଶ୍ୟକ ପଡ଼ିଲା। ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ବିଶେଷକରି ତାମିଲନାଡୁ ଓ ପଶ୍ଚିମବଙ୍ଗ ନିର୍ବାଚନ ଲାଗି ଏଭଳି କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ୪ ରୁ ୫ ଦଳ ସହ ଆଲୋଚନା କରିବା ସର୍ବଦଳୀୟ ବୈଠକ ନୁହେଁ। ସରକାର ବିସ୍ତୃତ ବିଚାର ବିମର୍ଶକୁ ଏଡାଇବାକୁ ଚାହୁଁଛନ୍ତି ବୋଲି କଂଗ୍ରେସ କହିଛି। ତେବେ ଲୋକସଭା ଆସନ ସଂଖ୍ୟାକୁ ୫୦% ବୃଦ୍ଧି କରିବା ପାଇଁ ଯୋଜନା ହେଉଛି। ମହିଳା ସଂରକ୍ଷଣ ବିଲ୍ ଲାଗୁ କରିବାକୁ (୯ ପୃଷ୍ଠାରେ)

## 'ଅରିଦମନ୍' ଭାରତୀୟ ନୌସେନାରେ ସାମିଲ

ନୂଆଦିଲ୍ଲୀ, ୩।୪ (ଏଜେନ୍ସି): ଭାରତୀୟ ନୌସେନାର ଶକ୍ତି ବଢ଼ିଲା। ପରାମାଣୁ ଶକ୍ତିରେ ଚାଲୁଥିବା ବୁଡ଼ା ଜାହାଜ ଆଇଏନଏସ୍ ଅରିଦମନ ଓ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଉନ୍ନତ ଯୁଦ୍ଧ ଜାହାଜ ସାମିଲ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସିଡିଏସ୍ ଜେନେରାଲ ଅନୀଲ ଚୌହାନ, ନୌସେନା ମୁଖ୍ୟ ଦିନେଶ କେ ତ୍ରିପାଠୀ ଏବଂ ବିଭିନ୍ନ ନୌସେନା ଅଧିକାରୀମାନଙ୍କ ଉପସ୍ଥିତିରେ ବିଶାଖାପାଟନମରେ ଉନ୍ନତ ଷ୍ଟିଲଥ୍ ଫ୍ରିଗେଟ ତାରାଗିରି ଏବଂ ଅରିଦମନ ସାମିଲ ହୋଇଛି। ଅରିଦମନ ହେଉଛି ଭାରତର ତୃତୀୟ ସ୍ୱଦେଶୀ ନିର୍ମିତ ପରାମାଣୁ ବାଲାଷ୍ଟିକ୍ ଜାହାଜ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋସିଆଲ ମିଡ଼ିଆରେ ଲେଖିଛନ୍ତି ଯେ, ଶବ୍ଦ ନୁହେଁ, ଶକ୍ତି ହେଉଛି ଅରିଦମନ। ଏହି ଜାହାଜ ୭୫% ସ୍ୱଦେଶୀ। ଏହାର ଅର୍ଥ ହେଉଛି ଜାହାଜ ନିର୍ମାଣରେ ଆମେ ଆଉ ଗ୍ରାହକ ହୋଇନାହୁଁ। ଉତ୍ପାଦକ ହୋଇସାରିଲେଣି। ଆଇଏସ ତାରାଗିରି ପି-୧୭-ଏ କ୍ଲାସ ଚତୁର୍ଥ ଜାହାଜ। ଏହାର ସବୁଠୁ ବଡ ବଶିଷ୍ଟ ହେଉଛି ଏହାକୁ ଭାରତର ୱାରସିପ (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



ମୋତେ ଅଭିନୟ କରିବାର ନଥିଲା। ପ୍ରଥମରୁ ସେନାରେ ଭର୍ତ୍ତି ହେବାକୁ ଇଚ୍ଛା ଥିଲା । ଫୌଜି ପରିବାର ପିଲା ହୋଇଥିବାରୁ ସେନା ପାଇଁ ଦୁର୍ବଳତା ପ୍ରଥମରୁ ଥିଲା।

**ଅଭିଲାଷ ଥପଲିଆଲ, ଅଭିନେତା**



ମୋଠାରୁ ସେ ୧୭ କୋଟି ଟଙ୍କା ନେଇ ସାରିଛନ୍ତି । ମୋତେ ଏଥିପାଇଁ ୫ଟି ଫ୍ଲାଟ ବିକ୍ରି କରିବାକୁ ପଡିଛି । ମୁଁ ଆଉଥରେ କୋର୍ଟ ଯିବା ପାଇଁ ପ୍ରସ୍ତୁତ ଅଛି ।

**ରାଜ ପାଲ ଯାଦବ, ଅଭିନେତା**



ରାମାୟଣ ସହିତ ଲୋକଙ୍କର ଭାବନା ଜଡିତ । ଯଦି ଫିଲ୍ମର କାହାଣୀରେ ଅଧିକ ପରିବର୍ତ୍ତନ ହୋଇଥିବ ତେବେ ଦର୍ଶକ ଫିଲ୍ମକୁ ଗ୍ରହଣ କରିବେ ନାହିଁ ।

**ବିନ୍ଦୁ ଦାରା ସିଂ, ଅଭିନେତା**

## ଅନ୍‌ଲାଇନ୍ ଗେମ୍ ନିଶାରେ ଶୈଶବ

ଆଧୁନିକ ଯୁଗରେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ଆମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି । କିନ୍ତୁ ଏହାର ଅପବ୍ୟବହାର କୋମଳମତି ଶିଶୁମାନଙ୍କୁ ଏକ ଅନ୍ଧକାରମୟ ଭବିଷ୍ୟତ ଆଡ଼କୁ ଠେଲି ଦେଉଛି । ବିଶେଷ କରି ଅନଲାଇନ୍ ଗେମ୍ ପ୍ରତି ପିଲାମାନଙ୍କର ବଢୁଥିବା ନିଶା ବର୍ତ୍ତମାନ ପିତାମାତା ଓ ସମାଜ ପାଇଁ ଚିନ୍ତାର ବିଷୟ ପାଲଟିଛି ।

**କାରଣ**

- ଗେମ୍ ଖେଳିବା ସମୟରେ ଜିତିବା ବା ପଏଣ୍ଟ ପାଇବା ଦ୍ୱାରା ମସ୍ତିଷ୍କରେ 'ଡୋପାମାଇନ୍' ନାମକ ଏକ ରାସାୟନିକ ପଦାର୍ଥ କ୍ଷରିତ ହୁଏ, ଯାହା ପିଲାଙ୍କୁ ଖୁସି ଦିଏ। ଏହି ଖୁସି ପାଇବା ପାଇଁ ସେମାନେ ବାରମ୍ବାର ଖେଳିବାକୁ ଇଚ୍ଛା କରନ୍ତି।
- ଆଧୁନିକ ଗେମ୍‌ଗୁଡ଼ିକ ଏପରି ଭାବେ ଡିଜାଇନ୍ କରାଯାଇଥାଏ ଯେ ସେଥିରେ ଥିବା ରିୱାର୍ଡ, ନୂଆ ଲେଭଲ୍ ଏବଂ ଗ୍ରାଫିକ୍ସ ପିଲାଙ୍କୁ ବାନ୍ଧି ରଖେ।
- ଅନେକ ଗେମ୍‌ରେ ସାଙ୍ଗମାନଙ୍କ ସହ ଚାଟ୍ କରିବା ଓ ଖେଳିବାର ସୁବିଧା ଥିବାରୁ ପିଲାମାନେ ଏହାକୁ ଏକ ସାମାଜିକ ମାଧ୍ୟମ ଭାବେ ବ୍ୟବହାର କରନ୍ତି।
- ପରିବାରରେ ସମୟର ଅଭାବ ବା ବାହାରେ ଖେଳକୁଦ କରିବାର ସୁଯୋଗ ନମିଳିବା ଯୋଗୁଁ ପିଲାମାନେ ମୋବାଇଲ୍‌କୁ ନିଜର ସାଥୀ କରି ନିଅନ୍ତି।

**ଟିପ୍ସ**

- ପିଲାମାନେ ଦିନକୁ କେତେ ସମୟ ମୋବାଇଲ୍ ବ୍ୟବହାର କରିବେ, ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ। ଏଥିପାଇଁ କୌଣସି ଏକ୍ସପର୍ଟଙ୍କ ପରାମର୍ଶ ନିଅନ୍ତୁ ।
- ସପ୍ତାହରେ ଅତିକମରେ ଗୋଟିଏ ଦିନ ବା ଖାଇବା ସମୟରେ ମୋବାଇଲ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ରଖନ୍ତୁ।
- ପିଲାଙ୍କୁ ମୋବାଇଲ୍ ବଦଳରେ ପଡ଼ିଆରେ ଖେଳିବା, ଚିତ୍ରାଙ୍କନ କିମ୍ବା ପୁସ୍ତକ ପଠନ ପାଇଁ ଉତ୍ସାହିତ କରନ୍ତୁ।
- ପିଲାଙ୍କ ସହ ଅଧିକ ସମୟ ବିତାନ୍ତୁ। ସେମାନଙ୍କ କଥା ଶୁଣନ୍ତୁ ଏବଂ ସେମାନଙ୍କ ସହ ଇନଡୋର୍ ଗେମ୍‌ସ ଖେଳନ୍ତୁ।
- ମୋବାଇଲ୍‌ରେ 'ପ୍ୟାରେଣ୍ଟାଲ୍ କଣ୍ଟ୍ରୋଲ୍' ସେଟିଂ ବ୍ୟବହାର କରି ଅଦରକାରୀ ଆପ୍ ଏବଂ ଅତ୍ୟଧିକ ବ୍ୟବହାର ଉପରେ ନଜର ରଖନ୍ତୁ।
- ପିଲାଙ୍କ ସାମ୍ନାରେ ପିତାମାତା ନିଜେ ମୋବାଇଲ୍ ବ୍ୟବହାର କମ୍ କରିବା ଉଚିତ୍, କାରଣ ପିଲାମାନେ ଅନୁକରଣ ପ୍ରିୟ।



- ଯଦି ପିଲା ମୋବାଇଲ୍ ନମିଳିଲେ ଅତ୍ୟଧିକ ରାଗୁଛି, ଖାଇବା ଶୋଇବା ଭୁଲି ଯାଉଛି କିମ୍ବା ପାଠପଢ଼ାରେ ମନ ଦେଉନାହିଁ, ତେବେ ତୁରନ୍ତ ଜଣେ ମନସ୍ତତ୍ତ୍ୱବିତ୍ ବା କାଉନସେଲରଙ୍କ ପରାମର୍ଶ ନିଅନ୍ତୁ।

## ଇତିହାସ

୧୪୬୦- ସୁଇଜରଲାଣ୍ଡରେ ବାସେଲ୍ ବିଶ୍ୱବିଦ୍ୟାଳୟର ସ୍ଥାପନା ।

୧୫୮୮- ଡେନ୍‌ମାର୍କର କିଙ୍ଗ ଭାବେ ଫେଡ଼ରିକ୍ ୨ଙ୍କର ଦାୟିତ୍ୱ ଗ୍ରହଣ ।

୧୯୦୫- ଭାରତର ହିମାଚଳ ପ୍ରଦେଶରେ ଭୂକମ୍ପ କାରଣରୁ ୨୦ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ।

୧୯୧୬- ଆମେରିକା ସିନେଟ୍ ପ୍ରଥମ ବିଶ୍ୱଯୁଦ୍ଧରେ ଭାଗନେବା ପାଇଁ ସହମତି ଜଣାଇଥିଲା ।

୧୯୩୦- କମ୍ୟୁନିଷ୍ଟ ପାର୍ଟି ଅଫ୍ ପାନାମାର ପ୍ରତିଷ୍ଠା ।

୧୯୪୯- ଉତ୍ତର ଆଟଲାଣ୍ଟିକ୍ ସୈନ୍ୟ ସଙ୍ଗଠନ (ନାଟୋ)ର ସ୍ଥାପନା ହୋଇଥିଲା ।

୧୯୬୦- ଫ୍ରାନ୍ସ ଠାରୁ ସେନ୍‌ଗଲକୁ ସ୍ୱାଧୀନତା ମିଳିଥିଲା ।

୧୯୬୬- ନେଭାଡ଼ା ଟେଷ୍ଟ ସାଇଟ୍‌ରେ ଆମେରିକାର ନ୍ୟୁକ୍ଲିଅର ଟେଷ୍ଟ ।


## ଲାଉ ମଣ୍ଡା

**ସାମଗ୍ରୀ -** ଛୋଟ ଲାଉ, ନଡିଆ, ବେସନ, ଗୁଡ, ଗୋଲମରିଚ, ଲୁଣ ।

**ପ୍ରଣାଳୀ -** ନଡିଆକୁ କୋରି ସେଥିରେ ଗୁଡ ଓ ଗୋଲମରିଚ ଗୁଣ୍ଡ ମିଶାଇ ଭାଜନ୍ତୁ। ଏହାପରେ ଲାଉରୁ ଚୋପା ଛଡାଇ ମଞ୍ଜି ବାହାର କରି କୋରଣାରେ କୋରନ୍ତୁ। ଏହା କୋରାରୁ ଚିପୁଡି ପାଣି ବାହାର କରି ସେଥିରେ ବେସନ ମିଶାଇ ଜନ୍ତଣି ପ୍ରସ୍ତୁତ କରନ୍ତୁ। ଏହି ଜନ୍ତଣିରୁ ଗୁଳା ବନାଇ ସେଥିରେ ନଡିଆ ପୁର ଦେଇ ମଣ୍ଡା ପିଠା ଗଢନ୍ତୁ। ଏହାକୁ ସିଝା ପ୍ରସ୍ତୁତ କରନ୍ତୁ ଲାଉ ମଣ୍ଡା । ଏହା ବେଶ୍ ସ୍ୱାଦିଷ୍ଟ ସହିତ ସ୍ୱାସ୍ଥ୍ୟକର ହୋଇଥାଏ ।

## ବିଦ୍ୟାଳୟରେ ନାଁ ଲେଖାଇଲେ ଗାଈ

ଫ୍ରାନ୍ସର ଏକ ଗାଁର ପ୍ରାଥମିକ ବିଦ୍ୟାଳୟରେ ଏକ ଅଜବ ଘଟଣା ଘଟିଛି, ଏଠାରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଉଥିବା ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଏଠାରେ ଥିବା ଏକ ସ୍କୁଲରେ ଛାତ୍ର ସଂଖ୍ୟା କମିଯିବା କାରଣରୁ ସ୍କୁଲଟି ବନ୍ଦ ହେବା ପରିସ୍ଥିତିକୁ ଚାଲିଆସିଥିଲା । ନିୟମ ଅନୁଯାୟୀ ସେଠାରେ ଅତିକମରେ ୧୦୦ ଜଣ ଛାତ୍ର ରହିବା ଆବଶ୍ୟକ ଥିବାବେଳେ, ମାତ୍ର ୯୬ ଜଣ ପିଲା ଥିବାରୁ କର୍ତ୍ତୃପକ୍ଷ ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ୪ ଜଣ ପିଲାଙ୍କ ଅଭାବରୁ ନିଜ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଚାଲିଯିବା ଭୟରେ ଗ୍ରାମବାସୀମାନେ ଏକ ଅଭିନବ ଉପାୟ ପାଞ୍ଚିଥିଲେ। ସେମାନେ ସ୍କୁଲରେ ୫ଟି ଗାଈଙ୍କୁ ଆଣି ସେମାନଙ୍କର ନାଁ ଲେଖାଇଥିଲେ । ଯାହାଫଳରେ ଛାତ୍ର ସଂଖ୍ୟା ୧୦୦ରୁ ଅଧିକ ହୋଇଗଲା ଏବଂ ସ୍କୁଲଟି ବନ୍ଦ ହେବାରୁ ବଞ୍ଚିଗଲା । ଏହି ଗାଈମାନଙ୍କୁ ଅବୋଣ୍ଡାନ୍ସ, ଅମାଣ୍ଡିନ୍, ଏବେଇଲ୍, ଅର୍ଲେଟ୍ ଏବଂ ଏମସେଲ୍ ଭଳି ଆକର୍ଷଣୀୟ ନାମ ଦିଆଯାଇଥିଲା । ବିଶେଷ କଥା ହେଉଛି, ସ୍ଥାନୀୟ ମେୟର ନିଜେ ଏହି ଗାଈମାନଙ୍କର ଆଡମିଶନ ଫର୍ମ ପୂରଣ କରି ସ୍କୁଲରେ ଜମା କରିଥିଲେ ।




## ପିସିଙ୍କ ପ୍ରଶଂସା



ପ୍ରିୟଙ୍କା ଚୋପ୍ରା ଏବେ ବଲିଉଡର ସୁପରହିଟ୍ ଫିଲ୍ମ 'ଧୁରନ୍ଧର: ଦ ରିଭେଞ୍ଜ'ର ସଫଳତାକୁ ନେଇ ବେଶ୍ ଉତ୍ସାହିତ ଥିବା ଜଣାପଡିଛି । ନିଜର ଆଗାମୀ ଚଳଚ୍ଚିତ୍ର 'ବାରାଣସୀ'ର ସୁଟିଂ ଏବଂ 'ଦ ବ୍ଲଫ୍'ର ପ୍ରମୋଶନ ପାଇଁ ଭାରତରେ ଅଛନ୍ତି ପିସି । ଏହାରି ଭିତରେ ସେ ରଣବୀର ସିଂଙ୍କୁ ପ୍ରଶଂସା କରୁଥିବା ନଜରକୁ ଆସିଛି । ନିଜ ଇନଷ୍ଟାଗ୍ରାମ ଷ୍ଟୋରି ମାଧ୍ୟମରେ ଫିଲ୍ମର ପୋଷ୍ଟର ସେୟାର କରି ପ୍ରିୟଙ୍କା ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ସମେତ ଅଭିନେତା ରଣବୀର ସିଂ, ଅର୍ଜୁନ ରାମପାଲ, ଆର. ମାଧବନ ଓ ସଞ୍ଜୟ ଦତ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆଦିତ୍ୟ ଧରଙ୍କୁ ଜଣେ ଲକ୍ଷ୍ୟଧାରୀ ବ୍ୟକ୍ତି ଭାବେ ବର୍ଣ୍ଣନା କରିବା ସହ 'ଧୁରନ୍ଧର' ଚଳଚ୍ଚିତ୍ରକୁ ସେ ଏକ "ରିଭୋଲେସନ" ବୋଲି କହି ସମସ୍ତ କଳାକାରଙ୍କୁ ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ ଯେ, ରଣବୀର ଓ ପ୍ରିୟଙ୍କା ପୂର୍ବରୁ 'ବାଜିରାଓ ମସ୍ତାନୀ' ଓ 'ଗୁଣ୍ଡେ' ଭଳି ଅନେକ ଫିଲ୍ମରେ ଏକାଠି କାମ କରି ସାରିଛନ୍ତି । ଅନ୍ୟପଟେ ପ୍ରିୟଙ୍କାଙ୍କୁ ଖୁବଶୀଘ୍ର ଏସ.ଏସ. ରାଜାମୌଳିଙ୍କ ବହୁପ୍ରତିକ୍ଷିତ ଚଳଚ୍ଚିତ୍ର 'ବାରାଣସୀ'ରେ ମହେଶ ବାବୁଙ୍କ ସହ ଦେଖିବାକୁ ମିଳିବ, ଯାହାର ସୁଟିଂ ଆସନ୍ତା ଜୁନ୍ ୨୦୨୬ ସୁଦ୍ଧା ଶେଷ ହେବାକୁ ଯାଉଛି ।

## ଅଫିସ୍ ଚେୟାର ରେସ୍

ଜାପାନର କ୍ୟୋଟୋ ସହରରେ ଆୟୋଜିତ ହେଉଛି ଏକ ଅଦ୍ଭୁତ ତଥା ରୋମାଞ୍ଚକର କ୍ରୀଡ଼ା ପ୍ରତିଯୋଗିତା, ଯାହାର ନାମ ହେଉଛି 'ଇସୁ-୧ ଗ୍ରାଣ୍ଡ ପ୍ରିକ୍ସ' । ଯାହାକୁ ସୋସିଆଲ ମିଡିଆରେ ଅଫିସ ଚେୟାର ରେସର ନାମ ଦିଆଯାଇଛି । ଏହି ଦୁଇ ଘଣ୍ଟିଆ ଏଣ୍ଡୁରାନ୍ସ ରେସ୍‌ରେ ପ୍ରତିଯୋଗୀମାନେ କୌଣସି କାର୍ କିମ୍ବା ବାଇକ୍‌ରେ ନୁହେଁ, ବରଂ ଅଫିସ୍‌ରେ ବ୍ୟବହାର ହେଉଥିବା ଚକଲଗା ଚେୟାର୍‌ରେ ବସି ପଛକୁ ଗୋଡ଼ ମାରି ଦୌଡୁଥିବାର ଦେଖିବାକୁ ମିଳିଥାଏ। ୨୦୧୦ ମସିହାରୁ ଆରମ୍ଭ ହୋଇଥିବା ଏହି ଖେଳରେ ଏବେ ଜାପାନର ବିଭିନ୍ନ ସହରରୁ ଶତାଧିକ ଦଳ ଅଂଶଗ୍ରହଣ କରୁଛନ୍ତି। ନିୟମ ଅନୁଯାୟୀ, ପ୍ରତି ଦଳରେ ୩ ଜଣ ସଦସ୍ୟ ରହୁଥିବା ବେଳେ ସେମାନଙ୍କୁ ଦୁଇ ଘଣ୍ଟା ମଧ୍ୟରେ ସର୍ବାଧିକ ଥର ନିର୍ଦ୍ଧାରିତ ପଥ ଅତିକ୍ରମ କରିବାକୁ ପଡ଼ିଥାଏ। ଏହି ପ୍ରତିଯୋଗିତାଟି ଦେଖିବାକୁ ଯେତିକି ମଜାଦାର, ଏଥିପାଇଁ ସେତିକି ଶାରୀରିକ ପରିଶ୍ରମର ମଧ୍ୟ ଆବଶ୍ୟକତା ପଡ଼ିଥାଏ । ବିଜେତା ଦଳକୁ ପୁରସ୍କାର ସ୍ୱରୂପ କୌଣସି ଟ୍ରଫି କିମ୍ବା ଅର୍ଥ ନୁହେଁ, ବରଂ ୯୦ କିଲୋଗ୍ରାମର ସ୍ଥାନୀୟ ଉନ୍ନତମାନର ଚାଉଳ ପ୍ରଦାନ କରାଯାଉଛି। ଏହି ଅଭିନବ ପ୍ରତିଯୋଗିତା ଜାପାନର ବ୍ୟବସାୟିକ ଅଞ୍ଚଳଗୁଡ଼ିକରେ ଉତ୍ସାହ ଭରିବା ସହ ପର୍ଯ୍ୟଟକଙ୍କୁ ମଧ୍ୟ ବେଶ୍ ଆକର୍ଷିତ କରୁଛି ।



## ଚପଲ ପିନ୍ଧିବା ମନା

ଆମେରିକାର କାଲିଫର୍ଣ୍ଣିଆରେ ଜଣେ ବ୍ୟକ୍ତି ନିଜର ନିୟମ ଓ କାନୁନରେ ଚାଲୁଥିବା ଏକ ଅଜବ ଦେଶ ଗଠନ କରିଛନ୍ତି, ଯାହାର ନାମ 'ସ୍ଲୋଜମାସ୍ତାନ' ରଖାଯାଇଛି । ବିଶ୍ୱ ଭ୍ରମଣର ଇଚ୍ଛା ରଖିଥିବା ରେଡିଓ ଜକି ରେଣ୍ଡି ୱିଲିୟମ୍ସ କୋଭିଡ ଲକଡାଉନ ସମୟରେ ଏଭଳି ଏକ ନିଆରା ପଦକ୍ଷେପ ନେଇଥିଲେ । ୨୦୨୧ ମସିହାରେ ପ୍ରାୟ ୧୬ ଲକ୍ଷ ଟଙ୍କା ବ୍ୟୟରେ ମରୁଭୂମିରେ ଜମି କିଣି ଏହାକୁ ଏକ ସ୍ୱତନ୍ତ୍ର ଦେଶ ଭାବେ ଘୋଷଣା କରିଥିଲେ । ଏହି ଦେଶ ନିଜକୁ ଏକ 'ଏକଛତ୍ରବାଦୀ ଦେଶ' ବୋଲି କହୁଥିବା ବେଳେ ଏଠାରେ କ୍ରକ୍ସ ସ୍ୟାଣ୍ଡେଲ ପିନ୍ଧିବା ଏବଂ ଇମେଲରେ ରାପ୍ଲାଏ ଅଲ କରିବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଏପରିକି କେବଳ ଗରମ ଟାକୋସ ନେବା ସମୟରେ ହିଁ ଗାଡ଼ି ଦ୍ରୁତ ଗତିରେ ଚଲାଇବାକୁ ଅନୁମତି ରହିଛି । ବର୍ତ୍ତମାନ ସୁଦ୍ଧା ବିଶ୍ୱର ୧୨୦ଟି ଦେଶର ପ୍ରାୟ ୨୫ ହଜାରରୁ ଅଧିକ ଲୋକ ଏହି ଦେଶର ନାଗରିକତା ଗ୍ରହଣ କରିସାରିଥିବା ବେଳେ ଏହି ଦେଶ ନିଜସ୍ୱ ପାସପୋର୍ଟ ଏବଂ ମୁଦ୍ରା ମଧ୍ୟ ଜାରି କରୁଛି, ଯାହା ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି ।





**ମେଷ:** ଯାତ୍ରାରେ ଶୁଭ, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ଶତ୍ରୁତା, ଶରୀର କଷ୍ଟ, ବନ୍ଧୁଲାଭ, କର୍ମକ୍ଷେତ୍ରେ ସଫଳ, ମାମଲା ସମାଧାନ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ।

**ବୃଷ:** ଶତ୍ରୁରେ ବିଜୟ, ନୂତନ ନିଯୁକ୍ତି, ବ୍ୟବସାୟ ବୃଦ୍ଧି, ଗୃହେ ଶତ୍ର ତା, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଅର୍ଥପ୍ରାପ୍ତି, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ମହାଲକ୍ଷ୍ମୀ।

**ମିଥୁନ:** ଶତ୍ରୁ ବୃଦ୍ଧି, କର୍ମରେ ଅଶାନ୍ତି, ବନ୍ଧୁଲାଭ, ଦୂରଯାତ୍ରା, ଶୁଭସମାଚାର, ଅର୍ଥ ସମସ୍ୟା, କାର୍ଯ୍ୟରେ ଅସଫଳ, ଶରୀର ଅସୁସ୍ଥ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା- ଗ୍ରାମଦେବତୀ।

**କର୍କଟ:** ଯନ୍ତ୍ରଣା ବୃଦ୍ଧି, କାର୍ଯ୍ୟରେ ସମସ୍ୟା, ପାରିବାରିକ ସାହାଯ୍ୟ, ଯାତ୍ରାରେ ସତର୍କ, ଶତ୍ରୁ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ନୂତନ କର୍ମେ ଲାଭ, ଅର୍ଥଲାଭ, ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ଭଗବାନ ବିଷ୍ଣୁ।

**ସିଂହ:** କାର୍ଯ୍ୟରେ ସଫଳ, ଦୂରଯାତ୍ରା, ନୂତନ ନିଯୁକ୍ତି, କର୍ମକ୍ଷେତ୍ରେ ଶାନ୍ତି, ପାରିବାରିକ ସମସ୍ୟା, ସନ୍ତାନ ଚିନ୍ତା, ବିଦ୍ୟାରେ ସଫଳ, ଅର୍ଥଲାଭ, ଗାଡ଼ିଚାଳନାରେ ସାବଧାନତା, ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା- ଲକ୍ଷ୍ମୀନାରାୟଣ।

**କନ୍ୟା:** ବନ୍ଧୁମିଳନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିବାଦ ସମାଧାନ, ମାନସିକ ଶାନ୍ତି, ଯାତ୍ରାରେ ସତର୍କତା, ଶରୀର ସୁସ୍ଥ, ପୁରାତନ କାର୍ଯ୍ୟରେ ସମସ୍ୟା, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା- ମା' ବିମଳା।

**ତୁଳା:** ଶୁଭକାର୍ଯ୍ୟରେ ଧନବ୍ୟୟ, ସମ୍ପର୍କରେ ଉନ୍ନତି, ଶରୀର ସୁସ୍ଥ, ଦେବକାର୍ଯ୍ୟରେ ଆନନ୍ଦ, ସନ୍ତାନ ଲାଭ, ଦ୍ରବ୍ୟଲାଭ, ମାନସିକ ଶାନ୍ତି, ବିଦ୍ୟାରେ ସଫଳ, ଶୁଭଖବର, ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ପ୍ରଭୁ ଆଶୁତୋଷ ।

**ବିଛା:** ମାନସିକ କେଳଶ, ବନ୍ଧୁଲାଭ, ସମ୍ପର୍କ ହାନି, କାର୍ଯ୍ୟରେ ଶତ୍ରୁତା, ସନ୍ତାନ ସମସ୍ୟା, ଅର୍ଥଲାଭ, ସମ୍ପତ୍ତି ସମସ୍ୟା, ମୋକଦ୍ଦମାରେ ବିଜୟ, ଶୁଭସମାଚାର, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** ସମ୍ମାନ ବୃଦ୍ଧି, ଅର୍ଥଲାଭ, ବନ୍ଧୁ ଦର୍ଶନ, ବାଣିଜ୍ୟେ ଉନ୍ନତି, କାର୍ଯ୍ୟବ୍ୟସ୍ତତା, ଶରୀର ଅସୁସ୍ଥ, ଯାତ୍ରାରେ ସମସ୍ୟା, ଭ୍ରାତୃ ସ୍ନେହ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ପ୍ରତିକାର-ମା' ଗୌରୀ।

**ମକର:** ମାନସିକ ଖୁସି, ବନ୍ଧୁସମସ୍ୟା, ଦ୍ରବ୍ୟଲାଭ, କର୍ମକ୍ଷେତ୍ରେ ଲାଭ, ଜମିଜମା ଗଣ୍ଡଗୋଳ, ପାରିବାରିକ ଖୁସି, ଶୁଭଖବର, ସନ୍ତାନଲାଭ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୮, ଆରାଧନା- ମା' ବଗଳାମୁଖୀ।

**କୁମ୍ଭ:** ମାନସିକ ଶାନ୍ତି, ବନ୍ଧୁଲାଭ, କର୍ମକ୍ଷେତ୍ରେ ଶାନ୍ତି, କାର୍ଯ୍ୟରେ ଶତ୍ରୁତା, ସମ୍ମାନଲାଭ, ଶୁଭଖବର, ଦୂରଯାତ୍ରା, ସନ୍ତାନଖୁସି, ଶତ୍ରୁ ପରାଜିତ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୪, ଆରାଧନା- ମା' ଦକ୍ଷିଣକାଳୀ।

**ମୀନ:** କାର୍ଯ୍ୟରେ ସଫଳ, ଦୂରଯାତ୍ରା, ଶରୀର କ୍ଳେଶ, ସମ୍ପତ୍ତି ବିବାଦ, କର୍ମକ୍ଷେତ୍ରେ ସ୍ଥାନାନ୍ତର, ବନ୍ଧୁବିଦ୍ରୋହ, ଅର୍ଥଲାଭ, ଗୃହେ ସମସ୍ୟା, ମାନସିକ ଅଶାନ୍ତି, ବିଦ୍ୟାରେ ଅସଫଳ, ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମା' ମାଣିକେଶ୍ୱରୀ।

**ବୈଶାଖ କୃଷ୍ଣପକ୍ଷ, ଦ୍ୱିତୀୟା**

**୪.୪.୨୦୨୬ ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ପରିଚାଳନା ପରିଷଦର ବୈଠକ

ଭୁବନେଶ୍ୱର, (ସବ୍ୟୁ): ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର( ଏନସିଡିଏସ୍,ଓଡ଼ିଶା) ର ୩୬ତମ ପରିଚାଳନା ପରିଷଦ ( ବୋର୍ଡ ଅଫ୍ ଗଭର୍ଣ୍ଣର୍ସ) ବୈଠକ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ବୋର୍ଡର ଅଧକ୍ଷ



ତଥା ଉନ୍ନୟନ ଆୟୁକ୍ତ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ଏନସିଡିଏସ୍‌ର ପ୍ରତିଷ୍ଠାନଗତ ଦୃଷ୍ଟିକୋଣକୁ ଶକ୍ତିଶାଳୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି । ଓଡ଼ିଶାର ବିକାଶମୂଖୀ ପ୍ରାଥମିକତା କୁ ଦୃଷ୍ଟିରେ ରଖି ଏହି ଅନୁଷ୍ଠାନକୁ ଏକ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ଏକ ଦୂରଦୃଷ୍ଟିମୂଳକ ସହମତି ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଏନସିଡିଏସ୍ ପରିଚାଳନା ପରିଷଦର ସଦସ୍ୟ ସଦସ୍ୟାଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଅନୁଷ୍ଠାନ, ନୀତି ନିର୍ଦ୍ଧାରଣ କରୁଥିବା ସଂସ୍ଥାଗୁଡ଼ିକରୁ ବରିଷ୍ଠ ଏବଂ ଅଭିଜ୍ଞ ଶିକ୍ଷାବିତ୍ ସରକାରୀ ପଦାଧିକାରୀ ଓ ନୀତି ନିର୍ଦ୍ଧାରକମାନେ ଯୋଗଦେଇଥିଲେ । ଉପସ୍ଥିତ ଥିବା ସଦସ୍ୟ ସଦସ୍ୟାମାନଙ୍କ ମଧ୍ୟରେ ଏନସିଡିଏସ୍ ର ନିର୍ଦ୍ଦେଶକ ତଥା ପରିଷଦର ଆବାହକ ଏବଂ ସଚିବ ପ୍ରକାଶ ଚନ୍ଦ୍ର ମହାନ୍ତି, ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ; ପ୍ରଫେସର ବିଧୁ ଭୂଷଣ ମିଶ୍ର, କୁଳପତି, ସମ୍ବଲପୁର ବିଶ୍ୱବିଦ୍ୟାଳୟ; ପ୍ରଫେସର ଉଦୟ ଶଙ୍କର ମିଶ୍ର, ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ପପୁଲେସନ ସାଇନ୍ସେସ୍, ମୁମ୍ବାଇ; ପ୍ରଫେସର ନବନୀତା ରଥ, ପୂର୍ବତନ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ; ପ୍ରଫେସର ସଂଘମିତ୍ରା ଶୀଳ ଆଚାର୍ଯ୍ୟ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ; ପ୍ରଫେସର ଉମାକାନ୍ତ ଦାଶ, କୁଳପତି, ଗୋଖଲେ ଇନଷ୍ଟିଚ୍ୟୁଟ ଅଫ ପଲିଟିକ୍ସ ଆଣ୍ଡ ଇକନୋମିକ୍ସ, ପୁଣେ; ଡଃ ନିତିନ କୁମାର, ଆଇସିଏସଏସଆର, ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର; ଶ୍ରୀ ସମ୍ବିତ ତ୍ରିପାଠୀ, ସିଏମଡି, ଲାଇଭଲିହୁଡ୍ ଆଲ୍ଟର୍ନେଟିଭ୍, ଭୁବନେଶ୍ୱର ଏବଂ ପ୍ରଶାନ୍ତ କୁମାର ମିଶ୍ର , ଅର୍ଥ ବିଭାଗର ପ୍ରତିନିଧି ସହିତ ଏନସିଡିଏସ୍‌ର ସମ୍ମାନନୀୟ ଅଧ୍ୟାପକମାନେ ଯୋଗଦେଇଥିଲେ ।

## 'ଇଣ୍ଡିଆ ସ୍କିଲ୍ସ' ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ 'ଟିମ୍ ଓଡ଼ିଶା'ର ଶ୍ରେଷ୍ଠ ପ୍ରଦର୍ଶନ

# 'ଟିମ୍ ଓଡ଼ିଶା'କୁ ୧୫ଟି ସ୍ୱର୍ଣ୍ଣ ସହ ମୋଟ ୫୭ ପଦକ

ଭୁବନେଶ୍ୱର (ସବ୍ୟୁ): 'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। 'ଟିମ୍ ଓଡ଼ିଶା' ଏହି ପ୍ରତିଯୋଗିତାରେ ୧୫ଟି ସ୍ୱର୍ଣ୍ଣ ସହ ମୋଟ ୫୭ଟି ପଦକ ହାସଲ କରି ଚାମ୍ପିୟନ ହୋଇଛି। ଗୁରୁବାର ଦିନ ଗ୍ରେଟର ନୋଏଡାର 'ଇଣ୍ଡିଆ ଏକ୍ସପୋ ସେଣ୍ଟର'ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଫଳ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। 'ଇଣ୍ଡିଆ ସ୍କିଲ୍ସ'ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି। "ଇଣ୍ଡିଆ ସ୍କିଲ୍ସ ଭଳି ଜାତୀୟସ୍ତରୀୟ ପ୍ରତିଯୋଗିତାରେ 'ଟିମ୍ ଓଡ଼ିଶା' ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏହା ଆମ ରାଜ୍ୟ ପାଇଁ ଗୌରବର ବିଷୟ। ଏହି ସଫଳତା ପଛରେ ଆମ ରାଜ୍ୟର ଦକ୍ଷ ପ୍ରଶିକ୍ଷଣ ପ୍ରଣାଳି, ମେଣ୍ଟରସିପ୍ ଏବଂ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ରର ଦୃଢ଼ ସହଯୋଗର ପ୍ରତିଫଳନ ଦେଖିବାକୁ ମିଳିଛି। ଏହା ଯୁବପିଢ଼ିଙ୍କ ଦକ୍ଷତାକୁ ଆହୁରି ଶାଣିତ କରିବା ସହ ସେମାନଙ୍କୁ ଭବିଷ୍ୟତର ନେତୃତ୍ୱ




ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେଉଛି," କହିଛନ୍ତି ମାନ୍ୟବର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ।

'ଟିମ୍ ଓଡ଼ିଶା'ର ପ୍ରତିଯୋଗୀମାନେ ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଭାଗୀୟ କମିଶନର ତଥା ସଚିବ ଶ୍ରୀ ଭୁପେନ୍ଦ୍ର ସିଂ ପୁନିଆ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର ମଧ୍ୟ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। 'ଇଣ୍ଡିଆ ସ୍କିଲ୍ସ୨୦୨୫-୨୬' ପ୍ରତିଯୋଗିତାରେ ଓଡ଼ିଶାରୁ ୯୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣ ସ୍ୱର୍ଣ୍ଣ, ୧୨ ଜଣ ରୌପ୍ୟ ଏବଂ ୧୪ ଜଣ ପ୍ରତିଯୋଗୀ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ୧୬ ଜଣଙ୍କୁ 'ମେଡାଲିୟନ୍ସ ଫର ଏକ୍ସଲେନ୍ସ' ପୁରସ୍କାର ପ୍ରଦାନ କରାଯାଇଛି। ଚଳିତବର୍ଷ ନାସନାଲ ସ୍କିଲ ଡେଭଲପମେଣ୍ଟ କାଉନ୍ସିଲ (ଏନଏସଡିସି) ପକ୍ଷରୁ 'ଇଣ୍ଡିଆ ସ୍କିଲ୍ସ' ପ୍ରତିଯୋଗିତା ଦେଶର ୫ଟି କେନ୍ଦ୍ରରେ ଆୟୋଜନ କରାଯାଇଥିଲା। ସେଥିରୁ ଓଡ଼ିଶା, ଗୁଜରାଟ, ତାମିଲନାଡୁ ଓ କର୍ଣ୍ଣାଟକର ଅଫସାଇଟ୍ କେନ୍ଦ୍ର ଏବଂ ଗ୍ରେଟର ନୋଏଡାରେ ଗୋଟିଏ ଅନସାଇଟ୍ କେନ୍ଦ୍ରରେ ପ୍ରତିଯୋଗିତାଗୁଡ଼ିକ ଆୟୋଜିତ ହୋଇଥିଲା।

ଦେଶର ଯୁବପିଢ଼ିଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ବଡ଼ ପ୍ଲାଟଫର୍ମ ହେଉଛି 'ଇଣ୍ଡିଆ ସ୍କିଲ୍ସ' ପ୍ରତିଯୋଗିତା। ଏଥିରେ ବିଶ୍ୱ ଦକ୍ଷତା କେନ୍ଦ୍ର ସହିତ ରାଜ୍ୟର ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ରର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ଅଭିନବ କୌଶଳ ପ୍ରଦର୍ଶନ କରିଥିଲେ। 'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' ପ୍ରତିଯୋଗିତା ମାର୍ଚ୍ଚ ୨୯ ତାରିଖରୁ ଆରମ୍ଭ ହୋଇଥିଲା। ଏହି ୫ ଦିନିଆ ପ୍ରତିଯୋଗିତାରେ ସାରା ଭାରତର ବିଭିନ୍ନ ଦକ୍ଷତା ପ୍ରତିଷ୍ଠାନରୁ ୬୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜୁରି ସଦସ୍ୟ ଏବଂ ୱାର୍ଲ୍ଡ ସ୍କିଲ୍ସ ବିଶେଷଜ୍ଞମାନେ ବିଭିନ୍ନ କେନ୍ଦ୍ରରେ ଲାଇଭ୍ ପ୍ରଦର୍ଶନ ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କର ମୂଲ୍ୟାଙ୍କନ କରିଥିଲେ। 'ଇଣ୍ଡିଆ ସ୍କିଲ୍ସ'ରେ କନଷ୍ଟ୍ରକ୍ସନ ଆଣ୍ଡ ବିଲ୍ଡିଂ ଟେକ୍ନୋଲୋଜି, ସାଇବର ସିକ୍ୟୁରିଟି, କ୍ରିଏଟିଭ ଆର୍ଟ ଆଣ୍ଡ ଫ୍ୟାସନ, ଇନଫରମେସନ୍ ଆଣ୍ଡ କମ୍ୟୁନିକେସନ ଟେକ୍ନୋଲୋଜି, ମୋବାଇଲ ଆପ୍ଲିକେସନ୍ ଭଳି ୫୦ଟି ସ୍କିଲରେ ଓଡ଼ିଶାର ପ୍ରତିଯୋଗୀମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନେ ସେପ୍ଟେମ୍ବର ମାସରେ ଚୀନର ସାଙ୍ଘାଇଠାରେ ହେବାକୁ ଥିବା 'ୱାର୍ଲ୍ଡ ସ୍କିଲ୍ସ' ପ୍ରତିଯୋଗିତାରେ ଭାଗ ନେବେ।

# ହୋଟେଲ ସ୍ୱପ୍ନା ଇନ୍ ବୋମାମାଡ଼ ଘଟଣା : ମୁଖ୍ୟ ଅଭିଯୁକ୍ତ ଗିରଫ

ପୁରୀ, (ସବ୍ୟୁ): ଗତ ଫେବୃଆରୀ ୧୦ ତାରିଖ ଦିନ ବଳିଆପଣ୍ଡା ଥାନା ଅଧୀନ ଲାଇଟ୍ ହାଉସ ଛକ ହୋଟେଲ ସ୍ୱପ୍ନା ଇନ୍ ସମ୍ମୁଖରେ ଘଟିଥିବା ବୋମା ମାଡ଼ ଘଟଣାରେ ବଳିଆପଣ୍ଡା ଥାନା ଶୁକ୍ରବାର ଦିନ ମୂଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ପରିଚୟ ହେଲା ବାପୁନି ଓରଫ ସୁରେନ୍ଦ୍ର ନାୟକ (୩୧) । ତାର ଘର ଏହି ଥାନା ଅଧୀନ ବଳିଆପଣ୍ଡା ଶାନ୍ତି ଗେଷ୍ଟ ହାଉସ ପଛ ଲେନ ଅଟେ। ଏହି ଘଟଣାରେ ପୋଲିସ ପର୍ବରୁ ୬ ଜଣ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ଆଜି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପୁରୀ ଏସପି ପ୍ରତୀକ ସିଂ କହିଛନ୍ତି ଯେ ଗତ ଫେବୃଆରୀ ମାସ ୧୦ ତାରିଖ ରାତ୍ର ୧୦ ଟା ବେଳେ ବିରଳା ଛକ, ଗୌଡ଼ବାଡ ସାହିର ସିବୁନା ପଲେଇ ତାଙ୍କ ସ୍ୱପ୍ନା ଇନ୍ ହୋଟେଲ ସମ୍ମୁଖରେ ଛିଡ଼ା ହୋଇ ଥିବା ବେଳେ ଦୁଇ



ଜଣ ଅଜଣା ଯୁବକ ଏକ ସ୍କୁଟିରେ ଆସି ତାଙ୍କୁ ଜୀବନରେ ମାରି ଦେବା ଉଦ୍ଦେଶ୍ୟରେ ଲକ୍ଷ କରି ଦୁଇ ଗୋଟି ବୋମା ମାଡ କରି ଥିଲେ। ତେବେ ସୌଭାଗ୍ୟ ବଶତଃ ବୋମା ସିବୁନା ଦେହରେ ବାଜି ନ ଥିଲା। ସେ ରକ୍ଷା ପାଇ ଯାଇ ଥିଲେ। ଏନେଇ ସିବୁଣା ବଳିଆ ପଣ୍ଡା ଥାନାରେ ଲିଖିତ ଏତଲା ଦାଏର କରି ଥିଲେ। ତାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା। ତଦନ୍ତ ସମୟରେ ଦାଦା ବଟିକୁ ନେଇ ଏହି ବୋମା ମାଡ଼ ଘଟଣା ଘଟି ଥିବା କହିଛନ୍ତି ଏସପି ଶ୍ରୀ ସିଂ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ର ଓ ବଳିଆ ପଣ୍ଡା ଥାନା ଆଇଆଇସି ସୁନିଲ କୁମାର ଯାଦବ ଉପସ୍ଥିତ ଥିଲେ।

## ଅଜଣା ଗାଡି ଧକ୍କାରେ ବାଇକ ଆରୋହି ମୃତ

ଗଣିଆ,(ସବ୍ୟୁ): ଗଣିଆ ଥାନା ଅନ୍ତର୍ଗତ ମାଉଣ୍ଟେନ ଭିୟୁ ହୋଟେଲ ନିକଟରେ ଶୁକ୍ରବାର ଅପରାହ୍ନ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି । ଏକ ଅଜଣା ଗାଡି ଧକ୍କାରେ ପଞ୍ଚାନନ ଭୂଇଁଆ( ୫୨)ଙ୍କ ଅକାଳ ବିୟୋଗ ଘଟିଥିଲା । ମୃତ ବ୍ୟକ୍ତି ଜଣକ ଅନୁଗୁଳ ଜିଲ୍ଲା ବିଜୁଗୋଲ ଅଞ୍ଚଳର ପଞ୍ଚାନନ ଭୂୟାଁ ବୋଲି ଚିହ୍ନଟ କରାଯାଇଥିଲା । ପଞ୍ଚାନନ ନିଜ ବାଇକରେ ଯାଉଥିବା ସମୟରେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା ।

## ଆମ ପୋଷାକ ଆମ ପରିଚୟ : ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଟେକ୍ନୋଲୋଜିରେ

# ଫ୍ୟାସନ ଶୋ ଓ ହ୍ୟାଣ୍ଡଲୁମ୍ ପ୍ରଦର୍ଶନୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଛି ଓଡ଼ିଆ ପକ୍ଷ। ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଓ ତୃତୀୟ ଦିନ ଅର୍ଥାତ୍ ଏପ୍ରିଲ ୨ ଓ ୩ ତାରିଖକୁ ପାରମ୍ପରିକ ପୋଷାକ ପରିଧାନ ଦିବସ "ଆମ ପୋଷାକ ଆମ ପରିଚୟ" ଦିବସ ଭାବେ ପାଳନ କରାଯାଉଛି। ଆଜି "ଆମ ପୋଷାକ ଆମ ପରିଚୟ" ଦିବସ ପାଳନ ଅବସରରେ ବରଗଡ଼ ଜିଲ୍ଲା ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଟେକ୍ନୋଲୋଜିରେ ଫ୍ୟାସନ ଶୋ ଓ ହ୍ୟାଣ୍ଡଲୁମ୍ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।ଆଜିର କାର୍ଯ୍ୟକ୍ରମରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଟେକ୍ନୋଲୋଜିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପାରମ୍ପରିକ ଓ ସମ୍ବଲପୁରୀ ପୋଷାକ ପ୍ରଦର୍ଶନୀ ଆୟୋଜିତ ହେବା ସହ ଫ୍ୟାସନ୍ ଶୋ ରେ ଛାତ୍ରଛାତ୍ରୀମାନେ ପାରମ୍ପରିକ ପୋଷାକ ପରିଧାନ କରି ଓଡ଼ିଶାର ହସ୍ତତନ୍ତର ସ୍ୱତନ୍ତ୍ରତା ଓ ବୟନ ଅସ୍ମିତାକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରିଥିଲେ।

"ଓଡ଼ିଆ ପାରମ୍ପରିକ ପୋଷାକକୁ ବିଶ୍ୱବିଦିତ କରିବା ସହ ନିଜର ଦୈନନ୍ଦିନ ଜୀବନରେ ଏହାକୁ ସାମିଲ କରିବାର ଲକ୍ଷ୍ୟ ନେଇ ପାରମ୍ପରିକ ପୋଷାକ ପ୍ରଦର୍ଶନୀ ଓ ଫ୍ୟାସନ ଶୋ ର ଆୟୋଜନ କରାଯାଇଛି। ଆମ ହସ୍ତତନ୍ତ ଓ ପାରମ୍ପରିକ ପୋଷାକ ଆମ ପରିଚୟ ଏବଂ ଏହାକୁ ନେଇ ଆମେ ଗର୍ବିତ", ବୋଲି ଛାତ୍ରଛାତ୍ରୀମାନେ ମତପ୍ରକାଶ କରିଥିଲେ।

## ଋଣ ଆଦାୟକାରୀ ସଂସ୍ଥାର ୯ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମାତ୍ରାଧିକ କାର୍ଯ୍ୟ ପାଇଁ ଏକ ଋଣ ଆଦାୟକାରୀ ସଂସ୍ଥାର ୯ଜଣଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଥିଲା । କୋର୍ଟଚାଲାଣ ପରେ ସେମାନଙ୍କ ଜାମିନ ହୋଇଛି । ଗିରଫ ୯ଜଣଙ୍କ ମଧ୍ୟରୁ ୪ଜଣ ଯୁବତୀ ଥିଲେ । ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ସିଟି ଇନ୍‌ଭେଷ୍ଟିଗେସନ ଡିଟେକଟିଭ୍ (ସିଆଇଡି) ଏଜେନ୍ସିର ୪ ମହିଳାଙ୍କ ସମେତ ୯ଜଣ କର୍ମଚାରୀ ଏଲ୍‌ଆଇସିରୁ ଋଣ ନେଇଥିବା ଏକ ଇଞ୍ଜିନିୟରିଂ କଲେଜକୁ ଯାଇଥିଲେ । କଲେଜରେ ପରୀକ୍ଷା ଚାଲିଥିବା ବେଳେ ଏମାନେ ମୁଖ୍ୟ ଫାଟକ ବନ୍ଦ କରିବା ସହ ପ୍ଲାକ୍‌କାର୍ଡ ଓ ନାଲି ପତାକା ଧରି ସେଇଠାରେ ହୋହାଲା କରିଥିଲେ । ଏହା ଦେଖି କଲେଜ ମାଲିକ ପୋଲିସକୁ ଫୋନ୍ କରିଥିଲେ । ପୋଲିସ ପହଞ୍ଚି କଲେଜ ପାଖରୁ ୯ଜଣଙ୍କୁ ଥାନାକୁ ଆଣିଥିଲା । କଲେଜ ମାଲିକଙ୍କ ଏତଲା ଅନୁଯାୟୀ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା । ସିଆଇଡିର କାଗଜପତ୍ର ଠିକ୍ ଥିବା ଦେଖି ତାଙ୍କୁ ସାଙ୍ଗେ ସାଙ୍ଗେ ଜାମିନ ମିଳିଥିଲା । ସିଆଇଡି ଏଲ୍‌ଆଇସି, ବ୍ୟାଙ୍କ ଓ ଅନ୍ୟ ବେସରକାରୀ ବ୍ୟାଙ୍କର ଋଣ ଆଦାୟ କରନ୍ତି । ସେଥିପାଇଁ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଅଫିସ୍ କରି କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି ଏଜେନ୍ସିର ମାଲିକ । କଲେଜ ପାଖରୁ ୯ଜଣଙ୍କୁ ଗିରଫ କରିବା ପରେ ପୋଲିସ ସିଆଇଡି ଅଫିସ୍‌ରେ ମଧ୍ୟ ଚଢାଉ କରିଥିଲା ।

## ଆମ ବସ୍ ଧକ୍କାରେ ଅତିରିକ୍ତ ଡିସିପି ଗୁରୁତର

ଭୁବନେଶ୍ୱର, (ସବ୍ୟୁ) : ଆମ ବସ୍ ଧକ୍କା ଦେବାରୁ ଅତିରିକ୍ତ ଡିସିପି କୃଷ୍ଣଚନ୍ଦ୍ର ପାତ୍ର ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଶୁକ୍ରବାର ସକାଳ ୮ଟା ବେଳେ କୃଷ୍ଣଚନ୍ଦ୍ର ତାଙ୍କ ସାଇକେଲ ଯୋଗେ ଭୁବନେଶ୍ୱର କ୍ଲବ୍ ସାମ୍ନା ରାସ୍ତାରେ ଯାଉଥିବା ବେଳେ ଆମ ବସ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ସେ ତଳେ ପଡିଯିବାରୁ ତାଙ୍କ କଲାର ବୋନ୍ ଭାଙ୍ଗିଯିବା ସହ ଶରୀରର ଅନ୍ୟାନ୍ୟ ସ୍ଥାନରେ ଗୁରୁତର ଆଘାତ ମଧ୍ୟ ଲାଗିଛି । ଖବର ପାଇ କ୍ୟାପିଟାଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କୃଷ୍ଣଚନ୍ଦ୍ରଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନେଇଥିଲା ।

15001/4/2627



ଅମର ଶହୀଦ ରଘୁ - ଦିବାକରଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଅପ୍ରେଲ, ୨୦୨୬

ସକାଳ ୮.୩୦ ମିନିଟ୍ :-
ଭୁବନେଶ୍ୱର ୟୁନିଟ୍ ୯, ରୋଡ୍ ନମ୍ବର – ୩ ସ୍ଥିତ
ଶହୀଦ ରଘୁ–ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା ସାଧାରଣ ସଭା ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ
ମାନ୍ୟବର ବିଧାୟକ, ଖୋର୍ଦ୍ଧା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ
ମାନ୍ୟବର ବିଧାୟକ, ଖଣ୍ଡପଡ଼ା

ଅତିଥି ବକ୍ତା
ଶ୍ରୀଯୁକ୍ତ ନାରାୟଣ ମହାପାତ୍ର
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧ୍ୟକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼

ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଯାମିନୀକାନ୍ତ ନାୟକ, ବିଶିଷ୍ଟ ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ–ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR: 15001/15001/2/26-27/0004

15001/5/2627

ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ
ଗୃହଗଣନା ଏବଂ ଗୃହତାଲିକା-୨୦୨୬
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଜୟ ଜଗନ୍ନାଥ !
ପ୍ରିୟ ଭାଇ ଓ ଭଉଣୀମାନେ !

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଓଡ଼ିଶା ସ୍ଥିତ ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି ।

ଓଡ଼ିଶାର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆଗାମୀ ଅପ୍ରେଲ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ, ଅପ୍ରେଲ ୧୬ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ ।

ଏହା ପୂର୍ବରୁ ଅପ୍ରେଲ ୧ ତାରିଖରୁ ଅପ୍ରେଲ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନା କାର୍ଯ୍ୟକ୍ରମ ଜାରି ରହିଛି । ଏଥିରେ ସେଲ୍ଫ ଏନୁମରେସନ୍ ପୋର୍ଟାଲ https://se.census.gov.in ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରୁଛନ୍ତି । ଆପଣମାନଙ୍କୁ ଅନୁରୋଧ, ଆପଣ ଯଦି ଏ ପର୍ଯ୍ୟନ୍ତ ତଥ୍ୟ ଦେଇନାହାନ୍ତି, ତେବେ ଏହି ପୋର୍ଟାଲରେ ନିଜର ତଥ୍ୟ ଦିଅନ୍ତୁ ଏବଂ ଜନଗଣନାରେ ସହଯୋଗ କରନ୍ତୁ ।

ଅପ୍ରେଲ ୧୬ ତାରିଖରୁ ତାଲିମପ୍ରାପ୍ତ ଗଣନାକାରୀମାନେ ଘର-ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଏହି ତଥ୍ୟ ଆମ ରାଜ୍ୟ ତଥା ଦେଶର ଯୋଜନା ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ, ଏହି ତଥ୍ୟ ପ୍ରଦାନ ନିମନ୍ତେ ଆପଣମାନେ ସମସ୍ତେ ସହଯୋଗର ହାତ ବଢାଇ କାର୍ଯ୍ୟକ୍ରମକୁ ସଫଳ କରନ୍ତୁ । ଆମ ସରକାର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି କରିସାରିଛନ୍ତି । ଗଣନାକାରୀ ଆପଣଙ୍କ ଘରକୁ ଯେଉଁ ସମୟରେ ତଥ୍ୟ ସଂଗ୍ରହ କରିବା ପାଇଁ ଯିବେ, ତାଙ୍କୁ ସଠିକ ତଥ୍ୟ ପ୍ରଦାନ କରି, ଆମ ରାଜ୍ୟ ତଥା ଦେଶର ବିକାଶରେ ସହାୟତା କରନ୍ତୁ ।

ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ଜାତୀୟ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଆପଣମାନଙ୍କ ଆନ୍ତରିକ ଯୋଗଦାନ ନିମନ୍ତେ ମୁଁ ଅନୁରୋଧ କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବନ୍ଦେ ଉତ୍କଳ ଜନନୀ !
ବନ୍ଦେ ମାତରମ୍ !

OIPR: 15001/15001/2/26-27/0005



ଭୁବନେଶ୍ୱର ସତ୍ୟନଗର କ୍ୟାଥୋଲିକ୍ ଚର୍ଚ୍ଚରେ ଗୁଡ୍ ଫ୍ରାଇଡେ ପାଳନ

# ଦଳ ବଦଳ କଲେ ସମବାୟ ସଂସ୍ଥାର ସମୃଦ୍ଧି ହୁଏ ନାହିଁ: କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ଉତ୍କଳ ଗୌରବ ମଧୁସୂଦନଙ୍କ ଭାଷାରେ ବ୍ୟକ୍ତିକୁ ଧର୍ମ ଓ ନୈତିକତା ବିଷୟରେ ଶିକ୍ଷା ଦେବା ପୂର୍ବରୁ ତାକୁ ଉନ୍ନତ ଜୀବନ ଶୈଳୀରେ ବଂଚିବାକୁ ସୁଯୋଗ ଦେବା ହିଁ ସମବାୟ । ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି,ସାମଗ୍ରୀକ ବିକାଶ ଏବଂ ଦୁର୍ବଳ ବର୍ଗର ଲୋକମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ସମବାୟ ଅନୁଷ୍ଠାନର ମହତ୍ୱପୂର୍ଣ୍ଣ ଭୂମିକା । ସମବାୟର ସଂଜ୍ଞା, ସ୍ୱରୂ, ଆଭିମୁଖ୍ୟ ଓ ସମବାୟ କ୍ଷେତ୍ରରେ ନିଷ୍ଠା,ସାଧୁତା ପ୍ରତି ଯନିଶୀଳ ହେଲେ ସମବାୟ ସଂସ୍ଥାଗୁଡ଼ିକର ବିକାଶ ହୋଇପାରିବ । ଗଣତନ୍ତ୍ରରେ ବିଭିନ୍ନ ରାଜନୈତିକ ଦଳ ଶାସନକ୍ଷେତ୍ରକୁ ଆସିବା ପରେ ସମବାୟ ସଂସ୍ଥାଗୁଡ଼ିକୁ କ୍ରିୟାଶୀଳ ଓ ସଶକ୍ତ କରୁଥିବା ପ୍ରୟାସ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ପଦକ୍ଷେପ । କେବଳ ଯେ ପାଳିକୁ ପାଳି ସୁବିଧା ଦେଖି ନିଜର ରାଜନୈତିକ ପତିଆରା ଅଭିବୃଦ୍ଧି ଓ ନିଜକୁ ଦୋଷରୁ ମୁକ୍ତି ଓ ସୁରକ୍ଷିତ ରଖିବା ପାଇଁ ସେହି ସଂସ୍ଥାର ଉନ୍ନତି ଓ ସଂସ୍ଥାରେ ନିୟୋଜିତ ଥିବା କର୍ମଚାରୀମାନଙ୍କ ପ୍ରଗତିକୁ ବାଦ୍ ଦେଇ ସଚ୍ଚା ସମବାୟବିତ୍ କହିଲେ କିମ୍ବା ଦଳ ବଦଳ କଲେ ସେହି ସମବାୟବିତ୍‌ମାନଙ୍କ ଦ୍ୱାରା କେବେ ବି ସମବାୟ ସଂସ୍ଥାର ବିକାଶ ହୋଇ ପାରିବନାହିଁ ବୋଲି କଂଗ୍ରେସ ପକ୍ଷରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ।

ପ୍ରଥମେ ସମବାୟବିତ୍ କହିବାକୁ ହେଲେ ଥରେ ନିଜର ଅଭିଜ୍ଞତାକୁ ଉପଲବ୍ଧି କରି ଆତ୍ମ ସମୀକ୍ଷା କରିବା ଉଚିତ୍ । ସଭ୍ୟମାନଙ୍କର ଯୋଗ୍ୟତା ଓ ଅଧିକାରକୁ ବାଦ୍ ଦେଇ ସମବାୟବିତ୍‌ମାନେ ସମବାୟର ଶ୍ରେଷ୍ଠନେତା ବୋଲାଉଛନ୍ତି ବୋଲି ସେ କହିଛନ୍ତି । ସମୟ ଆସିବ ଦଳ ବଦଳକାରୀ ସେହି ସମବାୟବିତ୍‌ମାନଙ୍କୁ ସମବାୟ କ୍ଷେତ୍ରରେ ଯେଉଁ ଉପହାର ପ୍ରଦାନ କରାଯିବ ସେହି ଉପହାର କେବେ ବି ବଜାରରେ ଉପଲବ୍ଧ ହେବା ସମ୍ଭବ ନୁହେଁ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି ।

## ହୋଟେଲରେ ଚଢ଼ାଉ ୪ ଗ୍ୟାସ ସିଲିଣ୍ଡର୍ ଜବତ

ବାଙ୍କୀ ,(ସବ୍ୟୁ): କଟକ ଜିଲ୍ଲାର ବାଙ୍କୀ ଅଞ୍ଚଳର ବିଭିନ୍ନ ହୋଟେଲରେ ଚଢ଼ାଉ କରି ଯୋଗାଣ ବିଭାଗ ୪ଟି ଗ୍ୟାସ ସିଲିଣ୍ଡର ଜବତ କରିଛି । ସିଲିଣ୍ଡର୍ ପିଛା ୨ ହଜାର ଟଙ୍କାରେ ବିକ୍ରି ହେଉଥିବା ଓ ବାଙ୍କୀ ମା ଚର୍ଚ୍ଚିକା ଇଣ୍ଡେନ ଗ୍ୟାସ ଏଜେନ୍ସି ପକ୍ଷରୁ ଲୋକଙ୍କୁ ହଇରାଣ କରା ଯାଉଥିବାର ବହୁ ଉପଭୋକ୍ତା ଅଭିଯୋଗ କରିଥିଲେ । ବାଙ୍କୀ ନୂତନ ଉପ ଜିଲ୍ଲାପାଳ ଘଟଣାକୁ ଗୁରୁତ୍ୱ ଦେଇ ଅସାଧୁ ବ୍ୟବସାୟୀମାନଙ୍କ ଉପରେ ନଜର ରଖି ଚଢାଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଛୁଟି ଦିନରେ ବାଙ୍କୀ ସହକାରୀ ଯୋଗାଣ ଅଧିକାରୀ ପ୍ରଭାତ କୁମାର୍ ସାହୁ ବାଙ୍କୀ ବ୍ଲକ ଯୋଗାଣ ନିରୀକ୍ଷକ ଓ ବାଙ୍କୀ ଡମପଡ଼ା ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ସାଙ୍ଗରେ ଧରି ବାଙ୍କୀ କଲେଜ ରୋଡରେ ଥିବା ଗୋଲୋ଼ନ ପ୍ୟାଲେସ ନାମକ ହୋଟେଲରେ ଚଢାଉ କରିଥିଲେ ।

# ୫ଲକ୍ଷର ବ୍ରାଉନସୁଗର ଜବତ : ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସାଜିଛି ନିଶା ବ୍ୟବସାୟୀଙ୍କ ଚାରଭୂମି। ଆଜି ଛତିପୁର ଅଂଚଳ ରୁ ବ୍ରାଉନସୁଗର ଜବତ ସହ ତିନି ଯୁବକ ଗିରଫ ଘଟଣା ଏହାକୁ ପ୍ରମାଣିତ କରୁଛି। ପୋଲିସ ଓ ଅବକାରୀ ବିଭାଗ ବାରମ୍ବାର ଚଢ଼ାଉ ସତ୍ୱେ ଏହି କାରବାର ରେ ରୋକ ଲାଗି ପାରୁନି। ତେବେ ଛତିପୁର ଖେଳ ପଡିଆ ଠାରୁ ଆନ୍ତଃ ରାଜ୍ୟ ବ୍ରାଉନ ସୁଗାର ବେପାରୀ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି ଗିରଫ ଘଟଣା ଏହାକୁ ସ୍ପଷ୍ଟ କରିଛି। ଜିଲ୍ଲା ପୋଲିସ ର ସମସ୍ତ ଥାନା ଅଂଚଳ କୁ ନିଶା ମୁକ୍ତ କରିବା ପାଇଁ ପଣ କରିଛି। ତେବେ ଛତିପୁର ଖେଳ ପଡିଆ ଠାରେ ଏକ ବ୍ରାଉନସୁଗର ଡିଲ ହେଉଥିବା ବିଶେଷ ସୂତ୍ର ରୁ ପୋଲିସ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ.ପି ବିବେକାନନ୍ଦ ଶର୍ମା ଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ନିହାର





ରଞ୍ଜନ ପ୍ରଧାନ ଓ ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରାଯାଇଥିଲା। ଏହି ଟିମ ସବ ଇନ୍ସପେକ୍ଟର ସୁଜାତା ପଲେଇ ଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ବେପାରୀ ଓ ଗ୍ରାହକ ତିନି ଜଣ ଙ୍କୁ ପୋଲିସ ଗିରଫ କରିଛି। ଗିରଫ ଙ୍କ ମଧ୍ୟ ରେ ଜଟଣୀ ଥାନା ଅନ୍ତର୍ଗତ ତିରିମଲ୍ଲ ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ମହାନ୍ତି ଓରଫ ଗାଣ୍ଡୁ (୪୭) ଏବଂ ଗ୍ରାହକ ଦ୍ୱୟ ହେଲେ ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ବିଜିପୁର ଅଂଚଳ ର ସୁଧୀର ଚୌଧୁରୀ (୨୨) ଓ ମୋଚିସାହି ର ସେକ୍ ଆସିଫ ଓରଫ ପଠାଣ(୨୧) । ଏଥି ସହିତ ଅଭିଯୁକ୍ତ ଠାରୁ ବୁଲେଟ,ତିନୋଟି ମୋବାଇଲ ଫୋନ୍ ଜବତ ହୋଇଛି। ଏସଆଇ ସୁଜାତା ପଲେଇଙ୍କ ଅଭିଯୋଗ କ୍ରମେ ପୁଲିସ ୧୪୦/୨୬ରେ ଏକ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଏସଡିପିଓ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ରେ ଥାନା ଅଧିକାରୀ ବାସୁଦେବ ଜୟସିଂହ, ହାବିଲଦାର ମସି ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରକୁ ଧରିବା ବେଳେ ଛାତରୁ ଖସି ମିସ୍ତ୍ରୀଙ୍କ ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ଚୋରକୁ ଧରିବା ବେଳେ ଛାତରୁ ଖସିପଡି ଜଣେ କାଠମସ୍ତ୍ରୀଙ୍କ ମୃତ୍ୟୁ ହୋଇଛି । ଅସାବଧାନତାରୁ ଛାତରୁ ଖସିପଡି ମିସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ସହିଦନଗର ଥାନା ପୋଲିସ କହିଛି । ପଶ୍ଚିମବଙ୍ଗ ମୁର୍ସିଦାବାଦର ମୁତାଲିଙ୍ଗ୍ ଏସ୍‌କେ ସହିଦନଗର ପୋଷ୍ଟ ଅଫିସ୍ ପାଖରେ ନିର୍ମାଣ ହେଉଥିବା ଏକ ଆପାର୍ଟମେଣ୍ଟରେ କାଠମିସ୍ତ୍ରୀ ଭାବେ କାମ କରନ୍ତି । ୪ ମହଲା କୋଠାରେ ମିସ୍ତ୍ରୀମାନେ ଗୁରୁବାର ରାତିରେ ବିଶ୍ରାମ ନେଇଥିଲେ । ରାତି ପ୍ରାୟ ୩ଟା ବେଳେ ମୁହଁରେ କପଡା ବାନ୍ଧି ଜଣେ ଯୁବକ ମୋବାଇଲ ଚୋରି କରିବା ଉଦ୍ଦେଶ୍ୟରେ ସେମାନେ ଶୋଇଥିବା ୪ ମହଲାକୁ ଯାଇଥିଲା । ସେହି ସମୟରେ ମୁତାଲିଙ୍ଗ୍ ଓ ଅନ୍ୟମାନେ ଉଠିଯାଇ ସେହି ଚୋରକୁ ଧରିବା ପାଇଁ ପିଛା କରିଥିଲେ । ଏହି ସମୟରେ ମୁତାଲିଙ୍ଗ୍‌ର ଗୋଡ ଖସିଯିବାରୁ ସେ ୪ ମହଲା ଉପରୁ ତଳକୁ ପଡିଯିବାରୁ ତା'ର ମୃତ୍ୟୁ ହୋଇଥିଲା । ଚୋରକୁ ଧରିବା ପାଇଁ ପିଛା କରିବା ଦୃଶ୍ୟ ଆପାର୍ଟମେଣ୍ଟରେ ଲାଗିଥିବା ସିସି କ୍ୟାମେରାରେ କଏଦ ହୋଇଛି । ଖବର ପାଇ ସହିଦନଗର ଥାନା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି । ଚୋର ଖସିଯିବା ପାଇଁ ମୁତାଲିଙ୍ଗ୍‌କୁ ଛାତରୁ ପେଲି ହତ୍ୟା କରିଛି ନା ତା'ଗୋଡ ଖସିଯିବାରୁ ସେ ପଡିଯାଇ ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ ।

# ୨ ଚୋରଙ୍କୁ ପୋଲିସରେ ଦେଲେ ଗ୍ରାମବାସୀ

ଫୁଲନଖରା , (ସବ୍ୟୁ): ଗୁହାଳରେ ଲୁଚିଥିବା ୨ଚୋରଙ୍କୁ ଧରି ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି । ଅରଡିଆପଦା ଗ୍ରାମର ଶରତ ନାଥ ଗୁରୁବାର ରାତିରେ ନିଜ ଘରେ ଶୋଇଥିବା ବେଳେ ତାଙ୍କ ଛେଳି ଗୁହାଳେ ୨ଅଜଣା ବ୍ୟକ୍ତି ଗୁହାଳ ଭିତରେ ପଶିଥିବା ଦେଖି ଶରତ ନାଥ ପାଟିକରିଥିଲେ । ପାଟିଶୁଣି ଧାକୁଲେଇ ଯାତ୍ରା ଦେଖି ଫେରୁଥିବା ତାଙ୍କ ପୁଅ ଓ କିଛି ସ୍ଥାନୀୟ ଯୁବକ ତୁରନ୍ତ ପହଞ୍ଚି ସାହସିକ ଭାବରେ ଦୁଇ ଜଣ ଦୁର୍ବୃତ୍ତଙ୍କୁ ଧରି ପକାଇଥିଲେ । ଧରାପଡ଼ିଥିବା ଦୁଇ ଜଣଙ୍କ ପରିଚୟ ଜ୍ୟୋତି ରଞ୍ଜନ ବେହେରା ଓ ଦୀପ୍ତି ରଞ୍ଜନ ବେହେରା ବୋଲି ଜଣାପଡ଼ିଛି । ସେମାନଙ୍କ ଘର ଅଡ଼ସପୁର ସଲେଇ ଅଞ୍ଚଳରେ ଥିବା ସୂଚନା ମିଳିଛି । ସେମାନେ ମହୀଧରପଡା ଅଞ୍ଚଳର ଏକ ପ୍ରୋଜେକ୍ଟରେ ପାଣି ପାଇପ ଓ ବିଦ୍ୟୁତି କାମର ହେଲପର ଭାବେ କାର୍ଯ୍ୟରତ ଥିଲେ । ଗୁରୁବାର ସନ୍ଧ୍ୟାରେ ସେହି ପ୍ରୋଜେକ୍ଟରୁ ବିଦ୍ୟୁତ ସାମଗ୍ରୀ ଓ ପାଣି ପାଇପ



ସାମଗ୍ରୀ ଚୋରି କରି ପଳାଇବା ବେଳେ କିଛି ଲୋକଙ୍କ ଦୃଷ୍ଟିରେ ପଡ଼ିଥିଲେ । ଏହା ପରେ ପୋଲିସ କିମ୍ବା ଲୋକଙ୍କ ଭୟରୁ ସେମାନେ ଶରତ ନାଥଙ୍କ ଗୁହାଳରେ ଲୁଚି ପଡ଼ିଥିବା ଅନୁମାନ କରାଯାଉଛି । ଖବର ପାଇ ସଦର ଥାନା ପୋଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ନେଇଥିଲେ । ସେମାନଙ୍କ ପାଖରୁ ଏକ ମାରଣାସ୍ତ୍ର ଛୁରୀ ଜବତ କରାଯାଇଥିବା ବେଳେ ଚୋରି ହୋଇଥିବା ବିଦ୍ୟୁ ସାମଗ୍ରୀ ଓ ପାଣି ପାଇପ ମଧ୍ୟ ସିଜ କରାଯାଇଛି । ଏନେଇ ଶରତ ନାଥ ଓ ସମ୍ପୃକ୍ତ ପ୍ରୋଜେକ୍ଟର ବିଲ୍ଡ଼ର ସଦର ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିବା ଜଣାପଡ଼ିଛି ।

## ହୁକାବାରରେ ଖୋର୍ଦ୍ଧା ବିଧାୟକ
# ଭାଇରାଲ ଭିଡିଓକୁ କଂଗ୍ରେସର ନିନ୍ଦା

ଖୋର୍ଦ୍ଧା,(ସବ୍ୟୁ): ପୁଣି ବିବାଦୀୟ ହୋଇଛନ୍ତି ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ। ବିଧାୟକ ଜଗଦ୍ଦେବ ଏକ ହୁକା ବାର୍ ରେ ହୁକା ଟାଣି ମଦ ପିଇ ଝିଅ ମାନଙ୍କ ସହ ନୃତ୍ୟ କରୁଛନ୍ତି। ଏ ଭିଡିଓ ଭାଇରାଲ ପରେ ବିଭିନ୍ନ ମହଲରେ ନିନ୍ଦା କରିବା ସହ କଂଗ୍ରେସ ମଧ୍ୟ ନିନ୍ଦା କରିଛି। ଖୋର୍ଦ୍ଧା ବିଧାୟକ ଜଗଦ୍ଦେବ ରାଜଧାନୀ ର ଏକ ହୁକା ବାର୍ ରେ ଟେବୁଲ ରେ ବସି କିଛି ପାନୀୟ କରୁଥିଲେ। କେବଳ ସେତିକି ନୁହେଁ ଅନ୍ୟ ଏକ ଦୃଶ୍ୟ ରେ ହୁକା ଟାଣିବା ସହ ବାର ଝିଅ ମାନଙ୍କ ସହ ନୃତ୍ୟ ବି କରୁଥିଲେ। କିଛି ଦିନ ହେଲା ବିଭିନ୍ନ ମଂଚ ରେ ବିଧାୟକ ଜଗଦ୍ଦେବ ଙ୍କ ନୃତ୍ୟ ବେଶ ଭାଇରାଲ ହେଉଥିବା ବେଳେ ଅନେକ ଏହାକୁ ନାପସନ୍ଦ କରିଛନ୍ତି। ଗୋଟେ ନିର୍ବାଚନ ମଣ୍ଡଳୀ ରୁ ଅଧିକ ଭୋଟ ପାଇ ବିଧାୟକ ଭାବେ ଜିତିବା ପରେ ସେ ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିଥାଆନ୍ତି। କିନ୍ତୁ ପ୍ରଶାନ୍ତ ଜଗଦ୍ଦେବଙ୍କ କ୍ଷେତ୍ର ରେ ଏହା ଓଲଟା ଚଳନ ହେଉଛି ସାମ୍ବାଦିକ ସମ୍ମିଳନୀ ରେ କଂଗ୍ରେସ ନେତ୍ରୀ ସୋନାଲି ସାହୁ କହିଛନ୍ତି।



କଂଗ୍ରେସ ନେତ୍ରୀ ସୋନାଲି କହିଛନ୍ତି ଯେ ବିଧାୟକ ଜଗଦ୍ଦେବଙ୍କ ଏଭଳି ଉଚ୍ଚାରଣ ଏବଂ ଆଚରଣ କୁ ଭାଜପା ଦଳ କିଭଳି ସମର୍ଥନ କରୁଛି। ଲୋକ ଙ୍କ ସରକାର କହୁଥିବା ମୁଖ୍ୟମନ୍ତ୍ରୀ ଏଭଳି ଏକ ବିଧାୟକ ଙ୍କୁ ଯୋଜନା କମିଟି ଅଧ୍ୟକ୍ଷ କରି ଖୋର୍ଦ୍ଧା ଜିଲ୍ଲାରେ କୋଉ ଯୋଜନା କାର୍ଯ୍ୟକାରୀ କରିବାର ଲକ୍ଷ ରଖିଛନ୍ତି, ତାହା ଜନ ସାଧାରଣ ଚାହିଁ ରହିଛନ୍ତି। ତେବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଜଗଦ୍ଦେବ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ଏକ ସରକାରୀ କାର୍ଯ୍ୟକ୍ରମ ସହ ଅନେକ ପ୍ରକଳ୍ପ ର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଶୋଭାଯାତ୍ରା ରେ ଯାଉଥିବା ସମୟ ରେ ବିଜେପି ଦଳ ର ପୁରାତନ ବରିଷ୍ଠ କର୍ମୀ ରାଜୀବ ଲୋଚନ ଷଡଙ୍ଗୀଙ୍କୁ ଦୁର୍ବ୍ୟବହାର କରି ବେକିଆ ଓ ଧକ୍କା ମାରିବାର ଭିଡିଓ କ୍ଲିପ୍ ମଧ୍ୟ ଭାଇରାଲ ହେଉଛି। ଏଭଳି ଆଚରଣ କୁ ନେଇ ଜନସାଧାରଣଙ୍କ ମଧ୍ୟ ରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।

# ବାଣ ବିସ୍ଫୋରଣ: ୬ ଗୁରୁତର

ନୟାଗଡ଼ , (ସବ୍ୟୁ): ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରେ ବାଣ ତିଆରି କରୁଥିବା ବେଳେ ଶୁକ୍ରବାର ଏକ ଭୟଙ୍କର ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି ।ଘଟଣା ସ୍ଥଳରେ ନୂଆଗାଁ ଥାନା ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ । ପରେ ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି । ସେ ହେଲେ ଭଞ୍ଜନଗର ଗେରେଡା ଗ୍ରାମର ଅମିତ ସେଠି(୧୫) । ଅନ୍ୟ ୫ଜଣ ଆହତ ହେଲେ କୋରଡ଼ା ଗ୍ରାମର ବାପୁନି ନାହାକ(୪୦), ମିନାଗାଡିଆ ଗାଁର ମନୋଜ ନାୟକ(୩୮), ବାପି ନାୟକ(୩୫), ବେଆଇନ ବାଣ କାରଖାନା ମାଲିକ ହଡିବନ୍ଧୁ ସେଠି(୬୦) ଏବଂ ନବ ସେଠି (୩୫) ।ବିସ୍ଫୋରଣ ପରେ ଆଖପାଖ ଅଞ୍ଚଳରେ ଗଚ୍ଛିତ ଥିବା ବାଣ ଏବଂ ବାଣ ତିଆରି ସାମଗ୍ରୀ ନଷ୍ଟ କରିଦିଆଯାଇଛି । ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଏବଂ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ୭ ତାରିଖରେ ହେବାକୁ ଥିବା ଲଙ୍କାପୋଡ଼ି ଉତ୍ସବ ପାଇଁ ବାଣ ଭିଡ଼ିବା ବେଳେ ଏହି ଅଘଟଣ ଘଟିଥିବା ଚର୍ଚ୍ଚା ହେଉଛି ।

## ଏସ୍‌ସିବିର ଲିଭର ପ୍ରତିରୋପଣ ଚୁକ୍ତି ମନ୍ଥର, ହାଇକୋର୍ଟଙ୍କ ଉଦ୍‌ବେଗ
# ଭଗବାନଙ୍କ ଭରସାରେ ରୋଗୀ

କଟକ(ସବ୍ୟୁ): ଅଦାଲତଙ୍କ ବାରମ୍ବାର ତାଗିଦ୍, ଅସନ୍ତୋଷ ସତ୍ତ୍ୱେ ଏସ୍‌ସିବିର ଲିଭର ଟ୍ରାନ୍ସପ୍ଲାନ୍ଟ ଚୁକ୍ତି କାର୍ଯ୍ୟ ଆଗେଉନି । ଭଗବାନଙ୍କ ଭରସାରେ ରୋଗୀ । ଅନ୍ୟ ଏକ ମେଡିକାଲ ସହ ଚୁକ୍ତି ପାଇଁ ବାରମ୍ବାର ବିଭିନ୍ନ ବାହାନା ନେଇ ରାଜ୍ୟ ସରକାର ସମୟ ଗଡ଼ାଇ ଚାଲିଥିଲାବେଳେ ହାଇକୋର୍ଟ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଉପରେ ଚିତ୍ର ସ୍ପଷ୍ଟ କରିବା ଲାଗି ହାଇକୋର୍ଟ ପରବର୍ତ୍ତୀ ଶୁଣାଣିରେ ଆଡଭୋକେଟ୍ ଜେନେରାଲଙ୍କୁ ଉପସ୍ଥିତ ହୋଇ ଜବାବ ରଖିବାକୁ ଅନୁରୋଧ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ର ଏବଂ ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେବାସହ ମାମଲାର ଶୁଣାଣି ଆସନ୍ତା ୯ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏସ୍‌ସିବିରେ ଅନେକ ରୋଗୀ ଲିଭର ଟ୍ରାନ୍ସପ୍ଲାନ୍ଟ ହେଉ କିମ୍ବା ଛୋଟମୋଟ ଲିଭର ସର୍ଜରୀ ପାଇଁ ଦିନଦିନ ଧରି ଅପେକ୍ଷା କରି କୌଣସି ସୁବିଧା ପାଉନାହାନ୍ତି। ଏହାକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇ ଲିଭର ଟ୍ରାନ୍ସପ୍ଲାଣ୍ଟ କାର୍ଯ୍ୟ କ'ଣ ପାଇଁ ବନ୍ଦ ରହିଛି ଏବଂ ଏହାକୁ କିପରି ପୁନର୍ବାର ସକ୍ରିୟ କରାଯାଇ ପାରିବ ଏବଂ ଏଥିରୁ ରୋଗୀଙ୍କୁ ସୁବିଧା ମିଳିବ ସେନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରୁ ରିପୋର୍ଟ ତଲବ କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା ଯେ, ହାଇଦ୍ରାବାଦର ଏଆଇଜି ହସ୍ପିଟାଲ ସହ ଏସ୍‌ସିବିରେ ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ଚୁକ୍ତିର ନବୀକରଣ ପାଇଁ କାର୍ଯ୍ୟ ଚାଲିଛି। ଏହି ଚୁକ୍ତି ନବୀକରଣ ପରେ ଏସ୍‌ସିବିରେ ଲିଭର ଟ୍ରାନ୍ସପ୍ଲାଣ୍ଟ କାର୍ଯ୍ୟ ଆରମ୍ଭ ହେବ। କିଛିଦିନ ଧରି ଏହିଭଳି ସଫେଇ ଦିଆଯାଇ ଆସୁଥିଲାବେଳେ ଗତ ଫେବୃଆରୀ ୨୬ତାରିଖ ଶୁଣାଣିରେ ସ୍ୱାସ୍ଥ୍ୟ ବିଭାଗ ନିଜର ମତ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲା। ଯେଉଁଥିରେ କୁହାଯାଇଥିଲା କି' ହାଇଦ୍ରାବାଦର ଏଆଇଜି ହସ୍ପିଟାଲ ଏସ୍‌ସିବିରେ ଲିଭର ଟ୍ରାନ୍ସପ୍ଲାଣ୍ଟ କାର୍ଯ୍ୟର ନବୀକରଣ ପାଇଁ ମନା କରି ଦେଇଛି। ରାଜ୍ୟ ସରକାର ଏବେ ଏମ୍‌ଜିଏମ୍ ହସ୍ପିଟାଲ, ଚେନ୍ନାଇ ସହ ଯୋଗାଯୋଗ ଆରମ୍ଭ କରିଛନ୍ତି। ଏହା ଉପରେ ସରକାରୀ ଉଚ୍ଚ ସ୍ତରରେ ୨୦୨୫ ଡିସେମ୍ବର ୧୦ ତାରିଖରୁ ବିଚାରାଧୀନ ରହିଛି। ରୋଗୀଙ୍କ ସମସ୍ୟା ତଥା ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ଅପେକ୍ଷା କରିଥିବା ରୋଗୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ ଆଶାବ୍ୟକ୍ତ କରିଥିଲେ ।

## କଳାପଥର ମାଫିଆଙ୍କ ବିରୋଧ କାମ କଲାନି
# ଡଙ୍କାରୀ ଭୂତଳ ତୈଳ ଭଣ୍ଡାର ଜମିକୁ ଅକ୍ତିଆରକୁ ନେଲା ଆଇଏସ୍‌ପିଆର୍‌ଏଲର ସୁରକ୍ଷା ବାହିନୀ

ଚଣ୍ଡିଖୋଲ,(ବେଣୁଧର ପଣ୍ଡା) : ଯାଜପୁର ଜିଲ୍ଲାର ଡଙ୍କାରୀ ଠାରେ ୮ହଜାର ୭୪୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୪ ବିଲିୟନ ମେଟ୍ରିକ ଟନ କ୍ଷମତା ସମ୍ପର୍ଣ୍ଣ ବହୁ ପ୍ରତିକ୍ଷୀତ ଦେଶର ସର୍ବ ବୃହତ ଚଣ୍ଡିଖୋଲ ଭୁତଳ ତୈଳ ଭଣ୍ଡାର ନିର୍ମାଣ ଆଶା ଏବେ ଉଦଯାପିତ ହୋଇଛି। ସ୍ଥାନୀୟ କଳାପଥର ମାଫିଆ ଦୀର୍ଘ ଦିନ ହେବ ପ୍ରକଳ୍ପର ଅଧିଗ୍ରହିତ ୪ଶହ ଏକର ଜମିକୁ ନିଜ ଅକ୍ତିଆରରେ ରଖି ତା' ଉପରେ ଭୋଗ ଦଖଲ କରିବା ସହ ସେଠାରୁ ଦୈନିକ କୋଟି କୋଟି ଟଙ୍କାର ପଥର ଚୋରି କରି ଚାଲିଥିଲେ। ଏଥିନେଇ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ମହଲରୁ ବାରମ୍ବାର ସମାଲୋଚିତ ହେବାପରେ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରୁ ପଥର ମାଫିଆଙ୍କୁ ହଟାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ଅନୁଯାଇ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଥିବା ଆଇଏସପିଆରଏଲର ସୁରକ୍ଷା ବାହିନୀ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ଗତ ୩୧ ତାରିଖରେ ପହଞ୍ଚିଥିଲେ ମଧ୍ୟ ପଥରମାଫିଆ ମାନେ ସଂଘବଦ୍ଧ ହୋଇ ସେମାନଙ୍କୁ ବିରୋଧ କରିଥିଲେ। ଯାହାକୁ ନେଇ ସୁରକ୍ଷା ବାହିନୀ ଓ ମାଫିଆଙ୍କ ମଧ୍ୟରେ ସାମାନା ସାମିନି ପରିସ୍ଥିତି ସୃଷ୍ଟି ହୋଇଥିଲା। ହେଲେ ଶେଷରେ ମାଫିଆଙ୍କ କବଳରୁ ପ୍ରକଳ୍ପର ଏହି ୪ଶହ ଏକର ଜମିକୁ ଆଇଏସପିଆରଏଲର ସୁରକ୍ଷା ବାହିନୀ ଏପ୍ରିଲ ୦୨ ତାରିଖରୁ ନିଜ ଅକ୍ତିଆରକୁ ନେବାରେ ସଫଳ ହୋଇଥିବା ଦେଖାଯାଇଛି।

କଳାପଥର ମାଫିଆମାନେ ଏହି ଜମିରୁ ବେଆଇନ ଭାବେ ପଥର ଚୋରିକରି କୋଟିକୋଟି ଟଙ୍କା ରୋଜଗାର କରିବା ସହ ଆତଙ୍କରାଜ ଚଳାଇଥିଲେ। ଯେଉଁଥି ପାଇଁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଦୀର୍ଘ ୧୧ବର୍ଷ ହେବ ଆଗେଇ ପାରୁନଥିଲା। ଯାହାକୁ ନେଇ ପ୍ରାଥମିକ ଭାବେ ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିବା ସହ ଯାଜପୁର ସାଂସଦ ଡ ରବିନ୍ଦ୍ରନାରାୟଣ ବେହେରା ଏ ପ୍ରସଙ୍ଗରେ ସଂସଦରେ ପ୍ରଶ୍ନ କରିବା ସାଙ୍ଗକୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ବାରମ୍ବାର ଶାକ୍ଷାତ କରି ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଦାବି କରିଥିଲେ। ତେବେ ଖୁବଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବବୋଲି ବାରମ୍ବାର ଘୋଷଣା ସତ୍ତ୍ୱେ ସରକାରୀ ସ୍ତରରେ ଅହେତୁକ ଶିଥିଳତା ପାଇଁ ଏତେବଡ ପ୍ରକଳ୍ପର ଭବିଷ୍ୟତ ସମ୍ପୂର୍ଣ୍ଣ ଦିଗହରା ହୋଇ ପଡିଥିଲା। ବର୍ତ୍ତମାନ ଯୁଦ୍ଧ ପାଇଁ ଦେଶ ତୈଳ ସଂକଟ ଜନିତ ସ୍ଥିତିକୁ ସାମନା କରୁଥିବା ବେଳେ ଏହି ପସ୍ଥିତିରେ ଚଣ୍ଡିଖୋଲରେ ଭୂତଳ ତୈଳ ଭଣ୍ଡାରର ନିର୍ମାଣ ଆବଶ୍ୟକତାକୁ ନେଇ ସବୁସ୍ତରରେ ଆଲୋଚନା ହେବା ସାଙ୍ଗକୁ ଗତ ମାର୍ଚ୍ଚ ୨୫ ତାରିଖରେ ଏଥିନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ଶେଷଥର ଚିଠିଲେଖି ଯେତେଶିଘ୍ର ସମ୍ଭବ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଦାବି କରିଥିଲେ। ଗତ ପ୍ରାୟ ଦେଢବର୍ଷ ହେବ ଏହି ପ୍ରକଳ୍ପ ପାଇଁ ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ମୌଜାରେ ଖାତା ନଂ ୪୬୮ର ପ୍ଲଟ ନଂ ୪୫/୨୨୮୪,୧୨୮/୨୨୮୫,୧୪୦/୨୦୦୬ ଓ ୧୫୯୬ରେ ୪ଶହ ଏକର ଜମି ହସ୍ତାନ୍ତର ହୋଇଥିଲା।



ଗତ ୨୦୧୮ ମସିହା ଜୁନ ୨୭ ତାରିଖରେ କେନ୍ଦ୍ର କ୍ୟାବିନେଟ ଏହି ପ୍ରକଳ୍ପକୁ ମଞ୍ଜୁରୀ ଦେଇ ବଜେଟରେ ଅର୍ଥ ବରାଦ କରିଥିଲେ। ବଳମ୍ବରେ ହେଉପଛେ ପ୍ରକଳ୍ପ ନିର୍ମାଣ ପାଇଁ ଗତ ୨୦୨୫ ଏପ୍ରିଲ ମାସ ୮ତାରିଖରେ ଓଡିଶା ମୁଖ୍ୟମନ୍ତ୍ରୀ,କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଓ ଯାଜପୁର ସାଂସଦଙ୍କ ଉପସ୍ଥିତିରେ କେନ୍ଦ୍ର ସରକାର ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭର ଲିମିଟେଡ଼ (ଆଇଏସପିଆରଏଲ) ସହିତ ପ୍ରକଳ୍ପ ନିର୍ମାଣ ପାଇଁ ଏମ ଓ ୟୁ ସ୍ୱାକ୍ଷର କରିଥିଲେ। ଏତେସବୁ ପରେବି ସରକାର ଅଧିଗ୍ରହିତ ପ୍ରକଳ୍ପ ଜମିକୁ ଅକ୍ତିଆରକୁ ନେଇ କାର୍ଯ୍ୟ ଆରମ୍ଭ କରିବା ପରିବର୍ତ୍ତେ ଚୁପହୋଇ ବସିରହିବା କାରଣରୁ ପଥର ଚୋରମାନେ ପ୍ରକଳ୍ପ ଜମିକୁ ନିଜ ଅକ୍ତିଆରକୁ ନେଇ ସେଠାରୁ ଶହଶହ କୋଟି ଟଙ୍କାର କଳାପଥର ଲୁଟପାଟ କରୁଥିଲେ। ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଏକ ଅସ୍ୱାଭାବିକ ବାତାବରଣ ସୃଷ୍ଟି ହୋଇଥିଲା। ତେବେ ଏବେ ପଥର ମାଫିଆଙ୍କ ସମସ୍ତ ଅପଚେଷ୍ଟା ସତ୍ତ୍ୱେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଅଧିଗ୍ରହିତ ଜମିକୁ ନିର୍ମାଣ ଦାୟିତ୍ୱରେ ଥିବା ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭର ଲିମିଟେଡ଼ (ଆଇଏସପିଆରଏଲ) ନିଜ ଅକ୍ତିଆରକୁ ନେଇଛି। ପ୍ରାଥମିକ ଭାବେ ଜଣେ କମାଣ୍ଡେଣ୍ଟଙ୍କ ନେତୃତ୍ୱରେ ପ୍ରାୟ ୫୦ଜଣିଆ ସଶସ୍ତ୍ର ସୁରକ୍ଷା ବାହିନୀ ପ୍ରକଳ୍ପ ସ୍ଥଳରେ କ୍ୟାମ୍ପ ପକାଇ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛନ୍ତି। ଖୁବଶୀଘ୍ର ୨୪ ଘଣ୍ଟିଆ ଜଗାରଖା ପାଇଁ ଆଉ ୧ଶହ ସଶସ୍ତ୍ର ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବ ଓ ଖୁବଶୀଘ୍ର ପ୍ରକଳ୍ପ ସ୍ଥଳରେ ପ୍ରାଚିର ନିର୍ମାଣ ହୋଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଇଏସପିଆରଏଲ ପକ୍ଷରୁ ସୂଚନା ଦିଆଯାଇଛି

# ଦୁଇଦିନିଆ ଟେରାକୋଟା ଟ୍ରେନିଂ କର୍ମଶାଳା

କଟକ, (ସ୍ୱପ୍ର): ଓରମାସ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଦୁଇଦିନିଆ ଟେରାକୋଟା ଟ୍ରେନିଂ କର୍ମଶାଳା ୧ ଏପ୍ରିଲ ୨୦୨୬ ରୁ ୨ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ସିଏନିବଟି ବସ୍‌ଷ୍ଟାଣ୍ଡ ଠାରେ ଆୟୋଜିତ ହୋଇଥିଲା । ଏହି କର୍ମଶାଳାରେ ଅନୁଭବୀ ରିସୋର୍ସ ପର୍ସନ୍ ଭାବେ ସକୁନ୍ତଳା ମୁଦୁଲି ଓ ଲକ୍ଷ୍ମୀଧର ମୁଦୁଲି ଉପସ୍ଥିତ ଥିଲେ । ସେମାନେ ଅଂଶଗ୍ରହଣକାରୀମାନଙ୍କୁ ଖୁବ ସହଜ ଓ ପ୍ରାୟୋଗିକ ଭାବରେ ପେଣ୍ଟିଂ ଓ ପୋଟେରି କଳା (ମାଟିର ପାତ୍ର ତିଆରି ଓ ଚିତ୍ରାଙ୍କନ) ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ମାଟି ପ୍ରସ୍ତୁତି, ଡିଜାଇନ୍ ତିଆରି, ମାଟିର ନୂତନ ପ୍ରଦାର୍ଥ ଗଢ଼ିବା ଓ ସୃଜନଶୀଳ ଡିଜାଇନ୍ ବିକାଶ ଭଳି ବିଭିନ୍ନ ପ୍ରାୟୋଗିକ ପ୍ରକ୍ରିୟା ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ଶିଖାଯାଇଥିଲା । ଏହି ଟ୍ରେନିଂ କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପରିଚାଳନା ବିଭାଗର ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ଦୁଇଦିନିଆ ଏହି କର୍ମଶାଳା ମାଧ୍ୟମରେ ଅଂଶଗ୍ରହଣକାରୀମାନେ ଟେରାକୋଟା ଶିଳ୍ପର ବିଭିନ୍ନ ଦିଗ, ଡିଜାଇନ୍ ନୂତନତା ଓ ଉତ୍ପାଦ ବିକାଶ ବିଷୟରେ ପ୍ରାୟୋଗିକ ଅନୁଭବ ଲାଭ କରିଥିଲେ । ସେମାନେ ମାଟିର ଦୀପ, ଶୋଭାବସ୍ତୁ, ଘରୋଇ ସଜାଣା ସାମଗ୍ରୀ ଓ ଛୋଟ ଉପଯୋଗୀ ପ୍ରଦାର୍ଥ ତିଆରି କରିବା ଶିଖିଥିଲେ । କର୍ମଶାଳାର ପ୍ରମୁଖ ଫଳାଫଳ ଅଂଶଗ୍ରହଣକାରୀମାନେ ଟେରାକୋଟା ଶିଳ୍ପର ପ୍ରାୟୋଗିକ କୌଶଳ ଅର୍ଜନ କରିଥିଲେ । ଛାତ୍ରଛାତ୍ରୀମାନେ ଶିଳ୍ପକଳା ଓ ବଜାର ଯୋଗସୂତ୍ର ବିଷୟରେ ଜ୍ଞାନ ଲାଭ କରିଥିଲେ । ଏହି ଦୁଇଦିନିଆ ଟେରାକୋଟା ଟ୍ରେନିଂ କର୍ମଶାଳା ଅଂଶଗ୍ରହଣକାରୀମାନଙ୍କ ପାଇଁ ଏକ ମୂଲ୍ୟବାନ ଓ ଶିକ୍ଷାମୂଳକ ଅନୁଭବ ରୂପେ ପ୍ରମାଣିତ ହୋଇଛି । ଏହା ତାଙ୍କର କୌଶଳ ବିକାଶ ସହ ସୃଜନଶୀଳତାକୁ ଆଉ ଏକ ନୂତନ ସ୍ତରକୁ ନେଇଯାଇଛି । ଭବିଷ୍ୟତରେ ହସ୍ତଶିଳ୍ପ ଆଧାରିତ ଉଦ୍ୟମ ଉନ୍ନୟନ ପାଇଁ ପ୍ରେରଣା ଦେଇଛି ବୋଲି ଓରମାସର ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ରାଉତ କହିଛନ୍ତି ।



# ହାତୀ ଶିକାର ଓ ଦାନ୍ତ ଜବତ ମାମଲା : ୧୧ ଶିକାରୀଙ୍କୁ ଜେଲ୍



ବାରିପଦା, (ସବ୍ୟୁ) : ଏକ ହାତୀ ଶିକାର ଓ ଦାନ୍ତ ଜବତ ମାମଲାର ବିଚାର କରି ମୟୂରଭଞ୍ଜ ମୁଖ୍ୟ ବିଚାର ବିଭାଗୀୟ ଅଦାଲତର ବିଚାରପତି ଦେବାଶିଷ ମହାନ୍ତ ମାମଲାର ଶୁଣାଣି କରି ୧୧ଜଣ ଶିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୪ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇବା ସହ ୨୫ହଜାର ଟଙ୍କା ଲେଖାଏଁ ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୯ମାସ ଲେଖାଏଁ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି।

ସରକାରଙ୍କ ପକ୍ଷରୁ ଓକିଲ ସୁରେଇ ମାଝି ଓ ଲିଙ୍ଗରାଜ୍ ମିଶ୍ର ମାମଲା ପରିଚାଳନା କରିଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ମାନେ ହେଲେ ଯଶିପୁର ଥାନା ଅଧିନ ସୁଆଁଆପାଳ ଗ୍ରାମର ଘାସିରାମ ଜେରାଇ(୪୭), ଧାରୁଆବେଡା ଗ୍ରାମର ଆନନ୍ଦ କେରାଇ (୫୬) ଓ ଶିବଶଙ୍କର ବାନରା(୨୨), ଟମକଶିଳା ଗ୍ରାମର ଚକୁଆଲଦା(୩୫), ଖେଜୁରୀ ଗ୍ରାମର ପପଲୁ ବାଦ୍ରା(୨୨), ଟୁକୁ ବାଦ୍ରା(୨୦), ଡାବରା ବାଦ୍ରା(୪୫) ଓ ବେରଗା ବାଦ୍ରା(୨୧), କାଣ୍ଡବିଲ୍ ଗ୍ରାମର ସନ୍ତନ ବାଦ୍ରା(୨୪), ଠାକୁରଗୋଡା ଗ୍ରାମର ମାର୍କଣ୍ଡ ହୋ(୨୨) ଏବଂ ବିଶୋଇ ଥାନା ନୂଆଗାଁ ଗ୍ରାମର ନରେନ୍ଦ୍ର ବାନରା(୫୪)। ଘଟଣାରୁ ପ୍ରକାଶ ଯେ, ସମସ୍ତ ଅଭିଯୁକ୍ତ ୨୦୨୩ ମସିହା ନଭେମ୍ବର ୧୯ରେ ଶିମିଳିପାଳ କୋର୍ ଅଞ୍ଚଳ କବାଟଘାଇ ବିଟ୍ ଅଞ୍ଚଳରୁ ଏକ ଦନ୍ତାହାତୀ ଶିକାର କରିବା ସହିତ ତାର ଦାନ୍ତ ବିକ୍ରି ପାଇଁ ଲୁଚାଇ ରଖିଥିଲେ।

ଏହି ଘଟଣାରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡର ଉପନିର୍ଦ୍ଦେଶକ ଡଃ ସମ୍ରାଟ ଗୌଡାଙ୍କ ନେତୃତ୍ୱରେ ତନାଘନା ପରେ ଶିକାରୀମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ତାଙ୍କ ନିକଟରୁ ଦାନ୍ତ ଜବତ କରାଯାଇଥିଲା। ଏହି ମାମଲାର ବିଚାର ଚାଲିଥିବା ବେଳେ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଣି କରିଛନ୍ତି।

# ଅଙ୍ଗଦାନ କରି ଉଦାହରଣ ସାଜିଲେ ସୁଚରିତା ମହାନ୍ତି



ବାରିପଦା, (ସବ୍ୟୁ) : ପ୍ରାଚୀନ କାଳରୁ ସମାଜରେ ଭୂମିଦାନ, ଗୋ ଦାନ, କନ୍ୟାଦାନ, ଜଳଦାନ ଆଦି ଚଳଣି ରହିଆସିଛି। ଆଧୁନିକ ସମାଜରେ ଅତ୍ୟାଧୁନିକ ଯନ୍ତ୍ରପାତିର ଉଦ୍ଭାବନ ପରେ ରକ୍ତଦାନ ଓ ଅଙ୍ଗଦାନ କରି ଆଜି ଜଣେ ଅନ୍ୟର ଜୀବନ ବଞ୍ଚାଇବାର ସୌଭାଗ୍ୟ ଅର୍ଜନ କରିପାରୁଛି ଓ ସେହି ଧାରାରେ ଲେଖିକା, କବି ତଥା ସମାଜସେବୀ ସୁଚରିତା ମହାନ୍ତି ପବିତ୍ର ଓଡିଶା ଦିବସ ଅବସରରେ ନିଜର ଅଙ୍ଗଦାନ କରିବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଚୁକ୍ତିନାମାରେ ସ୍ୱାକ୍ଷର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଚୁକ୍ତି ଅନୁସାରେ ସେ ତାଙ୍କ ଶରୀରର ବୃକକ, ଯକୃତ, ହୃତପିଣ୍ଡ, ଫୁସଫୁସ ଓ ଦୁଇ ଆଖିର କୋମିଆ ଦାନ କରିଛନ୍ତି। ପ୍ରକାଶ ଥାଉକି ଶ୍ରୀମତୀ ମହାନ୍ତି ବିଭିନ୍ନ ଅନୁଷ୍ଠାନ ତଥା ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ସହ ପୁସ୍ତକ ମଧ୍ୟ ଦାନ କରିଆସୁଛନ୍ତି। ଖବରପାଇ ଶିକ୍ଷାବିତ ଡଃ କୁମରମଣି ନାୟକ, ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଭାସ୍ୱତୀ ପଣ୍ଡାଙ୍କ ସମେତ ବହୁ ସାହିତ୍ୟିକ, କବି ତଥା ଶୁଭେଚ୍ଛୁ ତାଙ୍କର ଏହି ଦାନ ପାଇଁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ଏହି ମହତଦାନ ପାଇଁ ତାଙ୍କୁ ତାଙ୍କ ପୁତ୍ର ପାର୍ଥସାରଥି ମହାନ୍ତି ଓ ପରିବାର ବର୍ଗ ଉତ୍ସାହିତ କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ନିକଟ ଭବିଷ୍ୟତରେ ସେ କର୍କଟ ରୋଗୀଙ୍କ ପାଇଁ କେଶ ଦାନ କରବା ପାଇଁ ଭୁବନେଶ୍ୱରର ଏକ ଅନୁଷ୍ଠାନ ସହ ଯୋଗାଯୋଗ କରିଛନ୍ତି ବୋଲି ଜଣାଇଛନ୍ତି।

# ଓଏସ୍ଏପି ଷଷ୍ଠ ବାଟାଲିୟନ ବିଦ୍ୟାଳୟ ସହକାରୀ ଶିକ୍ଷକଙ୍କ ଅବସର

କଟକ, (ସ୍ୱପ୍ର): ଓଏସ୍ଏପି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ତଥା ପୂର୍ବତନ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ସାର୍‌ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅଭିଜିତା ଭାସ୍କରଙ୍କ ଦ୍ୱାରା ମଧ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ କଟକ ଷ୍ଟୁଆର୍ଟ କଲେଜରୁ ବି.ଏସସି ତଥା ବି.ଇଡି ପାସ୍ କଲାପରେ ୧୯୯୪ ମସିହାରୁ ଏହି ବିଦ୍ୟାଳୟରେ ଶିକ୍ଷାଦାନ ଚାକିରି ଆରମ୍ଭ କରିଥିଲେ । ଉକ୍ତ ଶିକ୍ଷକଙ୍କ ଦ୍ୱାରା ଶିକ୍ଷା ପାଇ ଆଜି ଦେଶ ବିଦେଶରେ ଏହି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ କାର୍ଯ୍ୟଭାର ସମ୍ଭାଳୁଛନ୍ତି ।



# ଡ୍ରିମ୍ସ ପଲିଟେକ୍ନିକ୍‌ରେ ଜାତୀୟ ଶିକ୍ଷାନୀତି-୨୦୨୦ ସଂପର୍କିତ କର୍ମଶାଳା



କଟକ, (ସ୍ୱପ୍ର) : ଡ୍ରିମ୍ସ ପଲିଟେକ୍ନିକ (ସ୍ୱୟଂଶାସିତ) ପକ୍ଷରୁ ଆୟୋଜିତ ଜାତୀୟ ଶିକ୍ଷାନୀତି-୨୦୨୦ ସଫଳ ରୂପାୟନରେ ଡିପ୍ଲୋମ ପାଠ୍ୟକ୍ରମର ପରିକଳ୍ପନା ଓ ବିକାଶ ଶୀର୍ଷକ ଶିକ୍ଷକ ପ୍ରଶିକ୍ଷଣଭିତ୍ତିକ କର୍ମଶାଳା ଉଦ୍‌ଯାପିତ ହୋଇଛି ।

ତନିଦିନ ଧରି ଅନୁଷ୍ଠିତ ଏହି କର୍ମଶାଳାରେ ଶିକ୍ଷାନୁଷ୍ଠାନ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା ଅଂଶ ଗ୍ରହଣ କରିଥିଲେ । ଏଥିରେ କୋଲକାତାସ୍ଥିତ ଜାତୀୟ ବୈଷୟିକ ଶିକ୍ଷକ ପ୍ରଶିକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆଇଟିଟିଆର) ର ପୂର୍ବତନ ପ୍ରଫେସର ଡ. ଉର୍ମିଳା କର ସମ୍ମାନିତ ବକ୍ତା ଭାବରେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଡିପ୍ଲୋମା ପାଠ୍ୟକ୍ରମର ବିକଶିତ ରୂପରେଖ ସଂପର୍କରେ ମାର୍ଗଦର୍ଶନ କରିଥିଲେ । ଉଦ୍‌ଯାପନୀ ପର୍ବରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ ଏହି ପ୍ରଶିକ୍ଷଣ ଭିତ୍ତିକ କର୍ମଶାଳା ଶିକ୍ଷାନୁଷ୍ଠାନର ଶୈକ୍ଷିକ ଭିତ୍ତିଭୂମି ସୁଦୃଢ କରିବାରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ବୈଷୟିକ ଶିକ୍ଷା କ୍ଷେତ୍ରରେ ଡିପ୍ଲୋମା ପାଠ୍ୟକ୍ରମର ଗୁରୁତ୍ୱ ସଂପର୍କରେ ଉଲ୍ଲେଖ କରିବା ସହ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ସ୍ୱାଗତ ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଆଇଟିଟିଆର ର ଆଞ୍ଚଳିକ ପରାମର୍ଶଦାତା ଉତ୍କଳ ରଂଜନ ଦାସ,ଡିନ୍ (ଭାରପ୍ରାପ୍ତ) ଡ. ଶ୍ରୀକାନ୍ତ କୁମାର ଓଝା, ଇଂ ସଚିବ ସୁଧାଂଶୁ ଭୂଷଣ କର ପ୍ରମୁଖ ଉପସ୍ଥିତ ଥିଲେ ।

# ଜମୁଛି ପ୍ରସିଦ୍ଧ ଦଣ୍ଡଯାତ୍ରା
## ତା' ସାଙ୍ଗକୁ ମୟୂର ପୁଚ୍ଛ ବେପାର

ବୁଗୁଡା, (ସବ୍ୟୁ): ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ଦଣ୍ଡଯାତ୍ରା ପର୍ବ ଆରମ୍ଭ ହୋଇଯାଇଛି । ମେରୁ ସଂକ୍ରାନ୍ତି ଯାଏଁ ଚାଲିବାକୁ ଥିବା ଏହି ଦଣ୍ଡଯାତ୍ରା ପର୍ବ ଯୋଗୁଁ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସାଙ୍ଗକୁ ଦେବଦେବ ମହାଦେବ ଓ ମା' ମହାମାୟୀ କାଳୀଙ୍କ ପୂଜାର୍ଚ୍ଚନା ଲାଗି ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ହେଉଛି । ଚାରିଆଡ଼େ ଦେଖିବାକୁ ମିଳୁଛି ଦଣ୍ଡୁଆଦଳଙ୍କ ଗହଳି ଚହଳି ଓ ନଗର ପରିକ୍ରମା । ବର୍ଷ ତମାମ ବିଭିନ୍ନ ସମୟରେ ମୟୁର ପୁଚ୍ଛ, ବାନା ଓ ଅନ୍ୟାନ୍ୟ ପୂଜା ସାମଗ୍ରୀର ବିକ୍ରିବଟା ହେଉଥିଲେ ମଧ୍ୟ ଦଣ୍ଡଯାତ୍ରା ସମୟରେ ମୟୁର ପୁଚ୍ଛ କାରବାର ଆଶାତୀତ ଭାବେ ବୃଦ୍ଧି ପାଇଛି । ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୁଗୁଡ଼ା ଅଞ୍ଚଳର ଅଧିକାଂଶ ବ୍ୟବସାୟୀ ବ୍ରହ୍ମପୁରରୁ ମୟୁର ପୁଚ୍ଛ ଆଣି ବିକ୍ରି କରୁଛନ୍ତି । ଦଣ୍ଡଯାତ୍ରା ସମୟରେ ବୁଗୁଡ଼ା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ମୟୁର ପୁଚ୍ଛ କାରବାର ହେଉଛି । ମାନସିକଧାରୀ ଦଣ୍ଡୁଆମାନେ ଏହି ମୟୁର ପୁଚ୍ଛକୁ ଧାରଣ କରିଥାନ୍ତି । ବୁଗୁଡା ସହରାଞ୍ଚଳର ମୁଖ୍ୟ ସଡ଼କ ,ଗଣେଶ ବଜାର , ମଦନ ମୋହନ ଛକରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ମୟୁର ପୁଚ୍ଛ, ବାନା ଓ ଅନ୍ୟାନ୍ୟ ପୂଜା ସମାଗ୍ରୀର ବିକ୍ରିବଟା ଦେଖିବାକୁ ମିଳୁଛି । ଏହି ସବୁ ମୟୁର ପୁଚ୍ଛ ରାଜସ୍ଥାନର ଯୋଧପୁର, ଉତ୍ତରପ୍ରଦେଶର ଆଗ୍ରା, ପଶ୍ଚିମବଙ୍ଗର କୋଲକାତାରୁ ପ୍ରଚୁର ପରିମାଣର ଆସୁଥିବା ନେଇ ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି ।

# ଗଞ୍ଜାମ ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ




ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଓକିଲ ସଂଘର ୨୦୨୬-୨୭ ବର୍ଷ ନିର୍ବାଚନ ଗତ ମାର୍ଚ୍ଚ ୨୮ ତାରିଖରେ ସମାପ୍ତ ହୋଇଥିଲା । ସଭାପତି ଭାବେ ଆଇନଜୀବୀ ଶିତାଂଶୁ ଶେଖର ପଣ୍ଡା, ସମ୍ପାଦକ ଭାବେ ଜଗନ୍ନାଥ ମିଶ୍ର, ଉପ ସଭାପତି ଭାବେ ସତ୍ୟନାରାୟଣ ବସନ୍ତିଆ, ଯୁଗ୍ମ ସମ୍ପାଦକ ଭାବେ ରଞ୍ଜନ କୁମାର ସାମନ୍ତରାୟ ନିର୍ବାଚିତ ହୋଇଥିଲେ । ଶୁକ୍ରବାର ଓକିଲ ସଂଘ ଅସ୍ଥାୟୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଶପଥ ପାଠ ଅବସରରେ ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ନୟନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ସେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ ।

ଶୁକ୍ରବାର ଏହି ଅବସରରେ ପୂର୍ବତନ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଭାବେ ଟି. ଭେଙ୍କଟ ରାଓ, ଉପସଭାପତି ଭାବେ ତ୍ରିମୁଲ କୁମାର ରେଡ୍ଡୀ ଏବଂ ଯୁଗ୍ମ ସମ୍ପାଦକ ଭାବେ ଅସିତ ସାବତଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିଶିର ପାଢ଼ୀ, ଏସ.ରାମକୁମାର, ନିର୍ମଳ ସାହୁ, ଅକ୍ଷୟ ପଟ୍ଟନାୟକ, ପ୍ରକାଶ ପଟ୍ଟନାୟକ, ମୋହନ ସିଙ୍ଗାରି, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ସଞ୍ଜୟ ମିଶ୍ର, ଉମାଶାଙ୍କର ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ, ସୁରେନ୍ଦ୍ର ବେହେରା, ପଓ୍ୱନ କୁମାର, ଅନିଲ କୁମାର ପଣ୍ଡା, ସୁନୀଲ ସ୍ୱାଇଁ, ବରୁଣ ଗୌଡ଼ , ଅରୁଣ ବିଶ୍ୱାଳ, ରମା ପ୍ରସନ୍ନ ମହାପାତ୍ର ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ । ଶପଥ ପାଠ ପରେ ଓକିଲ ସଂଘର ନବ ନିର୍ବାଚିତ ପ୍ରତିନିଧି ମାନେ ଜିଲା କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତକୁ ଯାଇ ଜଜମାନଙ୍କୁ ସାକ୍ଷାତ କରିଥିଲେ ।

# ପାଟିରେ କଉ ମାଛ ପଶି, ଚାଲିଗଲା ଜୀବନ

ବାରିପଦା, (ସବ୍ୟୁ) : ମାଛ ଧରିବା ଖୁସି ଶେଷରେ ପାଲଟିଲା ମରଣଯନ୍ତା । ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦିଘି ଗ୍ରାମରେ ମାଛ ଧରିବା ସମୟରେ ଅସାବଧାନତା ଯୋଗୁଁ ପାଟିରେ ଜୀବନ୍ତ କଉ ମାଛ ପଶିଯିବାରୁ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି । ମୃତକ ଯୁବକ ଜଣଙ୍କ ହେଲେ ସ୍ଥାନୀୟ ଅଞ୍ଚଳର ଅବିନାଶ ବିଜୁଳି । ଘଟଣାରୁ ପ୍ରକାଶ ଯେ, ଜୀବନ୍ତ କଉ ମାଛକୁ ଧରି ସେ ପାଟିରେ କାମୁଡ଼ି ମାରିବାକୁ ଚେଷ୍ଟା କରୁଥିବା ବେଳେ, ଅଚାନକ ମାଛଟି ତାଙ୍କ ପାଟି ଭିତରକୁ ପଶି ଯାଇଥିଲା । କଉ ମାଛ ପାଟିରେ ପଶିବାର କିଛି ସମୟ ପରେ ଯୁବକଙ୍କ ପ୍ରାଣବାୟୁ ଉଡିଯାଇଥିଲା ।

# ୫ ଜୁଆଡି ଗିରଫ

ବ୍ରହ୍ମପୁର, (ସବ୍ୟୁ) : ସଦର ଥାନା ପୋଲିଶ୍ଶୁକ୍ରବାର ସନ୍ଧ୍ୟାରେ ଏକ ଜୁଆ ଆZIରେ ଚଢଉ କରିଛି । ସେଠାରୁ ୫ ଜଣ ଜୁଆଡ଼ିଙ୍କୁ ବାନ୍ଧିଛି । ଏନେଇ ପୋଲିସ ୧୮୧/୨୬ ରେ ଏକ ମାମଲା ରୁଜୁ କରିଛି । ଲାଠୀ ରେ ଏକ ପରିତ୍ୟକ୍ତ ସ୍ଥାନରେ ଜୁଆ ଖେଳ ଚାଲିଥିବା ପୋଲିସକୁ ଖବର ମିଳିଥିଲା । ଚଢଉ ବେଳେ ପୋଲିସ ବଡବଜାର ଥାନା ଅନ୍ତର୍ଗତ କରଣ ସାହିର ବାପି ବେହେରା(୩୨), ଫାଷ୍ଟଗେଟ ପାଣିଗ୍ରାହୀନଗରର ଜାଗା ପ୍ରଧାନ(୩୩), ବିଶ୍ୱଜିତ ପଣ୍ଡା(୨୦), ଲକ୍ଷ୍ମୀନୃଶିହ ସାହିର ମୁନା ପାଣିଗ୍ରାହୀ(୪୨) ଓ ଗୋପାଳପୁର ଥାନା କରାପଲିର ମିଟୁ ବେହେରା(୫୭) ଙ୍କୁ କାବୁ କରିଥିବା ବେଳେ ଅନ୍ୟ କେତେକ ବିଲମାଳ ଦେଇ ଚମ୍ପଟ ମାରିଥିଲେ । ପୋଲିସ ଘଟଣା ସ୍ଥଳରୁ ୩୬ ହଜାର ୯୦୦ ଟଙ୍କା, ୫ଟି ବାଇକ, ତିନୋଟି ମୋବାଇଲ ଓ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଛି ।

# ଯୁବତୀଙ୍କୁ ଯୌନ ନିର୍ଯାତନା ମାମଲା, ବାପା ଗିରଫ

ବ୍ରହ୍ମପୁର, (ସବ୍ୟୁ): ଝିଅକୁ ଯୌନ ନିର୍ଯାତନା ଦେଉଥିବା ଅଭିଯୁକ୍ତକୁ ସହଯୋଗ କରିବା ଅଭିଯୋଗରେ ଟାଉନ୍ ଥାନା ପୁଲିସ ଦୀପକ କୁମାର ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସ ପୀଡ଼ିତାଙ୍କ ଜନ୍ମ ପ୍ରମାଣପତ୍ର ସମେତ ଅଭିଯୁକ୍ତ ବାପା ଦୀପକଙ୍କ ଆଇଫୋନ୍ ଓ ମୋବାଇଲ୍ ଫୋନ୍ ଜବତ କରିଛିଛ ଘଟଣାରୁ ପ୍ରକାଶ ଯେ, ବ୍ରହ୍ମପୁରର ଏହି ୧୮ ବର୍ଷୀୟ ପୀଡିତା ଜଣଙ୍କ ୨୦୨୩ ମସିହାରୁ ୨୦୨୫ ମସିହା ମଧ୍ୟରେ ସୋନପୁର ଜିଲା ସୁବଳୟା ଥାନା ଅଞ୍ଚଳର ଏକ ଗ୍ରାମରେ ରହି ପାଠ ପଢ଼ିଥିଲେ । ଏହି ସମୟରେ ପ୍ରେମାନନ୍ଦ ଜାତି ଓରଫ ପ୍ରେମା ନାମକ ଜଣେ ବ୍ୟକ୍ତି ପୀଡ଼ିତାଙ୍କୁ ଯୌନ ଶୋଷଣ କରୁଥିଲେ । ଏ ବିଷୟରେ ପୀଡ଼ିତା ନିଜ ବାପା ଦୀପକଙ୍କୁ ଜଣାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରୁନଥିଲେ । ଅଭିଯୁକ୍ତ ପ୍ରେମାନନ୍ଦ ପୀଡ଼ିତାଙ୍କୁ ନିଜ ଫାର୍ମ ହାଉସ୍ ଓ ବିଭିନ୍ନ ସ୍ଥାନରେ ବାରମ୍ବାର ଯୌନ ନିର୍ଯାତନା ଦେବା ସହ ଜୀବନରେ ମାରିଦେବାକୁ ଧମକ ଦେଇ ଆସୁଥିଲା । ଦୀପକ ସବୁ ଜାଣିଶୁଣି କେବଳ ଆର୍ଥିକ ଫାଇଦା ପାଇଁ ଅଭିଯୁକ୍ତ ପ୍ରେମାନନ୍ଦଙ୍କୁ ଏହି କୁକର୍ମରେ ସହଯୋଗ କରିବା ସହ ପ୍ରୋତ୍ସାହନ ଦେଇଥିଲେ ।

ଘଟଣାକୁ ନେଇ ପୀଡ଼ିତା ଜଣଙ୍କ ନିଜ ପୁରୁଷ ବନ୍ଧୁ ଏବଂ ଓକିଲ ସହଯୋଗରେ କିଛି ଦିନ ତଳେ ଟାଉନ୍ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ । ସେହି କ୍ରମରେ ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା କରାଇଥିଲା । ଏନେଇ ଥାନାରେ ଏକ ମାମଲା (୧୧୪/୨୦୨୬) ରୁଜୁ ହୋଇଥିଲା । ପୁଲିସ ପ୍ରଥମେ ଅଭିଯୁକ୍ତ ପ୍ରେମାନନ୍ଦଙ୍କୁ ମାର୍ଚ୍ଚ ୨୭ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତଦନ୍ତ ବେଳେ ପୁଲିସ ଅଭିଯୁକ୍ତ ପ୍ରେମାନନ୍ଦ ଏବଂ ପୀଡିତଙ୍କ ବାପା ଦୀପକ ମଧ୍ୟରେ ହୋଇଥିବା ଆର୍ଥିକ କାରବାରର ବିଷୟରେ ପ୍ରମାଣ ପାଇଥିଲା । ଆଜି ପୀଡ଼ିତାଙ୍କ ବାପା ଦୀପକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ।

# ଚୋରି ସାମଗ୍ରୀ ଜବତ, ଜଣେ ଗିରଫ



ବ୍ରହ୍ମପୁର, (ସବ୍ୟୁ): ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଆଇନବନ୍ଧ ସାହିରେ ଘଟିଥିବା ଏକ ଚୋରି ମାମଲାରେ ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଫାଷ୍ଟ ଗେଟ୍ ଶ୍ରୀକ୍ଷେତ୍ର ବିହାର ଅଞ୍ଚଳର ଟି ଗଣେଶ ରାଓ(୩୪) । ଘଟଣାରୁ ପ୍ରକାଶ ଯେ, ଆଇନବନ୍ଧ ସାହିର ଅଭିଯୋଗକାରୀ ତ୍ରିଲୋଚନ ପଣ୍ଡା ଜଣେ ରୋଷେୟା ଭାବେ ବାହାରକୁ କାମ କରିବାକୁ ଯାଇଥିବା ବେଳେ ଗତ ଫେବୃଆରୀ ୨୪ ରୁ ମାର୍ଚ୍ଚ ୨ ତାରିଖ ମଧ୍ୟରେ କେହି ଦୁର୍ବୃତ୍ତ ତାଙ୍କ ଘରର ତାଲା ଭାଙ୍ଗି ନଗଦ ୫୦ ହଜାର ଟଙ୍କା, ଦୁଇଟି ଗ୍ୟାସ ସିଲିଣ୍ଡର ଏବଂ ୫୦ କେଜି ଚାଉଳ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ । ଏନେଇ ମାର୍ଚ୍ଚ ୨ ତାରିଖରେ ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ ପୋଲିସ କେସ୍ ନମ୍ବର ୧୩୯/୨୦୨୬ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ସହାୟତା ନେଇ ତଦନ୍ତ କରିବା ବେଳେ ଚୋରିରେ ବ୍ୟବହୃତ ଏକ ଲୁହାରଡ୍ ଓ ଭଙ୍ଗା ତାଲା ଜବତ କରାଯାଇଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଟି ଗଣେଶ ରାଓଙ୍କୁ କାବୁ କରିଥିବା ବେଳେ ତାଙ୍କ ନିକଟରୁ ଚୋରି ହୋଇଥିବା ଏକ ପ୍ଲାଷ୍ଟିକ୍ ଏୟାର କୁଲର ଓ ୧୦ କେଜି ଚାଉଳ ଜବତ କରିଥିଲା । ଏହି ଚୋରିରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ସହଯୋଗୀ ଅଜୁ ବିଷୋୟୀ ଓ ଦୀପକ ଦାସଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି ।

# ବିଲରେ କାମ କରୁଥିବାବେଳେ ଅଂଶୁଘାତରେ ଗଲା ଜୀବନ

ବାରିପଦା, (ସବ୍ୟୁ) : ଅଂଶୁଘାତରେ ପ୍ରଥମ ମୃତ୍ୟୁ ଅଭିଯୋଗ । ଧାନ ବିଲରେ କାମ କରୁଥିବା ବେଳେ ଅଂଶୁଘାତରେ ଚାଲିଗଲା ଜୀବନ । ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବନ୍ଧମୁଣ୍ଡି ଗ୍ରାମରେ ପ୍ରଚଣ୍ଡ ଖରା ଯୋଗୁଁ ଏପରି ଦୁଃଖଦ ଘଟଣା ଘଟିଛି । ଗ୍ରାମର ରଘୁନାଥ ମାହନା ଧାନ ବିଲରେ କାମ କରୁଥିବା ସମୟରେ ଅଚାନକ ଟଳି ପଡ଼ିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଅଧିକ ଅମଳ କରିବା ଲୋଭରେ ଭୟଙ୍କର ଖରା ଓ ତିବ୍ର ଉତ୍ତାପ ମଧ୍ୟରେ ସେ ବିଲରେ କାମ କରୁଥିଲେ । ତିବ୍ର ଉତ୍ତାପରେ ଅସୁସ୍ଥ ହୋଇ ଚେତା ହରାଇ ସେ ବିଲର ପାଣିରେ ପଡ଼ିଯାଇଥିଲେ । ଖରାର ତିବ୍ରତା ଏତେ ଅଧିକ ଥିଲା ଯେ, ପାଣି ମଧ୍ୟ ଗରମ ହୋଇଥିବାରୁ ତାଙ୍କର ଗୋଡ଼ ଶିଝିଯାଇଥିବା ଅଭିଯୋଗ ହୋଇଛି । ଏହି ଦୁର୍ଘଟଣା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ୧୦୮ ସିଲିଣ୍ଡର ଜବତ, ଗ୍ୟାସ୍ ପାଇଁ ଲମ୍ବା ଲାଇନ

ଛତ୍ରପୁର, (ସବ୍ୟୁ): ଆନ୍ତର୍ଜାତୀୟ ସ୍ତରରେ ଜାରି ରହିଥିବା ଯୁଦ୍ଧର ପ୍ରଭାବ ଏବେ ସ୍ଥାନୀୟ ବଜାର ଉପରେ ପଡ଼ିବା ଆରମ୍ଭ କରିଛି । ବିଶେଷ କରି ରନ୍ଧନ ଗ୍ୟାସ ଯୋଗାଣରେ ବ୍ୟାଘାତ ସୃଷ୍ଟି ହେବା ଫଳରେ ସାଧାରଣ ଖାଉଟି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ୟାସ ସଂଗ୍ରହ ପାଇଁ ସ୍ଥାନୀୟ ଗ୍ୟାସ ଏଜେନ୍ସି କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତାଙ୍କର ଅସମ୍ଭାଳ ଭିଡ଼ ସହ ଶହ ଶହ ମିଟର ପର୍ଯ୍ୟନ୍ତ ଲମ୍ବା ଲାଇନ ଦେଖିବାକୁ ମିଳୁଛି ।

ଜିଲ୍ଲାର ବିଭିନ୍ନ ସ୍ଥାନରେ ଗ୍ୟାସ ସିଲିଣ୍ଡର ଯୋଗାଣ କମିଥିବା ବେଳେ ବୁକିଂ କରିବାର ଅନେକ ଦିନ ପରେ ମଧ୍ୟ ଲୋକଙ୍କୁ ସିଲିଣ୍ଡର ମିଳୁନାହିଁ । ଏହି ସଙ୍କଟ ସମୟରେ କଳାବଜାରୀ ହେବାର ଆଶଙ୍କା କରି ଖାଉଟିମାନେ ଆଗୁଆ ସିଲିଣ୍ଡର ପାଇବା ପାଇଁ ଅଫିସ ଆଗରେ ଭିଡ଼ ଜମାଉଛନ୍ତି ସକାଳୁ ସକାଳୁ ଲୋକମାନେ ନିଜର ଖାଲି ସିଲିଣ୍ଡର ଧରି ଧାଡ଼ିରେ ଛିଡ଼ା ହେଉଥିବା ଦେଖାଯାଉଛି । ଅନେକ ସ୍ଥାନରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ଗ୍ୟାସ ନପାଇ ନିରାଶ ହୋଇ ଫେରୁଛନ୍ତି । ଏହି ସମୟରେ ଏପରିକି ବହୁ ହୋଟେଲ ଓ ଫାଷ୍ଟଫୁଡ ଦୋକାନ ମଧ୍ୟ ଗ୍ୟାସ ନପାଇଁ କିଛି ସ୍ଥାନରେ କାଠ ଚୁଲି କରୁଛନ୍ତି । ଏହି ସମୟରେ କିଛି ଅସାଧୁ ବ୍ୟକ୍ତି ଏହି ସମୟରେ କଳାବଜାରି କରୁଛନ୍ତି । ଯୋଗାଣ ବିଭାଗ ପକ୍ଷରୁ ଏହାକୁ କିପରି ରୋକାଯିବ ସେନେଇ ୪ ଟି ସ୍କ୍ୱାଡ଼ ଗଠନ ସମେତ ୨୪ ଘଣ୍ଟିଆ କଂଟ୍ରୋଲ ରୁମ ଖୋଲାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ସୂଚନା ଦେଇଛନ୍ତି । ଏବେ ଗଞ୍ଜାମ ଜିଲ୍ଲା ରେ ବିଭିନ୍ନ ସ୍ଥାନରେ ଗ୍ୟାସ ଚଢ଼ାଉ କରାଯାଉଛି । ଆଜି ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡିରେ ୪୧ ଟି ଗ୍ୟାସ ସିଲିଣ୍ଡର ଜବତ ହୋଇଛି । ସେଥିରୁ ୩୬ଟି ଘରୋଇ ଓ ୫ ଟି କମରସିଆଲ ଗ୍ୟାସ ଜବତ ହୋଇଛି । ଯେଉଁମାନେ ଏହିପରି କରିଛନ୍ତି ସେମାନଙ୍କ ନାମରେ ଏତଲା ଦିଆଯିବ ଏଯାବତ ଜିଲ୍ଲାରେ ୧୦୮ ଟି ଗ୍ୟାସ ସିଲିଣ୍ଡର ଜବତ ହୋଇଛି ସେଥିରୁ ୬୩ ଟି ଘରୋଇ ଗ୍ୟାସ ଓ ୪୫ଟି କମରସିଆଲ ଗ୍ୟାସ ଜବତ ହୋଇଛି ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ସୂଚନା ଦେଇଛନ୍ତି ।

# କଳିଙ୍ଗ ଭାରତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ
## ଗ୍ଲାସ୍ ଆଣ୍ଡ ଗ୍ଲାସ୍ ପକ୍ଷରୁ ଆଠ ହ୍ୱାଇଟ ବୋର୍ଡ ପ୍ରଦାନ



କଟକ, (ସ୍ୱପ୍ର) : କଳିଙ୍ଗ ଭାରତୀ ଶିଶୁ ବିଦ୍ୟା ମନ୍ଦିର ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରତିବର୍ଷ ଏହି ଦିନଟିକୁ ବିଦ୍ୟାଳୟରେ ସମର୍ପଣ ଦିବସ ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ବୁଦ୍ଧିଜୀବୀ ଓ ସମାଜସେବୀ ଚନ୍ଦନ କୁମାର ତ୍ରିପାଠୀ ବିଦ୍ୟାଳୟର ଆଠଟି କ୍ଲାସରୁମ ପାଇଁ ୮ଟି ହ୍ୱାଇଟ୍ ବୋର୍ଡ ଦାନ କରିଥିଲେ । ଯାହା ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଶିକ୍ଷା ପ୍ରଦାନରେ ସହାୟକ ହେବ । କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଓ ସମ୍ପାଦକ ଚିତ୍ତ ରଞ୍ଜନ ପାଢ଼ୀ, ଶିକ୍ଷକମାନେ ଉପେନ୍ଦ୍ର ସେନାପତି, ଏମ୍. ମୋସାଇଲ, ଆଲାଉଦ୍ଦିନ ଖାନ ଓ କିଛି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଚନ୍ଦନ କୁମାର ତ୍ରିପାଠୀଙ୍କ ସଂସ୍ଥା ଗ୍ଲାସ୍ ଏଣ୍ଡ ଗ୍ଲାସ୍ ଏବେ ସୁବର୍ଣ୍ଣ ଜୟନ୍ତୀ ବର୍ଷ (୧୯୭୬-୨୦୨୬) ପାଳନ କରୁଛି । ଏହି ସଂସ୍ଥା ତାଙ୍କର ପିତା ସ୍ୱର୍ଗତ ଶ୍ରୀ ବାସୁଦେବ ତ୍ରିପାଠୀଙ୍କ ଦ୍ୱାରା ମହତାବ ରୋଡ୍, କଟକରେ ପ୍ରତିଷ୍ଠିତ ହୋଇଥିଲା । ଏହି ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ ସ୍ମୃତିକୁ ସ୍ମରଣୀୟ କରିବାକୁ ବିଦ୍ୟାଳୟକୁ ଏପରି ସହାୟତା କରିଥିବା କହିଥିଲେ । ସେ ଗତ ୧୨ ବର୍ଷ ଧରି ସମାଜସେବାରେ ନିରନ୍ତର ଭାବରେ କାର୍ଯ୍ୟ କରୁଛନ୍ତି ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର, (ସବ୍ୟୁ): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬, ମଣ୍ଡଳ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଲାଞ୍ଜିପଲ୍ଲୀ ଅକ୍ସଫୋର୍ଡ଼ ସ୍କୁଲ ଠାରେ ଦୁଇ ଦିନିଆ ଶିବିରର ଉଦଯାପନୀ ଦିବସରେ ଏକ ଯୋଗା ସହ ଯୁମ୍ବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ପରେ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ହୋଇଥିଲା । ଏଥିରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତା ମାନଙ୍କୁ ମାର୍ଗ ଦର୍ଶନ କରି ଥିଲେ । ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାରୁ ବଡ଼ କୌଣସି ରାଜନୈତିକ ଲକ୍ଷ ନାହିଁ, ରାଷ୍ଟ୍ର ସର୍ବ ପ୍ରଥମ, ବ୍ୟକ୍ତି ଓ ସମାଜ ତାପରେ, ସମାଜ ସେତେବେଳେ ସଶକ୍ତ ହେବ, ଯେତେବେଳେ ସମାଜର ଶେଷ ଧାଡ଼ିରେ ଥିବା ସବୁଠାରୁ ଦୁର୍ବଳ ବ୍ୟକ୍ତି ସଶକ୍ତ ହେବ, ସିଏ ସଫଳ କାର୍ଯ୍ୟକର୍ତ୍ତା ଯିଏ ସମାଜର ଶେଷ ବ୍ୟକ୍ତି ପାଇଁ ଚିନ୍ତା କରେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ସତପଥୀ ମତବ୍ୟକ୍ତ କରିଥିଲେ ।

ଅନୁଶାସନ, ସମର୍ପଣ ଓ ସେବା ମନୋଭାବ କୁ ନେଇ କାର୍ଯ୍ୟକର୍ତ୍ତା ମାନେ ଏହି ପ୍ରଶିକ୍ଷଣ ଶିବିରରୁ ପ୍ରଶିକ୍ଷିତ ହୋଇ ଦେଶ ସେବାରେ ନିୟୋଜିତ ହେବା ସହ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନେଇଥିବା ସଂକଳ୍ପ ବିକଶିତ ଭାରତ ଓ ବିକଶିତ ଓଡ଼ିଶାରେ ତାଙ୍କ ଅତୁଳନୀୟ ଅବଦାନ ଦେଇପାରିବେ ବୋଲି ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ । ରାଜ୍ୟ ଉପସଭାପତି ଅଶୋକ ମିଶ୍ର ଦେଶରେ ଚାଲିଥିବା ସାମ୍ପ୍ରତିକ ପରିସ୍ଥିତି ସହ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ଉପରେ କାର୍ଯ୍ୟକର୍ତ୍ତାଙ୍କ ସହ ବିସ୍ତୃତ ଆଲୋଚନା କରିବା ସହ ମାର୍ଗ ଦର୍ଶନ କରିଥିଲେ । ଆସନ୍ତା ଏପ୍ରିଲ୍ ୬ ତାରିଖରେ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସକୁ ମଣ୍ଡଳ ସ୍ତରରୁ ବୁଥ୍‌ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା ମାନେ ପାଳନ କରିବା ସହ ସମସ୍ତ କାର୍ଯ୍ୟକର୍ତ୍ତା ନିଜ ନିଜ ଘରେ ଦଳୀୟ ପତାକା ଲଗାଇ ଉତ୍ସବ ପାଳନ କରିବାକୁ ଜିଲ୍ଲା ସଭାପତି ସରୋଜ ସାବତ ଆହ୍ୱାନ ଦେଇଥିଲେ । ଏହି ମଣ୍ଡଳ ପ୍ରଶିକ୍ଷଣ ମହାଅଭିଯାନ ଶେଷ ହେବା ପରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକର୍ତ୍ତା ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ତାରାତାରିଣୀଙ୍କୁ ଦର୍ଶନ କରିବାକୁ ଯିବା ସହ ଦେଶ ଏବଂ ରାଜ୍ୟର ବିକାଶକୁ ଆଗେଇ ନେବା ପାଇଁ ପ୍ରାର୍ଥନା କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା, ଜିଲ୍ଲା ଉପସଭାପତି ଗଙ୍ଗାଧର ଶତପଥୀ, ପ୍ରଭାତ କିରଣ ଷଡ଼ଙ୍ଗୀ, ଶିବ ଶଙ୍କର ନାୟକ, ରାଜେଶ ସାହୁ, ଶିବ ଶଙ୍କର ସତପଥୀ, ସୁନିଲ କୁମାର ସାହୁ ପ୍ରମୁଖଙ୍କ ସମେତ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତିଙ୍କ ଠାରୁ ଆରମ୍ଭ କରି ବୁଥ୍ ସଭାପତି ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ଓଡାପଡା ପଞ୍ଚାୟତ ସମିତିରେ ଅଡିଟ୍

# ୨୦୧୬ରୁ କର୍ମଚାରୀ, ଅଫିସରଙ୍କ ନାମରେ ଗଡୁଛି ଲକ୍ଷ ଲକ୍ଷ ଟଙ୍କା : ରିକଭରି ପାଇଁ ନାହିଁ ତତ୍ପରତା

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ପଞ୍ଚାୟତ ସମିତିରେ ଅଡିଟରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି । ୨୦୧୬ ମସିହାରୁ ଅଧିକାରୀ,କର୍ମଚାରୀଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଗଡୁଥିଲେ ମଧ୍ୟ ତାହା ରିକଭରି ପାଇଁ ଅଧିକାରୀ କୌଣସି ତତ୍ପରତା ନଥିବାର ଜଣାପଡିଛି । ଫଳରେ ସରକାରୀ ଟଙ୍କାକୁ ହଡପ କରି ବାବୁଙ୍କ ଠାରୁ ଆରମ୍ଭ କରି ତଳିଆ କର୍ମଚାରୀ ପର୍ଯ୍ୟନ୍ତ ଚୁପଚାପ ବସିଯାଇଥିବାର ଜଣାପଡିଛି ।

ଲୋକାଲ ଫଣ୍ଡ ଅଡିଟ ଗତ ୨୦୧୬-୧୭ ଏବଂ ୨୦୧୭-୧୮ ମସିହା ଅଡିଟ ସମୟରେ ଓଡାପଡା ପଞ୍ଚାୟତ ସମିତିରେ ବହୁ ଅନିୟମିତା ଦେଖିବାକୁ ପାଇଥିଲେ । ସରକାରୀ ଟଙ୍କା ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀଙ୍କ ନାମରେ ଥିବାରୁ ତାହାକୁ ରିକଭରି କରିବାକୁ ଜଣାଇଥିଲେ । ଅଡିଟ ରିପୋର୍ଟରେ ଅକେଫାବର ୨୦୧୬ ମସିହା ସୁଦ୍ଧା ଅନ୍ତର୍ଯ୍ୟାମୀ ସାହୁଙ୍କ ନାମରେ ୨୪,୪୦୦,ବିଜୟ କୁମାର ମହାନ୍ତଙ୍କ ନାମରେ ୬୫ ହଜାର, କାହ୍ନୁ ଚରଣ ନାୟକଙ୍କ ନାମରେ ୧ଲକ୍ଷ ୩୪ ହଜାର ୬୮୦, ମାନବ ନନ୍ଦଙ୍କ ନାମରେ ୩୪ ହଜାର ୨ଶହ,ପ୍ରଦିପ କୁମାର ସାହୁଙ୍କ ନାମରେ ୩ଲକ୍ଷ ୧୯ ହଜାର ୪୦୮ଟଙ୍କା, ବିଭିଷଣ ନାଏକଙ୍କ ନାମରେ ୨୭ ହଜାର ୨୧୫, ବେଳାଭୂମୀ ସାହୁଙ୍କ ନାମରେ ୧୪ ହଜାର ୨୬୧ଟଙ୍କା ରହିଛି । ସେହିପରି ୨୦୧୬-୧୭ବର୍ଷରେ ପିଇଓ ବଂଶୀଧର ବିଶ୍ୱାଳଙ୍କ ନାମରେ ୨୬ହଜାର ଏକଶହ, ଜିପିଟିଏ ବିଭୁପ୍ରସନ୍ନ ପଣ୍ଡାଙ୍କ ନାମରେ ୧ଲକ୍ଷ ୭୮ ହଜାର ୫୫୦ଟଙ୍କା,ବିଜୟ କୁମାର ମିଶ୍ରଙ୍କ ନାମରେ ୩୩ ହଜାର ୯ ଶହ, ପିଇଓ ଗୋବର୍ଦ୍ଧନା ସାହୁଙ୍କ ନାମରେ୧୫ ହଜାର୩ଶହ, ପିଇଓ ଲାଲ ବିହାରୀ ସାହୁଙ୍କ ନାମରେ ୨୧ ହଜାର ୬ଶହ, ମନୋଜ ଭୋଇଙ୍କ ନାମରେ ୧୩ ହଜାର ୩୫୦, ପିଇଓ ପଙ୍କଜ ମହାଲିକଙ୍କ ନାମରେ ୧୯ ହଜାର ୫ଶହ, ପ୍ରଶାସନିକ ଅଧିକାରୀ ପ୍ରଦିପ କୁମାର ସାହୁଙ୍କ ନାମରେ ୩ଲକ୍ଷ ୭୪ ହଜାର ୨୪୮ ଟଙ୍କା,ପିଇଓ ପ୍ରସନ୍ନ କୁମାର ସାହୁ ୧୯ ହଜାର ୬୫୦,ଓଏଏସ ରମେଶ ଚନ୍ଦ୍ର ବେହେରାଙ୍କ ନାମରେ୧ଲକ୍ଷ ୧୦ ହଜାର,ତପନ କୁମାର ଲେଙ୍କା କ୍ୟାସିଅର ନାମରେ ୧ଲକ୍ଷ ୧୦ ହଜାର,ପିଇଓ ବୈକୁଣ୍ଠ ନାଥ କରଙ୍କ ନାମରେ ୧୦ ହଜାର,ବଂଶୀଧର ବିଶ୍ୱାଳଙ୍କ ନାମରେ ୧୦ ହଜାର ରମେଶ ଚନ୍ଦ୍ର,ବେହରାଙ୍କ ନାମରେ ୧ଲକ୍ଷ ୬ ହଜାର,ବିଡିଓ ରମେଶ ଚନ୍ଦ୍ର ବେହେରାଙ୍କ ନାମରେ ୨ଲକ୍ଷ ୧୫ ହଜାର,ପିଇଓ ଶାନ୍ତନୁ କୁମାର ନାୟକଙ୍କ ନାମରେ ୧ଲକ୍ଷ ୪୭ ହଜାର ୫ଶହ,ପିଇଓ ମନୋଜ କୁମାରସେଠୀଙ୍କ ନାମରେ ୬୭ ହଜାର ୫ଶହ ଟଙ୍କା ଥିବାର ଅଡିଟରିପୋର୍ଟରେ ଦର୍ଶାଯାଇଛି । କିନ୍ତୁ ସେହି ଟଙ୍କା ଆଦାୟ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଲୋକାଲ ଫଣ୍ଡ ଅଡିଟ ଅନୁସାରେଓଏଲଏଫଏ ୧୯୪୮ ଅନୁସାରେ କୌଣସି ସଂସ୍ଥାରେ ଅଡିଟ ହେଲାପରେ ଫାଇନାଲ ରିପୋର୍ଟପ୍ରସ୍ତୁତ ହୋଇଥାଏ । ଅଡିଟ ରିପୋର୍ଟର ଦୁଇ ମାସ ପରେ କମ୍ପ୍ଲିଆନସ ରିପୋର୍ଟ ଡିଇଓଙ୍କ ନିକଟରେ ଉପସ୍ଥାପନ ହୋଇଥାଏ ।

ପରେ ସନ୍ତୋଷ ଜନକ ଉତ୍ତର ନମିଳିଲେସେହି ଟଙ୍କା କର୍ମଚାରୀଙ୍କ ଠାରୁ ଆଦାୟ ହୋଇଥାଏ ।ସରଚାର୍ଜ ଆକ୍ସନ ପରେ ୫୦ ହଜାର ମଧ୍ୟରେହୋଇଥିଲେ ଲୋକାଲ ଫଣ୍ଡ ଅଡିଟ ଆଇନ ୧୯୮୪ଧାରା ୯(୨) ବି ଅନୁସାରେ କାରଣ ଦର୍ଶାଅ ନୋଟିସ ଜାରିକରାଯାଇଥାଏ । ଯଦି ୫୦ ହଜାରରୁ ଅଧିକ ଥାଏ ତେବେ ଡିଏଓ ଧାରା ୯(୨)ବି ଅନୁସାରେ କାରଣ ଦର୍ଶାଅ ନୋଟିସ ସହିତ ଏକ ମାସ ମଧ୍ୟରେ ରିକଭରି ପାଇଁ ସରଚାର୍ଜ ଆଦେଶ ଦିଆଯିବାରନିୟମ ରହିଛି । କିନ୍ତୁ ଆଜି ପର୍ଯ୍ୟନ୍ତ କର୍ମଚାରୀମାନଙ୍କ ଠାରୁ ଆଦାୟ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଘଟଣା ସମ୍ପର୍କରେ ବିଡିଓ ଦିଲ୍ଲିପ କୁମାର ଷଡଙ୍ଗୀଙ୍କ କହିବା ଅନୁସାରେ ରିକଭରିକିଛି ହୋଇଛି ଏବଂ ରିକଭରି ପାଇଁ ଯୋଜନା ଚାଲିଛି ବୋଲିକହି କଥାକୁ ଏଡାଇ ଦେଇଥିଲେ ।

# ଜଳୁଛି ଜଙ୍ଗଲ, ବନ ବିଭାଗ ନିରବଦ୍ରଷ୍ଟା



କାମାକ୍ଷାନଗର ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହର ଠାରୁ ମାତ୍ର ତିନି କିଲୋମିଟର ଦୂରରେ ଥିବା ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ଓ ମୂଲ୍ୟବାନ ବୃକ୍ଷ ନଷ୍ଟ ହେଉଥିବା ବେଳେ ବନବିଭାଗ ନୀରବଦ୍ରଷ୍ଟା ସାଜିଛି ।କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ ଜଙ୍ଗଲରେ ନିଆଁ ଲାଗି ଜଳିଯାଉଥିବା ବେଳେ ବହୁ ମୂଲ୍ୟବାନ ବୃକ୍ଷ, ଔଷଧୀୟ ଗୁଳ୍ମ ପୋଡି ପାଉଁଶ ହୋଇଯାଇଛି । ଏପରିକି ବନ୍ୟଜନ୍ତୁ ମଧ୍ୟ ଜଙ୍ଗଲ ନିଆଁରେ ପ୍ରଭାବିତ ହେବାର ସମ୍ଭାବନା ଦେଖାଦେଇଥିଲା ବେଳେ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଏକରଏକର ଜଙ୍ଗଲରେ ନିଆଁ ଲାଗି ଶହଶହ ମୂଲ୍ୟବାନ ବୃକ୍ଷ ପୋଡି ପାଉଁଶ ହୋଇଯାଉଥିବା ବେଳେ ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି ।କାମାକ୍ଷାନଗର ପଶ୍ଚିମାଞ୍ଚଳ ବନ ବିଭାଗ କାର୍ଯ୍ୟାଳୟ ଠାରୁ ମାତ୍ର ତିନି କିଲୋମିଟର ଦୂରରେ ଜଙ୍ଗଲରେ ଭୟଙ୍କର ନିଆଁ ଲାଗିଥିଲା ବେଳେ ବନ ବିଭାଗ ପାଖରେ କୌଣସି ସୂଚନା ନାହ । ଯାହାକୁ ନେଇ ବନ ବିଭାଗ ଓ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ବର୍ତମାନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ସହର ନିକଟରେ ଜଙ୍ଗଲରେ ନିଆଁ ଲାଗିଥିବାରୁ କାମାକ୍ଷାନଗର ଅଞ୍ଚଳରେ ପରିବେଶ ଉଷ୍ମ ହେବା ସହ ଅସହ୍ୟ ତାତି ଅନୁଭବ ହେଉଛି । ବନ ବିଭାଗ ଏହାପ୍ରତି ଦୃଷ୍ଟି ଦେଇ ତୁରନ୍ତ ନିଆଁ ଲିଭାଇବା ସହ ମୂଲ୍ୟବାନ ବୃକ୍ଷ ଓ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବାପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

# ରାସ୍ତା ଖୋଳିଦେଲା ଠିକା ସଂସ୍ଥା, ଜିଲ୍ଲାପାଳଙ୍କୁ ଅଭିଯୋଗ



ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋର ନଗର ବ୍ଲକ ବଇଣ୍ଡା ଠାରୁ ଆଠମଲ୍ଲିକ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଗାଁ ବଇଣ୍ଡା ନିକଟସ୍ଥ ଶାଳବଣି ସାହି ନିକଟରେ ଶୁକ୍ରବାର ଦିନ ବେଆଇନ ଭାବରେ ଏକ ଠିକା ସଂସ୍ଥା ବେଆଇନ ଭାବରେ ରାସ୍ତା ଖୋଳି ପାଣି ପାଇପି ବିଛାଇଛନ୍ତି । ବିନା ଅନୁମତିରେ କଂକ୍ରିଟ ରାସ୍ତାକୁ ଖୋଳି ପାଇପି ବିଛା ଯାଇଥିବା ବେଳେ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏ ନେଇ ଅଞ୍ଚଳବାସୀ ରାସ୍ତା ଖୋଳାକୁ ନେଇ ବିରୋଧ କରିଥିଲେ ମଧ୍ୟ ଠିକା ସଂସ୍ଥା ଶୁଣୁ ନଥିବା ବେଳେ ଶୁକ୍ରବାର ଦିନ ଶାଳବଣି ସାହବାସି ଅନୁଗୋଳ ଜିଲ୍ଲା ପାଳଙ୍କ ଠାରେ ଏକ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଜେ ଶାଳବଣି ସାହି ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ର କଂକ୍ରିଟ ରାସ୍ତାକୁ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରୁଥିବା ଠିକା ସଂସ୍ଥା ପକ୍ଷରୁ ରାସ୍ତା ଖୋଳି ପାଇପି ବିଛା ଯାଉଛି ।

ବିଶେଷ କରି ରାସ୍ତା ନିକଟରେ ଥିବା କଂକ୍ରିଟକରଣକୁ ଜେସିବି ମେସିନ ଦ୍ୱାରା ଖୋଳି ବେଆଇନ ଭାବରେ ପାଇପି ବିଛା ଯାଉଥିବା ବେଳେ ଆଉ କଂକ୍ରିଟକରଣ କରାଯାଉ ନାହିଁ । କଂକ୍ରିଟକରଣ ରାସ୍ତାକୁ ଜେସିବି ମେସିନ ଦ୍ୱାରା ଖୋଳି ଦିଆ ଯାଉଥିବା ବେଳେ ପାଇପି ପକାଇ ମାଟି ଘୋଡାଇ ଦିଆ ଯାଉଛି । ଉକ୍ତ ଠିକା ସଂସ୍ଥାକୁ କଂକ୍ରିଟ କରଣ କରିବା ପାଇ ଅଞ୍ଚଳବାସି କହିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ । ରାସ୍ତା ଠାରୁ ଦେଢ଼ ମିଟର ଦୁରେଇ ଖୋଳିବା ପାଇ ନିଅମ ଥିବା ବେଳେ ଠିକା ସଂସ୍ଥା ରାସ୍ତାକୁ ଲାଗି ଖୋଳି ରାସ୍ତା ଗୁଡିକ ନଷ୍ଟ କରି ଦେଉଛନ୍ତି । ଆଠମଲ୍ଲିକ ଉପଖଣ୍ଡ ରେ ଅନେକ ରାସ୍ତା ପାଇପି ବିଛା ପାଇ ନଷ୍ଟ ହୋଇ ଯାଉଥିବା ବେଳେ ବିଭଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉ ନଥିବା ଅଞ୍ଚଳବାସି ଅଭିଯୋଗ କରିଛନ୍ତ । ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣ ଦାବି ହୋଇଛି । ଏ ନେଇ ପୂର୍ତ୍ତ ବିଭାଗ ଏସ ଡି ଓ ସହରାଇ ସିଂ କୁହନ୍ତି ରାସ୍ତା ଖୋଳିବା ସମ୍ପକରେ ପୂର୍ବରୁ ଥାନା ରେ ଅଭିଯୋଗ କରାଯାଇଥିଲା । କିଛିଦିନ ବନ୍ଦ କରିବା ପରେ ପୁଣି ରାସ୍ତା ଖୋଲୁଛନ୍ତ । କଂକ୍ରିଟ ରାସ୍ତା ନଷ୍ଟ ହୋଇଥିବା ରାସ୍ତା ଗୁଡିକକୁ କଂକ୍ରିଟକରଣ କରିବା ପାଇ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ ।

## ବେଆଇନ ଇଟାଭାଟିରେ ବୁଲିଲା ବୁଲଡୋଜର୍

# ୬୦ ହଜାର ଇଟା ଚୂରମାର



ରେଙ୍ଗାଳି, (ସବ୍ୟୁ ): କଣିହାଁ ବ୍ଲକ ଶୁଶୁବା ପଞ୍ଚାୟତ ଭାଲିଆବେଡା, ଶୁଶୁବା ଅଞ୍ଚଳରେ ବେଆଇନ ଇଟାଭାଟିରେ କଣିହାଁ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି । ଶୁକ୍ରବାର ପୂର୍ବାହ୍ନରେ କଣିହାଁ ତହସିଲଦାର ଚିନ୍ମୟ ଦାସ, ସିପୁର ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା । ଜେସିବି ମେସିନ ଲଗାଇ ପ୍ରାୟ ୬୦ ହଜାର ଇଟା ଚୂରମାର କରିଦିଆଯାଇଥିବା ଜଣାଯାଇଛି । ଭଙ୍ଗା ହୋଇଥିବା ଇଟାର ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଭାଟି ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ତହସିଲ ପ୍ରଶାସନ ପକ୍ଷରୁ କୁହାଯାଇଛି । ଏ ବେଆଇନ ଇଟା ଭାଟି ଓ ବାଲି ମାଫିଆଙ୍କୁ ନିସ୍ତାର ନାହିଁ ଖୁବ ଶୀଘ୍ର ବଡ଼ ଧରଣର ରେଡ କରି ବାଲି ଓ ବେଆଇନ ଇଟା ଭାଟିକୁ ସମ୍ପୂର୍ଣ ବନ୍ଦ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି ।

## ନଳକୂଅରୁ ବାହାରୁଛି ଗୋଳିଆ ପାଣି

# ମରାମତି କରୁନି ବିଭାଗ

ଠାକୁରଗଡ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକରେ ଏବେ ବହୁ ନଳକୂଅ ଅଚଳ ହୋଇ ପଡିଛି। ବିଶେଷ କରି ଜଳ ଯୋଗାଣ ବିଭାଗ ପକ୍ଷରୁ ସଠିକ ଭାବରେ ମରାମତି କରାଯାଉ ନଥିବା ଯୋଗୁଁ ଅଂଚଳବାସି ହଇରାଣ ହେଉଛନ୍ତି। ବିଶେଷ କରି ବଇଣ୍ଡା ଶିବ ମନ୍ଦିର ନିକଟରେ ଥିବା ଏକ ସରକାରୀ ନଳକୂଅରୁ କିଛି ମାସ ହେବ ଗୋଳିଆ ପାଣି ସହ ଲୋହ୍ୟଗୁଣ୍ଡ ପାଣି ବାହାରୁଛି। ଫଳରେ ଏହି ନଳକୂଅ ରୁ ଲୋକେ ପାଣି ପିଇବା ପାଇଁ ନେବାକୁ ଉଚିତ ମନେ କରୁନଥିବା ବେଳେ ଜଳ ଯୋଗାଣ ବିଭାଗକୁ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଫଳରେ ବଇଣ୍ଡା ଅଂଚଳ ବାସିଙ୍କ ପକ୍ଷରୁ ଶୁକ୍ରବାର ଦିନ ଡାକ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ମାଧ୍ୟମ ରେ ଅବଗତ କରାଇଛନ୍ତି। ଅଞ୍ଚଳବାସି ତାଙ୍କ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି ଯେକିଛି ବର୍ଷ ପୂର୍ବେ ସରକାରଙ୍କ ପକ୍ଷରୁ ମନ୍ଦିର ନିକଟରେ ପାଣି ସଙ୍କଟ ଦୂର କରିବା ପାଇଁ ଏକ ନଳକୂଅ ଖୋଳା ଯାଇଥିଲା। ଏହି ନଳକୂଅ ଉପରେ ଉକ୍ତ ଅଂଚଳର ୨୦ ପରିବାର ସହ ମନ୍ଦିର ଉପରେ ନିର୍ଭର କରୁଥିବା ଜନସାଧାରଣ ଓ ସାପ୍ତାହିକ ହାଟକୁ ଆସୁଥିବା ଲୋକେ ଓ ବ୍ୟବସାୟୀମାନେ ପାଣି ପିଇବା ପାଇଁ ନିର୍ଭର କରୁଛନ୍ତି। ହେଲେ ଉକ୍ତ ନଳକୂଅ ରେ ଲାଗିଥିବା ଲୁହା ପାଇପି ଗୁଡିକ ନଷ୍ଟ ହୋଇ ଗଲାଣି। ଫଳରେ ପାଣି ମାରିଲେ ଲୋହ୍ୟଗୁଣ୍ଡ ପାଣି ସହ ଗୋଳିଆ ପାଣି ବାହାରୁଛି। ଏହି ଅଂଚଳ ରେ କିଡନୀ ରୋଗ ବ୍ୟାପୁଥିବା ବେଳେ ଲୋକେ ଏହି ନଳକୂଅରୁ ପାଣି ପିଇବା ପାଇଁ ଭୟ କରୁଛନ୍ତି। ଉକ୍ତ ନଳକୂଅରୁ ସମସ୍ତ ପାଇପି ଗୁଡିକ ବଦଳାଇ ନୂତନ ପାଇପି ଲଗାଇବା ପାଇଁ ୫ ଡିସେମ୍ବର ୨୦୨୫ ରେ କିଶୋରନଗର ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ ଠାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆ ଯାଉନଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ପଞ୍ଚାୟତ କାର୍ଯାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ କୁହନ୍ତି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

## ପୌର ପରିଷଦର ସଫଳତା

# ୭କୋଟି ୭୧ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ

ଅନୁଗୋଳ, (ସବ୍ୟୁ): ଅନୁଗୋଳ ପୌର ପରିଷଦର ୨୦୨୫-୨୬ ଆର୍ଥକ ବର୍ଷରେ ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ମୋଟ ୭କୋଟି ୭୧ଲକ୍ଷ ୨୮ ହଜାର ଟଙ୍କାର ରାଜସ୍ୱ ସଂଗ୍ରହ କରି ସଫଳତା ଅର୍ଜନ କରିଛି ।୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୮ କୋଟି ୫୫ ଲକ୍ଷ ୩୭ ହଜାର ଟଙ୍କାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୯୦.୧୭ ପ୍ରତିଶତ ରାଜସ୍ୱ ଆଦାୟ କରାଯାଇଛି । ଏହି ରାଜସ୍ୱ ଆଦାୟ କରାଯିବା ପଛରେ ପୌର ପରିଷଦର ନଗରପାଳ ଅକ୍ଷୟ କୁମାର ସାମନ୍ତ, ସମସ୍ତ ପରିଷଦ ଏବଂ କର୍ମଚାରୀଙ୍କ ଭୂମିକା ରହିଛି । ପୌରପାଳିକାର ରିପୋର୍ଟ ମୁତାବକ, ହୋଲଡିଂ ଟିକସ ପାଇଁ ୩ କୋଟି ୧୩ ଲକ୍ଷ ୯୫ ହଜାର ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୨ କୋଟି ୪୭ ଲକ୍ଷ ୫୪ ହଜାର ଟଙ୍କା ସଂଗ୍ରହ କରାଯାଇଛି ।

ଦୋକାନ ଘର ଭଡା ଟ୍ରେଡ ଲାଇସେନ୍ସ, ହୋଲଡିଂ ରାଜସ୍ୱ, ପାର୍କିଂ ଫି,ୟୁଜର୍ସ ଫି, ଟାଉନ ହଲ, କଲ୍ୟାଣ ମଣ୍ଡପ, ସେସ୍ସପୁଲ ଏବଂ ବିଭିନ୍ନ ଫାଇନ ବାବଦକୁ ୫ କୋଟି ୪୧ ଲକ୍ଷ ୪୨ ହଜାର ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୫ କୋଟି ୨୩ ଲକ୍ଷ ୭୪ ହଜାର ଟଙ୍କା ସଂଗୃହୀତ ହୋଇଛି । ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ମାର୍ଗଦର୍ଶନରେ ପୌର ପରିଷଦର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ୟମ ଯୋଗୁଁ ରାଜସ୍ୱ ସଂଗ୍ରହରେ ଏହି ସଫଳତା ହାସଲ କରାଯାଇଥିବାରୁ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ହିନ୍ଦୋଳରେ ବିଜୁ ଜନତା ଦଳ କର୍ମୀ ସମ୍ମିଳନୀ



ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି କୁନୁଆ ପଂଚାୟତସ୍ଥିତ ମା ସୁକିଆ ବାଉତୀଙ୍କ ପୀଠରେ ଏକ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ନେଇ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ପୂର୍ବତନ ସାଂସଦ ମହେଶ ସାହୁ ଯୋଗଦେଇ କହିଥିଲେ ଯେ ବିଗତ ଦିନରେ ଯାହା ଅଙ୍ଗେ ଲିଭାଇଲେ ତାହାର ଆତ୍ମସମୀକ୍ଷା କରି ଆଗାମୀ ପଂଚାୟତ ଓ ସାଧାରଣ ନିର୍ବାଚନରେ ଉଚିତ ଜବାବ ଦେବେ । ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ମମତା ସାହୁ, ରାଜ୍ୟ ମାଇନରୀଟି ସେଲ ସମ୍ପାଦକ ଇବ୍ରାନ ଖାଁ, ଓଡାପଡା ବ୍ଲକ ସଭାପତି ଯତି ନାଏକ, ଜିଲ୍ଲା ସାଧାରଣ ସମ୍ପାଦିକା ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ହିନ୍ଦୋଳ ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଚକ୍ରଧର ଦାସ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ହିନ୍ଦୋଳ ବ୍ଲକ ବିଜେଡି ମହିଳା ସଭାପତି ଯୋଗମାୟା ଗଡ଼ନାୟକ, ପୂର୍ବତନ ରସୋଳ ସରପଞ୍ଚ ସଞ୍ଜୟ ଆଚାର୍ଯ୍ୟ, ମାଧପୁର ପୂର୍ବତନ ସରପଞ୍ଚ କୈଳାଶ ଭୋଇ, ଗଣ୍ଡନାଳି ସମିତିସଭ୍ୟା, ବହୁ ପୁରୁଖା କର୍ମୀ ପ୍ରମୁଖ ଯୋଗଦେଇ ବିଗତ ବିଜେଡି ସରକାରର ସଫଳତା ବର୍ଣନା କରିଥିଲେ।

## ମେଡିକାଲ କଲେଜ ରୋଗୀ ସେବା ଦାବିରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ତାଳଚେର,(ସବ୍ୟୁ): ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଆଜି ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ବରିଷ୍ଠ ଉପଦେଷ୍ଟା ଚୈତନ୍ୟ ପ୍ରଧାନଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ତାଳଚେର ଉପଖଣ୍ଡର ସଂଗ୍ରାମୀ ବନ୍ଧୁମାନେ ଉପସ୍ଥିତ ହୋଇ ତାଳଚେର ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ତୀବ୍ର ନିନ୍ଦା କରାଯାଇଥିଲା । ପରିଚାଳନା ବାବଦକୁ ସମସ୍ତ ଅର୍ଥ ସରକାର ନେବା ପରେ ଏବଂ ଆନୁସଙ୍ଗିକ ଭିତିଭୂମି ଥିବା ସତ୍ୱେ କାହିଁକି ମେଡିକାଲ କଲେଜରେ ରୋଗୀ ସେବା ହେଉ ନାହିଁ ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି । ଅବିଳମ୍ବେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ବାହ୍ୟ ଓ ଅନ୍ତଃ ରୋଗୀସେବା ଆରମ୍ଭ ନକଲେ ବଡଧରଣର ଆନ୍ଦୋଳନର ଚେତାବନୀ ଦିଆଯାଇଛି । ପ୍ରଥମେ ଗାଁ କୁ ଚାଲ ଅଭିଯାନ ଆରମ୍ଭ ହେବ । ପଥପ୍ରାନ୍ତ ସଭା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି । ସରକାର ଯଦି ଏହାକୁ ଅବହେଳା କରନ୍ତି ତାହେଲେ ତାଳଚେରର ସଂଗ୍ରାମୀ ଜନସାଧାରଣ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି କମିଟିର ସଭାପତି ଅଭୟ ପାଣି, କାର୍ଯ୍ୟକାରୀ ସଭାପତି ଭୂପେନ ଥମ୍ବ, ସଂପାଦକ ବିଜୟ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି । ଏହି ବୈଠକରେ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଚିନ୍ତାମଣି ମହାପାତ୍ର, କେଶବ ଭୂତିଆ, ଶୋଭାଗିନୀ ଦେବୀ, ହରିହର ଦାସ, ବିଜୟ କୁମାର ମିଶ୍ର, ସୁକାନ୍ତ ଦାସ, ବଳରାମ କୁଣ୍ଡ, ରାଜକିଶୋର ସାହୁ, ଡିଳେଶ୍ୱର ବେହେରା, ପ୍ରଫୁଲ ନାଏକ, ପ୍ରେମାନନ୍ଦ ମହାନ୍ତି, ଶରତ ଚନ୍ଦ୍ର ଦାସ, ଜିନେସ ସାହୁ, ସୁଲେଖ ସେଠୀ, ମନୋଜ କୁମାର ମହାପାତ୍ର, ହରେକୃଷ୍ଣ ମହାପାତ୍ର, ବିନୋଦ ଲାଲ୍YP ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ୩୪୨ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ

କଣିହାଁ,(ସବ୍ୟୁ): କଣିହାଁ ଥାନା ଅନ୍ତର୍ଗତ କଂସମୁଣ୍ଡା ଗ୍ରାମରେ ଅନୁଗୋଳ ସତନ୍ତ୍ର ସ୍କ୍ୱାର୍ଡ ପୁଲିସ ଓ କଣିହାଁ ପୁଲିସ ମିଳିତ ଚଢାଉ କରି ୩୪୨ ଲିଟର ବିଦେଶୀ ମଦ ଜବତ କରିଛି । ଏଥି ନେଇ ପୁଲିସ ୨ଟି ମୋକଦ୍ଦମା ରୁଜୁ କରିଛି । ଏକ କେସରେ କଂଶମୁଣ୍ଡା ଗହମ ପ୍ରଧାନ(୫୨)ଙ୍କ ଠାରୁ ୨୯୧ ଲିଟର ବିଦେଶୀ ମଦ ଜବତ କରିଥିବା ବେଳେ ତାକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଅନ୍ୟ ଏକ କେସ ରେ ସେହି ଗ୍ରାମର ଗୀତାଞ୍ଜଳି ପଣ୍ଡା ଠାରୁ ୫୧ଲିଟର ବିଦେଶୀ ମଦ ଜବତ କରିଥିବା ବେଳେ ତାଙ୍କୁ ଥାନାରୁ ଜାମିନରେ ଛାଡିଥିବା ଜଣାଯାଇଛି । ଗୁରୁବାର କଂସମୁଣ୍ଡା ଗ୍ରାମର ଯାତ୍ରା ଥିବାବେଳେ ଉକ୍ତ ମଦ ବେପାର କରିବା ପାଇଁ ରଖିଥିବା ଅନୁଗୋଳ ସତନ୍ତ୍ର ପୁଲିସ ଟିମ ଓ କଣିହାଁ ପୁଲିସ ସେହିଦିନ ସନ୍ଧ୍ୟାରେ ଚଢାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଥିଲେ । ଏତେ ପରିମାଣର ମଦ କେଉଁଠାରୁ ଆସିଲା ତାହା ତଦନ୍ତ ସାପେକ୍ଷ ଅଟେ ।

## ଟ୍ରକ ଅଟକାଇ ଚାନ୍ଦା ଆଦାୟ ଅଭିଯୋଗରେ ଜଣେ ଗିରଫ

କଣିହାଁ, (ସବ୍ୟୁ): କୋଇଲା ବୋଝେଇ ଟ୍ରକକୁ ରାସ୍ତାରେ ଅକଟାଇ ଚାନ୍ଦା ଆଦାୟ କରିବା ଅଭିଯୋଗରେ କଣିହାଁ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ କଣିହାଁ ଥାନା କଣିହାଁ ଗାଁର ଆଦିତ୍ୟ ନାଏକ (୨୧) ବୋଲି ଜଣାପଡିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ବୁଧବାର ଦିନ କଣିହାଁ କୋଇଲା ଖଣିରୁ ଏକ ଟ୍ରକ ଡେରଙ୍ଗ ଜିନ୍ଦଲ ପ୍ଲାଣ୍ଟକୁ କୋଇଲା ବୋଝେଇ କରି ଯାଉଥିବାବେଳେ ରାସ୍ତାରେ ଗାଡିକୁ ଅଟକାଇ ଅଭିଯୁକ୍ତ ଜଣକ ଚାନ୍ଦା ମାଗୁଥିବା ନେଇ ଗାଡ଼ିଚାଳକ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏଥି ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## କଣ୍ଡାଳ ପ୍ରାଥମିକ କୃଷି ସମବାୟ ସମିତି ସାଧାରଣ ସଭା

ତାଳଚେର, (ସବ୍ୟୁ): କଣ୍ଡାଳ ପ୍ରାଥମିକ କୃଷି ସମବାୟ ସମିତି ଲିଃ ପକ୍ଷରୁ ବାର୍ଷିକ ସାଧାରଣ ସଭା ୨୦୨୫-୨୬ ଅନୁଷ୍ଠିତ ହୋଇଛି । ଏଥିରେ ସମବାୟ ଉନ୍ନତି କୃଷକଙ୍କ ଆର୍ଥିକ ଉନ୍ନତି ପାଇର୍ ସମବାୟ ମାଧ୍ୟମରେ କୃଷିର ଆବ୍ୟାକ ସାର, ବିହନ, ଯନ୍ତ୍ରପାତି ସଂଗ୍ରହ କରିବା, ଚାଷର ବଳକାଶସ୍ୟ ଧାନ ଆଦି ସମବାୟ ମଣ୍ଡି ମାଧ୍ୟମରେ ବିକ୍ରୟ କରିବା ପ୍ରଭୃତି ଉପରେ ଚାଷୀକ ମାନଙ୍କୁ ବୁଝାଯାଇଥିଲା । ସେହିଭଳି ସିଏସସି ମାଧ୍ୟମରେ ସମସ୍ତ ପ୍ରକାର ଅନଲାଇନ କାମ କରିବା ଇତ୍ୟାଦି ଅନ୍ତର୍ଭୂକ୍ତ । ଏହି ସଭାରେ ମୁଖ୍ୟଅତିଥିଭାବେ ମଦନମୋହନ ମହାପାତ୍ର ସଭାପତି, ଆନନ୍ଦ ଚନ୍ଦ୍ରପ୍ରଧାନ ସଭ୍ୟ ଓ ସମସ୍ତ ପରିଚାଳନା ପରିଷଦ ସଭ୍ୟ ବକ୍ତାଭାବେ ଦିନବନ୍ଧୁ ପ୍ରଧାନ, ସମବାୟବିତ ଗିରିଜା ମିଶ୍ର, ହିମାଂଶୁ ପ୍ରଧାନ, ପଂଚାନନ ସାହୁ, ଭୀମସେନ ବେହେରା, ବିଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ନନ୍ଦ ପ୍ରାୟ ୩ଶହ ସଭ୍ୟ, ସଭ୍ୟା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ନରହରି ପ୍ରଧାନ ପରିଚାଳନା କରିଥିଲେ ।

# ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଅନୁଗୋଳ, (ସବ୍ୟୁ): ଅନୁଗୋଳ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ସଂଗ୍ରୀଲା ୪.୦ ଅନୁଗୋଳ ସଭାଘର ଠାର ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟର ଉତ୍ସବରେ ଅନୁଗୁଳ ଜିଲ୍ଲାର ଅତିରିକ୍ତ ପୁଲିସ ଅଧୀକ୍ଷକ ଶ୍ରୀମତୀ ଉପାସନା ପାଢ଼ୀ (ଓ. ପି.ଏସ) ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉ"ାଟିତ କରିଥିଲେ ଏବଂ ପାଠପଢା ସହ ଉତ୍ତମ ଚରିତ୍ର ଗଠନ କରିବାପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

ଦ୍ୱିତୀୟ ପର୍ଯ୍ୟାୟରେ ଡ଼କ୍ଟର ସଞ୍ଜୟ କୁମାର ସ୍ୱାଇଁ ,ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଅନୁଗୁଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ସମୀର କୁମାର କାନୁନଗୋ ଅଭିଭାଷଣ ପ୍ରଦାନ କରିଥିଲେ ।

ସହାୟକ ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଅମ୍ରିତା ପ୍ରିୟଦର୍ଶିନୀ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ ।

ଉତ୍ସବରେ ଟି .ଟି. ପି.ଏସ ଡିଏଭି ଅଧ୍ୟକ୍ଷା , ସହାୟକ ଆଞ୍ଚଳିକ ଅଧିକାରୀ ଜ୍ୟୋତି ମିଶ୍ର , ଶୁକ୍ଲା ଚକ୍ରବର୍ତ୍ତୀ, ଅଧ୍ୟକ୍ଷା ଜଗନ୍ନାଥ ଡିଏଭି, ଡେରା , ଟି. ଟି. ହାଇସ୍କୁଲ ଅଧ୍ୟକ୍ଷା ସଙ୍ଗୀତ ପଟ୍ଟନାୟକ, ଫକିର ମୋହନ ସାହୁ, ଅଧ୍ୟକ୍ଷ ସାବିତ୍ରୀ ଜିନ୍ଦଲ ଡିଏଭି, ସଂଯୁକ୍ତା ପୃଷ୍ଟି ଅଧ୍ୟକ୍ଷା ଲିଙ୍ଗରାଜ ଡିଏଭି, ବାଳିକା ଉଚ୍ଚ ବିଦ୍ୟାଳୟ ସି. ଡି. ବ୍ଲୁଏସ.ଅଧ୍ୟକ୍ଷା ସୁଜାତା ସାମଲ,ତାଳଚେର, ଆଦର୍ଶ ଇଣ୍ଟରନାସନାଲ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଭୋଇ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

ବିଦ୍ୟାଳୟର ଶିକ୍ଷୟିତ୍ରୀ ଦୀପିକା ସାମଲ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ । ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲୋପାମୁଦ୍ରା ମିଶ୍ର ପ୍ରଥମ ପର୍ଯ୍ୟାୟର ଓ ସାତୀ କୁମାରୀ ଦିତୀୟ ପର୍ଯ୍ୟାୟ ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଅଏ ପଞ୍ଚାୟତ ଓଲଥ ଗ୍ରାମ ଶ୍ରୀରାମ ମନ୍ଦିର ନିକଟରେ ରୋଟାରୀ କ୍ଲବ ଭୁବନେଶ୍ୱର ରୋୟାଲ ଦ୍ୱାରା ନିର୍ମିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ। ଉଦଘାଟନ କଲା ପରେ ଶ୍ରୀରାମ ମନ୍ଦିରକୁ ଯାଇ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିଥିଲେ। ମନ୍ତ୍ରୀ ପହଂଚିବା ପରେ ବିଜେପି ନେତା ଅର୍ଜୁନ ସାହୁ ଙ୍କ ନେତୃତ୍ୱ ରେ ଦଳୀୟ ସମର୍ଥକଙ୍କ ଏକ ବିରାଟ ପଟୁଆରରେ ପାଛୋଟି ନେଇଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହିତ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇଙ୍କ ସମେତ ବହୁ ବିଜେପି ସମର୍ଥକ ଉପସ୍ଥିତ ଥିଲେ।

## ପତ୍ନୀଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବାଘମାରି ଅଂଚଳର ରଂଜିତା ସାହୁଙ୍କୁ ତାଙ୍କ ସ୍ୱାମୀ ପବିତ୍ର ସାହୁ ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ରଞ୍ଜିତା ବୁଧବାର ଦିନ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତିକରି ପୋଲିସ ନମ୍ବର ୧୧୮/୨୬ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ରଞ୍ଜିତା ଦୁଇ ବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ଏକ କନ୍ୟା ସନ୍ତାନ ରହିଛି । ହେଲେ ଅନେକ ସମୟରେ କୌଣସି କାରଣ ନ ଥାଇ ତାଙ୍କୁ ମାଡ଼ମରା ଯାଉଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି ।

## ଧମପ୍ରାଣା ମହିଳାଙ୍କ ପରଲୋକ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଂଚଳର ଧର୍ମ ପ୍ରାଣ ମହିଳା ନିରୋଦ ଦେହୁରୀ (୭୮) ଙ୍କର ବୁଧବାର ଦିନ ତାଙ୍କ ବଇଣ୍ଡା ସ୍ଥିତ ବାସ ଭବନରେ ପରଲୋକ ହୋଇଯାଇଛି । ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାର ହେବା ପରେ ବିଭିନ୍ନ ଅଂଚଳରୁ ଲୋକେ ଆସି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୩ ପୁଅ, ବହୁ, ଝିଅ, ଜ୍ୱାଇଁ, ନାତି, ନାତୁଣୀଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଜେଡି ନେତା ଭାଗିରଥି ପ୍ରଧାନ, ଭାଜପା ନେତା ପ୍ରବୀଣ ସାହୁ, ଅରବିନ୍ଦ ସାହୁ, ରାଜେନ୍ଦ୍ର ସାହୁ ଶୋକ ପ୍ରକାଶ କରିଛନ୍ତି ।

# ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତଃ ହିମାଂଶୁ ଦାସଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର : ୮୦ ୟୁନିଟ ସଂଗୃହିତ



ବାଲେଶ୍ୱର, (ସବ୍ୟୁ): ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତଃ ହିମାଂଶୁ ଦାସଙ୍କ ୮୧ତମ ଜୟନ୍ତୀ ଅବସରରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହରି ଗ୍ରୁପ ଅଫ କମ୍ପାନୀଜ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ହରି ପ୍ଲାଜା ଠାରେ ଅନୁଷ୍ଠିତ ହୋଇଯାଇଛି । ଚାନ୍ଦିପୁର ସ୍ଥିତ ପିଏକ୍ସଇର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବାଲେଶ୍ୱରର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସ୍ୱର୍ଗତଃ ଦାସଙ୍କ ସ୍ମୃତିରେ ରକ୍ତଦାନ ଭଳି ମହତ କାର୍ଯ୍ୟପାଇଁ ନିଶ୍ଚିତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ପିଏକ୍ସଇର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ହିମାଂଶୁ ଶେଖର ପଣ୍ଡା ଓ କର୍ଣ୍ଣେଲ ରାମଚନ୍ଦ୍ର କ୍ଷେତ୍ରୀ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ୱର୍ଗତଃ ଦାସଙ୍କ ସୁପୁତ୍ର ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ୍ ଏଣ୍ଡ କମର୍ସ (ବିସିଆଇସି) ସଭାପତି ସଞ୍ଜୟ ଦାସ ଓ ଯୁବ ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ ଏଥରେ ଉପସ୍ଥିତ ରହି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସହି ସେବା ମନୋଭାବକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ତାଙ୍କ ଜନ୍ମ ଦିବସରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ସେମାନେ କହିଥିଲେ । ଏହି ଅବସରରେ ସଞ୍ଜୟ ଦାସ ନିଜେ ରକ୍ତ ଦେଇ ଅନ୍ୟମାନଙ୍କୁ ରକ୍ତ ଦାନ ପାଇଁ ପ୍ରେରିତ କରିଥିଲେ କରିଥିଲେ। ସ୍ୱର୍ଗତଃ ଦାସଙ୍କ ନାତି ସମ୍ପଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବୋହୂ ମମତା ଦାସ ଓ ଅଲିଭା ଦାସ, ନାତୁଣୀ ସଂପ୍ରିତା ଦାସ ଓ ସଂସ୍ମିତା ଦାସଙ୍କ ସମେତ ସମର୍ଥ ଦାସ, ଅଭିନବ ଦାସ, ଅବିନାଶ ଦାସ, ସଞ୍ଜୀବ ଦାସ, ସୋନାଲି ଦାସ, ଜୟଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ଉପସ୍ଥିତିରେ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ହରି ଗ୍ରୁପ ଅଧିନରେ ପରିଚାଳିତ ବିଭିନ୍ନ ଶିଳ୍ପାନୁଷ୍ଠାନର କର୍ମଚାରୀଙ୍କ ସମେତ ସ୍ୱର୍ଗତଃ ଦାସଙ୍କ ଶୁଭେଚ୍ଛୁମାନେ ଏହି ଶିବରରେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ସୁଜୟ ଆଚାର୍ଯ୍ୟ, ସୁରଜିତ ମହାପାତ୍ର, ଗୋବିନ୍ଦ ରାଠୀ, ସୁଶାନ୍ତ ପଣ୍ଡା, ଅଭ୍ୟୁଦୟ ଦାସ, ଅରବିନ୍ଦ ସାହୁ, ରାଧାନାଥ ରଥଙ୍କ ସମେତ ହରି ଗ୍ରୁପର ପ୍ରଶାନ୍ତ କର, ପ୍ରବୀର ପଣ୍ଡା, ଅସୀତ ଦାସ, ସୁଶୀଲ କୁମାର ପ୍ରଧାନ, ଅମରେନ୍ଦ୍ର ପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଏହି ଶିବିରରୁ ୮୦ ୟୁନିଟ ସଂଗ୍ରହ ହୋଇଥିଲା ।

# ପେଟ୍ରୋଲ ପମ୍ପରୁ ତେଲ ଲୁଟ୍ କରିଥିବା ଦୁଇ ଅଭିଯୁକ୍ତ ଗିରଫ

## ଦୁଇ ଖେଳଣା ବନ୍ଧୁକ, ନକଲି ନମ୍ବର ପ୍ଲେଟ ଜବତ



କେନ୍ଦୁଝର, (ସବ୍ୟୁ): ଗତ ମାର୍ଚ୍ଚ ୨୧ତାରିଖରୁ ଚବିଶ ଘଣ୍ଟାରେ ଜାତୀୟ ରାଜପଥର ୪ଟି ପେଟ୍ରୋଲ ପମ୍ପରୁ ତେଲ ଲୁଟ ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ କେନ୍ଦୁଝର ପୋଲିସ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଖେଳଣା ବନ୍ଧୁକ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।ଦାଖଲ ହୋଇଥିବା ମାମଲା ଅନୁଯାୟୀ ଗତ ୨୨ତାରିଖରେ ଚବିଶ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥର ୨୦ନମ୍ବରର ବାଙ୍କପାଟୁଳିରୁ ଘଟଗାଁ ମଧ୍ୟରେ ଥିବା ୪ଗୋଟି ପେଟ୍ରୋଲ ପମ୍ପରୁ ଅଭିନ ଉପାୟରେ ତେଲ ଲୁଟ ହୋଇଥିଲା ୨୧ତାରିଖ ସନ୍ଧ୍ୟା ସାଢ଼େ ୬ଟାରେ ବାଙ୍କପାଟୁଳର ଶ୍ରୀ ଗଣେଶ ଫିଲିଂ ଷ୍ଟେସନକୁ ଗୋଟିଏ କାରରେ ଡ୍ରାଇଭର ସମେତ ଦୁଇ ଜଣ ଅପରାଧୀ ଯାଇ ୧୭ହଜାର ଟଙ୍କାର ତେଲ ନେଇ ବିଲ ମାଗିଥିଲେ। ବିଲ ଦେବା ସମୟରେ ଏହି ଦୁଇଜଣ ଅପରାଧୀ ଦ୍ରୁତ ଗତିରେ ଗାଡି ଷ୍ଟାର୍ଟ କରି ଚମ୍ପଟ ମାରିଥିଲେ। ଏହାପରେ ସନ୍ଧ୍ୟା ୭ ଟାରେ କଟରାବେଡାରେ ଥିବା ଦିବ୍ୟାଂଶୁ ଫିଲିଙ୍ଗ ଷ୍ଟେସନ ୧୮ହଜାର ଟଙ୍କାର ତେଲ ନେଇ ଅନୁରୂପ ଭାବେ ଚମ୍ପଟ ମାରିଥିଲେ। ରବିବାର ସନ୍ଧ୍ୟା ୬ଟା୪୦ରେ ମସିଣାବିଲାର ଜଗା ତାରିଣୀ ଫିଲିଙ୍ଗ ଷ୍ଟେସନରୁ ୧୭ହଜାର ୮୦୦ଟଙ୍କାର ତେଲ ଭ୍ରମରେ ନେଇ ଫେରାର ହେବା ପରେ ସେହିଦିନ ସନ୍ଧ୍ୟା ୭ଟା ୪୦ରେ ଘଟଗାଁ ନିକଟରେ ଥିବା ବୃନ୍ଦାବନ ଫିଲିଙ୍ଗ ଷ୍ଟେସନରୁ ୧୫ହଜାର ଟଙ୍କାର ତେଲ ନେଇ ଫେରାର ହୋଇଥିଲେ। ଏହି ଘଟଣାକୁ ନେଇ ପଣ୍ଡାପଡା ଥାନା କେସ ନମ୍ବର ୮୫ ତା ୨. ୦୪. ୨୬ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪)/୩୦୫/୩୩୬(୩)/୩୪୦/୩(୫), ଅସ୍ତ୍ର ଶସ୍ତ୍ର ଆଇନର ଧାରା ୨୭ବଳରେ ଗିରଫ କରାଯାଇଛି।କେନ୍ଦୁଝର ସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗଙ୍ଗୋଇ ଶୁକ୍ରବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି ଯେ କଟକ ଜିଲ୍ଲା ନରସିଂହପୁର ଥାନା ଅନ୍ତର୍ଗତ ପତଣ୍ଡା ଗ୍ରାମର ଅଭିଯୁକ୍ତ ଦୀପଙ୍କର ପଣ୍ଡା ଏବଂ ରାଜେଶ ପଣ୍ଡା ପଞ୍ଜୀକୃତ ନଂ ଓଡି ୧୪ ବିଏଚ ୧୪ ୬୦୭୦ ବିଶିଷ୍ଟ ଏକ ହୁଣ୍ଡାଇ କାରରେ ପଣ୍ଡାପଡାର ମା କାଳୀ ଫିଲିଂ ଷ୍ଟେସନକୁ ଯାଇଥିଲେ ଏବଂ କାରରେ ୧୫୦୦ ଟଙ୍କା ପେଟ୍ରୋଲ ଏବଂ ୧୬ହଜାର ଟଙ୍କା ପ୍ଲାଷ୍ଟିକ ଜର୍କିନ ଭର୍ତ୍ତି କରିଥିଲେ। ଏହା ପରେ, ସେମାନେ ବିଲ ମାଗିଲେ ଏବଂ ବିକ୍ରୟକାରୀ ବିଲ କରିବାକୁ ଯାଇଥିବା ସମୟରେ ସେମାନେ ଦେୟ ନ ଦେଇ ପଳାଇଗଲେ। ଏହି ସମ୍ପର୍କରେ ପୋଲିସରେ ସୂଚନା ଦିଆଯିବା ପରେ ଶୁକ୍ରବାର ଭୋର ସମୟରେ ସୂଚନା ପାଇ କୁଆଝରଣ ଜଙ୍ଗଲରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ବ୍ୟକ୍ତିଗତ ତଲାସୀ ସମୟରେ ସେମାନଙ୍କଠାରୁ ଦୁଇଟି ଖେଳଣା ବନ୍ଧୁକ, ନଗଦ ୯୯୦୦ ଟଙ୍କା,ଦୁଇଟି ମୋବାଇଲ ଫୋନ, ପ୍ରାୟ ୫୦୦ ଲିଟର ପେଟ୍ରୋଲରେ ଭର୍ତ୍ତି ୧୧ ନମ୍ବର ପ୍ଲାଷ୍ଟିକ ଜର୍କିନ ଏବଂ ୦୮ ନମ୍ବର ନକଲି ପଞ୍ଜିକରଣ ନମ୍ବର ପ୍ଲେଟ ଜବତ କରାଯାଇଛି।ଅଭିଯୁକ୍ତମାନେ କେନ୍ଦୁଝର ଜିଲ୍ଲାର ଉପରୋକ୍ତ ମାମଲାରେ ଜଡିତ ଥିବା ସହ ଏହା ବ୍ୟତୀତ, ଅଭିଯୁକ୍ତମାନେ ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଦେବଗଡ଼, କଟକ ଜିଲ୍ଲାରେ ଅନେକ ସମାନ ମାମଲାରେ ଜଡିତ ଅଛନ୍ତି ।ସେମାନଙ୍କ ନିକଟରୁ ଓଡି ୦୨ଏ ୧୪୯୫ ନମ୍ବର ଥିବା ଏକ କାର ମଧ୍ୟ ଜବତ କରିଛି। ପ୍ରାୟ ୫୦୦ ଲିଟର ପେଟ୍ରୋଲ ଥିବା ୧୧ ଟି ପ୍ଲାଷ୍ଟିକ ଜାର୍କିନଓ ୮ ଟି ନକଲି ପଞ୍ଜିକରଣ ନମ୍ବର ପ୍ଲେଟ ମଧ୍ୟ ଜବତ କରିଛି।

# ଘରୋଇ ସ୍କୁଲ ହଷ୍ଟେଲରୁ ଦୁଇ ଛାତ୍ର ନିଖୋଜ

ଭଦ୍ରକ ,(ସବ୍ୟୁ): ଭଦ୍ରକ ଗ୍ରାମାଞ୍ଚଳ ଥାନା ସାମାରାଇପୁର ସ୍ଥିତ ରୟାଲ ଆବାସିକ ମାଧ୍ୟମିକ ବିଦ୍ୟାଳୟରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଗୁରୁବାର ରାତିରୁ ହଷ୍ଟେଲରୁ ୨ ଜଣ ୧୦ମ ଶ୍ରେଣୀ ଛାତ୍ର ନିଖୋଜ ଥିବା ଅଭିଯୋଗ ହୋଇଛି।ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ବରପଦୀ ପାଟଣା ଗ୍ରାମର ଲକ୍ଷ୍ମୀଧର ନାଥଙ୍କ ପୁଅ ସୌରଭ ନାଥ ଓ ଭଦ୍ରକ ପୌରପାଳିକା ଅନ୍ତର୍ଗତ ସଛିଆ ନୀଳକଣ୍ଠପୁର ଗ୍ରାମର ମହିବୁର ରେହମାନଙ୍କ ପୁଅ ଦିଆଉର ରେହମାନ ନିଖୋଜ ଥିବା ଜଣାପଡିଛି। ଗତକାଲି ରାତ୍ରି ପ୍ରାୟ ସାଢେ ଦଶଟା ପରେ ଉଭୟ ପରିବାରଙ୍କୁ ସ୍କୁଲ ତରଫରୁ ପୁଅ ନିଖୋଜ ଥିବା ଖବର ଦିଆଯାଇଥିବା ପରିବାର ଲୋକେ କହିଛନ୍ତି। ରାତି ତମାମ ବହୁ ଜାଗାରେ ଖୋଜାଖୋଜି କରିବା ପରେ ଉଭୟଙ୍କ ପରିବାର ପୁଅକୁ ନପାଇ ହତାସ ହେବା ପରେ ଆଜି ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗୁରୁବାର ରାତିରେ ଉଭୟ ଡିନର ପାଇଁ ଖାଦ୍ୟ ନେଇଥିଲେ। ମାତ୍ର ରାତ୍ର ଉପସ୍ଥାନରେ ଦୁଇ ଜଣ ହଷ୍ଟେଲରେ ନଥିବା ସ୍କୁଲ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ସ୍କୁଲ ପକ୍ଷରୁ ମଧ୍ୟ ଥାନାରେ ଏଥି ନେଇ ଅଭିଯୋଗ କରାଯାଇଥିବା ଶିକ୍ଷକ ସୂଚନା ଦେଇଛନ୍ତି। ଅଭିଯୋଗର ବହୁ ବିଳମ୍ବରେ ଗ୍ରାମାଞ୍ଚଳ ଥାନା ପୋଲିସ ସ୍କୁଲ ପରିସରରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସ୍କୁଲରେ ବାଉଣ୍ଡ୍ରି ନଥିବା ବେଳେ କୌଣସି ସିକ୍ୟୁରିଟି ବ୍ୟବସ୍ଥା ମଧ୍ୟ ନାହିଁ ବୋଲି କହିଛନ୍ତି ସୌରଭଙ୍କ ମାଆ ଜ୍ୟୋତ୍ସ୍ନାରାଣୀ ନାଥ ଏବଂ ଦିଆଉର ବାପା ମହିବବୁର ରେହମାନ ।

# ସର୍ବଭାରତୀୟସ୍ତରୀୟ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତା ଦ୍ୱିତୀୟ ସ୍ଥାନରେ ସାହାନାୱଜଙ୍କ ସଫଳତା

ବାଲେଶ୍ୱର,(ସବ୍ୟୁ): ମହାରାଷ୍ଟ୍ର ର ପୁନେ ଜିଲ୍ଲା ପିମ୍ପ୍ରି ଚିଂଚୋଡ଼ ରେ ଇଣ୍ଡିଆନ ବଡି ବିଲଡିଂ ଆଣ୍ଡ ଫିଟନେସ ଆସୋସିଏସନ ଆନୁକୂଲ୍ୟରେ ମାର୍ଚ୍ଚ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଜୁନିୟର ଓ ସିନିୟର କ୍ୟାଟାଗୋରିର ବିଭିନ୍ନ ବର୍ଗ ରେ ପ୍ରତିଯୋଗିତା ସମ୍ପନ୍ନ ହୋଇଯାଇଛି। ସାରା ଦେଶରୁ ମୋଟ ୩୫୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ଓଡିଶାରୁ ୩୨ଜଣ ଅଂଶ ଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୧୭ ଜଣ ବିଭିନ୍ନ ବର୍ଗ ରେ ସଫଳତା ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ବାଲେଶ୍ୱର ସହର ଆକତପୁର ନିବାସୀ ମୁସଲିମ ଅଲ୍ଲୀ କାଦ୍ରୀ ଙ୍କ ପୁଅ ସାହାନୱାଜ କାଦ୍ରୀ ଜାତୀୟସ୍ତରୀୟ ଏହି ପ୍ରତିଯୋଗିତାରେ ସୁନ୍ଦର ସ୍ୱାସ୍ଥ୍ୟ ଓ ବଡି ବିଲଡିଂ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରି ଉଭୟ ପ୍ରତିଯୋଗୀତା ରେ ଦ୍ୱିତୀୟ ସ୍ଥାନ ହାସଲ କରି ଓଡିଶା ତଥା ବାଲେଶ୍ୱର ଜିଲ୍ଲା ର ଗୌରବ ବୃଦ୍ଧି କରିଛନ୍ତି। ୮୦କିଲୋଗ୍ରାମ ବର୍ଗ ଓ ମ୍ୟାନ ଫିଜିକ ୧୭୫ରୁ କମ ବର୍ଗ ରେ ମଧ୍ୟ ସମାନ ପ୍ରକାର ପଦକ ଓ ସମ୍ମାନ ଲାଭ କରିଛନ୍ତି। ମହାରାଷ୍ଟ୍ର ର ପୁନେ ଜିଲ୍ଲା ର ପିମ୍ପ୍ରି ଚିଂଚୋଡ଼ ରେ ଗତ ମାସ ୨୮ ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ସ୍ତରରେ ଏଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଅଲ ଓଡିଶା ବଡି ବିଲଡିଂ ଆଣ୍ଡ ଫିଟନେସ ଆସୋସିଏସନର ଅର୍ଗାନାଇଜିଙ୍ଗ ସେକ୍ରେଟାରୀ ଶେଖ ମୁସ୍ତାକ, ଚିଫ ପାଟର୍ନ ଶେଖ ମୋନ୍ତୁ, ସଞ୍ଜୟ ସିଆହୋ, ନାରାୟଣ ପଟ୍ଟନାୟକ ଶେଖ ୟାସିନ ପ୍ରମୁଖ ପ୍ରତିଯୋଗିତାରେ ଓଡିଶାରୁ ଅଫିସିଆଲ ଭାବେ ଯୋଗ ଦେଇଥିଲେ। ଜାତୀୟ ସ୍ତରୀୟ ଜୁରୀ ଅନିଲ ପାଣି ବିଚାରକ ଭାବେ ସାମିଲ ହୋଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ମହାନ୍ତଙ୍କ ପରଲୋକ



ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ହାଇସ୍କୁଲରେ ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିବା ଶିକ୍ଷକ ଗୁରୁଚରଣ ମହାନ୍ତ (୭୯)ଙ୍କର ବପରଲୋକ ଘଟିଛି । ସେ ୧୯୪୭ ମସିହାରେ ଜନ୍ମଗ୍ରହଣ କରିଥିଲେ ।ପାଠ ପଢା ପରେ ଠାକୁରମୁଣ୍ଡା ହାଇସ୍କୁଲରେ କ୍ରୀଡା ଶିକ୍ଷକ ଭାବେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ସେହି ସ୍କୁଲରେହିଁ ସେ ଅବସର ଗ୍ରହଣ କରିଥିଲେ ଶେଷ ପର୍ଯ୍ୟନ୍ତ ସେ ସୁସ୍ଥ ଥିଲେ ଏବଂ ନିଜେ ଗାଡି ଚଳାଇ ସବୁ ସ୍ଥାନକୁ ଯାଇ ପାରୁଥିଲେ। ଗୁରୁବାର ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ସ୍ଥାନୀୟ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ଭିତରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କ ପାଖରେ ଗଜପତି ଜିଲ୍ଲାରେ ଶିକ୍ଷକତା କରୁଥିବା ତାଙ୍କ ଏକମାତ୍ର ପୁଅ, ବୋହୁ, ନାତି, ନାତୁଣୀ ଉପସ୍ଥିତ ଥିଲେ । ଅନେକ ପୁରାତନ ଛାତ୍ର, ସାଧାରଣ ଲୋକ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ ।

# ଦନ୍ତା ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ବାଲେଶ୍ୱର,(ସବ୍ୟୁ): ବସ୍ତା ଥାନା ଅମର୍ଦାରୋଡ୍ ଫାଣ୍ଡି ଅଧୀନ ନଟାକଟା ପଂଚାୟତ ଭାଣିଦିପୁର ଗ୍ରାମରେ ହାତୀ ଦଳି ଦେବାରୁ ଜଣକଙ୍କ ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ ଭାଣିଦିପୁର ଗ୍ରାମର ଠାକୁର ମାରାଣ୍ଡି (୬୩) ଶୌଚ ହେବାକୁ ଯାଇଥିବା ବେଳେ ଏକ ୮ଟିକିଆ ହାତୀପଲ ପଛରୁ ମାଡ଼ି ଆସିଥିଲେ। ଗୋଟିଏ ଦନ୍ତା ହାତୀ ଠାକୁରଙ୍କୁ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଠାକୁରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ୮ ଟିକିଆ ହାତୀପଲ ଗାଁ ଭିତରେ ପଶି ଆତଙ୍କ ଖେଳାଇଛନ୍ତି। ହାତୀପଲ ଆସିଥିବାରୁ ଇଣିଦିପୁର, ପାଣିନଗର, ହଦବୌଦ, ଚାଷୀପଡ଼ା ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

# ଝାମ୍ପିନେଲେ ୩ ଲକ୍ଷ

ବାଲେଶ୍ୱର, (ସବ୍ୟୁ) : ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା କଳମ ପଞ୍ଚାୟତ ପ୍ରସାଦଶୋଳ ପଡ଼ିଆ ନିକଟରେ ସୋମବାର ରାତି ୯ଟା ରେ ଜଣେ କିଓସ୍କ ବ୍ୟାଙ୍କ ମାଲିକଙ୍କଠାରୁ ପ୍ରାୟ ୩ ଲକ୍ଷ ଟଙ୍କା ସହ ଜରୁରୀ କାଗଜପତ୍ର ଛିନ୍ତାଇ ହୋଇଥିବା ଅଭିଯୋଗ ହୋଇଛି । ରାଇବଣିଆ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ନାଗେଶ୍ୱରପୁର ଗ୍ରାମର ଅନିଲ ଗିରି ରାସଗୋବିନ୍ଦପୁର ଥାନା କସାଫଳିଆ ହାଟ ପଡ଼ିଆରେ ଘରଦ୍ୱାର କରି ରହୁଥିବା ବେଳେ ତାଙ୍କର ରାଇବଣିଆ ଥାନା କଳମା ପଞ୍ଚାୟତ ସରଡିହା ହାଟ ପଡ଼ିଆରେ ବ୍ୟାଙ୍କ୍ ଅଫ ବରୋଦା ଆନୁକୂଲ୍ୟରେ ଏକ କିଓସ୍କ ଶାଖା ରହିଛି। ରାତି ପ୍ରାୟ ୯ଟା ସମୟରେ ସେ କିଓସ୍କ ଶାଖା ବନ୍ଦ କରି ବାଇକ୍‌ରେ ଘରକୁ ଫେରୁଥିଲେ। ତେବେ ପ୍ରସାଦସୋଳ ପଡ଼ିଆ ନିକଟରେ ୩ ଜଣ ଯୁବକ ବାଇକରେ ଆସି ତାଙ୍କୁ ଅଟକାଇବା ସହ ଭୁଜାଲି ଦେଖାଇ ନିସ୍ତୁକ ମାଡ଼ ମାରି ଅନିଲଙ୍କ ପାଖରୁ ନଗଦ ୨.୮୦ ଲକ୍ଷ ଟଙ୍କା, ଏକ ଟାବଲେଟ୍, ୩ଟି ଚେକ୍ ବହି, ୨ଟି ଏଟିଏମ୍ କାର୍ଡ ଛଡ଼ାଇ ନେଇ କଷାଫଳିଆଆଡ଼କୁ ପଳାଇଥିଲେ। ଏନେଇ ଅନିଲ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଏସ୍ଆଇ ରାମେଶ୍ୱର ସୋରେନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ବେଳେ ଏକ ଛୁରି ଜବତ କରାଯାଇଛି ।

# ୬ ନମ୍ବର ଜାତୀୟ ରାଜପଥରେ ଜଳିଗଲା ହାଇୱା

ଭଦ୍ରକ,(ସବ୍ୟୁ) : ୧୬ ନଂ ଜାତୀୟ ରାଜପଥର ଭଦ୍ରକ ନଳାଙ୍ଗ ନିକଟରେ ହୁତୁହୁତୁ ହୋଇ ଜଳିଲା ହାଇୱା । ଏକ ହାଇୱା ଗୁରୁବାର ମଧ୍ୟାହ୍ନରେ ହୁତୁହୁତୁ ହୋଇ ଜଳିଯାଇଛି । ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲେ ଡ୍ରାଇଭର ।ତେବେ ସୂଚନା ଅନୁସାରେ, ହାଇୱାଟି ଭଦ୍ରକରୁ ଯାଜପୁର ଅଭିମୁଖେ ଯାଉଥିଲା ବେଳେ କୌଣସି କାରଣରୁ ହଠାତ ନିଆଁ ଲାଗି ଯାଇଥିଲା । ନିଆଁ ଲାଗିବା ଜାଣିବା ପରେ ଡ୍ରାଇଭର ଓ ହେଲ୍ପର ଗାଡିରୁ ବାହାରି ଆସିଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇ ଥିଲା । ତେବେ ନିଆଁ ଲାଗିଯିବା କାରଣରୁ ଗାଡ଼ିର ଅନେକ କ୍ଷତି ହୋଇଥିବା ଦେଖାଯାଇଛି । ନିଆଁ ଲାଗିବାର କାରଣ ଜଣା ପଡିନାହିଁ ।

# ରିଲସ ହେଲା କାଳ, ପାଣିରେ ବୁଡ଼ିଗଲେ ଯୁବକ

ଭଦ୍ରକ,(ସବ୍ୟୁ): ରିଲସ କରିବା ହେଲା କାଳ । ଗୁରୁବାର ଭଦ୍ରକ ପୁରୁଣା ବଜାର ଥାନା ସଂଥିଆ ପୋଲ ଉପରୁ ସାଳନ୍ଦୀ ନଦୀକୁ ଡେଇଁ ୨ ଯୁବକ ରିଲସ କରୁଥିବା ବେଳେ ବୁଡି ଯାଇଥିଲେ । ତେବେ ଜଣେ ଉଦ୍ଧାର ହୋଇଥିବା ବେଳେ ଆଉ ଜଣେ ନିଖୋଜ ଅଛନ୍ତି । ନିଶାଶକ୍ତ ଅବସ୍ଥାରେ ପୋଲ ଉପରୁ ନଦୀକୁ ଡେଇଁ ରିଲସ କରୁଥିବା ସ୍ଥାନୀୟ ଲୋକେ କହୁଛନ୍ତି ।ରିଲସ ପାଇଁ ଭିଡିଓ କରୁଥିବା ଯୁବକଙ୍କୁ ପୋଲିସ ଅଟକ ରଖିଛି । ସୂଚନା ଅନୁଯାୟୀ କେନ୍ଦୁଝର ଅଞ୍ଚଳର ତିନି ଜଣ ଯୁବକ ଭଦ୍ରକରେ ଆସି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାରଦିନ କୌଣସି କାମ ନମିଳିବାରୁ ରିଲସ କରିବାକୁ ସାଳନ୍ଦୀ ବ୍ରିଜକୁ ଆସିଥିଲେ। ଜଣେ ଯୁବକ ଡେଇଁ ବା ପରେ ଆଉ ଜଣେ ଯୁବକ ଡ଼ିଆଁ ମାରିଥିଲେ। ଅନ୍ୟ ଜଣେ ମୋବାଇଲରେ ଏହାକୁ ସୁଟିଂ କରୁଥିଲେ ରିଲସ ପାଇଁ । ତେବେ ପ୍ରଥମ ଯୁବକ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଦ୍ୱିତୀୟ ଯୁବକ ଜଣଙ୍କ ନିଖୋଜ ରହିଛନ୍ତି ।

# ମଦ ବନ୍ଦ ଦାବି : ଅବକାରୀ ଥାନା ଘେରିଲେ ମହିଳା

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲା ପାଟଣାବ୍ଲକ ବଡ଼ ପାଟଣା ପଞ୍ଚାୟତ ଓ ଟାଙ୍ଗରପଡ଼ା ପଞ୍ଚାୟତ ବିଭିନ୍ନ ଗ୍ରାମର ଶତାଧିକ ମହିଳା କେନ୍ଦୁଝର ଏମ୍ପି ଅନନ୍ତ ନାୟକଙ୍କ ଅବକାରୀ ପ୍ରତିନିଧି ମଧୁସୂଦନ ମହାନ୍ତଙ୍କ ନେତୃତ୍ୱରେ ବେଆଇନ ଅପମିଶ୍ରିତ ମହୁଲି ମଦ ବିକ୍ରି ବନ୍ଦ ଦାବିରେ ଗୁରୁବାର ପାଟଣା ବ୍ଲକ ବାଦୁଡିଘେରାସ୍ଥିତ ଅବକାରୀ ଥାନା ଘେରାଉ କରିବା ସହ ମଦ ବନ୍ଦ ପାଇଁ ଅବକାରୀ ଅଧିକାରୀ ପଦ୍ମାବତୀ ମୁର୍ମୁଙ୍କ ଦାବିପତ୍ର ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ବଡ଼ ପାଟଣା, ଟାଙ୍ଗରପଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବେଆଇନ ଦେଶୀ ମହୁଲି ମଦ ବିକ୍ରି ହେଉଥିବାରୁ ଏହି ମଦ ପାନ କରି ଲୋକଙ୍କ ଆର୍ଥିକ ସାମାଜିକ ଅବସ୍ଥା ସଙ୍କଟାପନ୍ନ ହେଉଛି। ଖୁବଶୀଘ୍ର ଉକ୍ତ ଗ୍ରାମଗୁଡ଼ିକରେ ବେଆଇନ ମହୁଲି ମଦ ବିକ୍ରି ଉପରେ ପ୍ରଶାସନ ପକ୍ଷରୁ ବନ୍ଦ ନ କଲେ ଆଗାମୀ ଦିନରେ ମଦ ବନ୍ଦ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ମହିଳାମାନେ ଅବକାରୀ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି। ୭ଦିନ ମଧ୍ୟରେ ସମସ୍ତ ବେଆଇନ ମଦ ବ୍ୟବସାୟ ବନ୍ଦ କରିବାକୁ ଅବକାରୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

# ଖୋର୍ଦ୍ଧାର ନାବାଳିକା ଜଳେଶ୍ୱରରୁ ଉଦ୍ଧାର

ବାଲେଶ୍ୱର, (ସବ୍ୟୁ) :ଖୋର୍ଦ୍ଧା ଅଞ୍ଚଳର ଜଣେ ନାବାଳିକା(୧୭)ଙ୍କୁ ତାଙ୍କ ପାଳିତା ମା ମାଡ଼ ମାରି ଘରୁ ତଡ଼ି ଦେଇଥିବା ବେଳେ ଉକ୍ତ ନାବାଳିକାଙ୍କୁ ଜଳେଶ୍ୱରରୁ ଉଦ୍ଧାର କରାଯାଇଛି । ଖୋର୍ଦ୍ଧା ଅଞ୍ଚଳର ଦାସ ସାଙ୍ଗିଆଧାରୀ ଜଣେ ବ୍ୟକ୍ତିଙ୍କର କୌଣସି ସନ୍ତାନସନ୍ତତି ନଥିବାରୁ ୧୫ ବର୍ଷ ତଳେ ଶିଶୁକନ୍ୟାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଘରୁ ବାହାର କରିଦେଇଥିଲେ। ନାବାଳିକା ଜଣକ ଘରୁ ବାହାରି ଆସି କୌଣସି ଏକ ଟ୍ରେନ୍‌ରେ ଚଢ଼ି ଜଳେଶ୍ୱର ଷ୍ଟେସନ୍‌ରେ ଓହ୍ଲାଇ ପଡିଥିଲେ। ଏ ସମ୍ପର୍କରେ ଖବର ପାଇ ଜଳେଶ୍ୱରର ଅଗ୍ରଣୀ ସାମାଜିକ ସେବା ସଙ୍ଗଠନ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାରର ସଦସ୍ୟ ହରିଶଙ୍କର ପଣ୍ଡା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଜଳେଶ୍ୱର ପୁଲିସଙ୍କୁ ହସ୍ତାନ୍ତର କରିଥିଲେ। ପୁଲିସ ଉକ୍ତ ନାବାଳିକାଙ୍କୁ ଜଳେଶ୍ୱର ଗାନ୍ଧୀ ସେବାଶ୍ରମରେ ଛାଡ଼ିଥିବା ଜଣାପଡ଼ିଛି ।

# ସଂଜ୍ଞାହୀନ ଅବସ୍ଥାରେ ନାବାଳକ ଉଦ୍ଧାର

ବାଲେଶ୍ୱର, (ସବ୍ୟୁ): ସୋମବାର ରାତିରେ ଜଣେ ନାବାଳକଙ୍କୁ ଚନ୍ଦନେଶ୍ୱର ବଜାରରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଛି।ଭୋଗରାଇ ଥାନା ଅନ୍ତର୍ଗତ ଦେହୁର୍ଦା ଗ୍ରାମର ଦିଗବିଜୟ ନାଥଙ୍କ ପୁଅ ହିମାଂଶୁ (୧୨) ରବିବାର ଅପରାହ୍ଣରେ ଟିୟୁସନ ଯାଉଥିବା ବେଳେ ତାଙ୍କୁ କେହି ବ୍ୟକ୍ତି ପଛରୁ ଆସି କିଛି ଶୁଙ୍ଘାଇ ଦେଇଥିଲେ। ପରେ ହିମାଂଶୁଙ୍କୁ ଚନ୍ଦନେଶ୍ୱର ବଜାରରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇ ତାଳସାରୀ ସାମୁଦ୍ରିକ ଥାନାର ଜିମା ଦେଇଥିଲେ ସ୍ଥାନୀୟ ଲୋକେ। ପିଲାଟି ସୁସ୍ଥ ହେବା ପରେ ସମସ୍ତ କଥା କହିବାରୁ ତାଳସାରୀ ମେରାଇନ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ଓ ଏଏସ୍ଆଇ ପିଥ କୁମାର ହେମ୍ବ୍ରମ ପିଲାଟିକୁ ତା ପରିବାରକୁ ହସ୍ତାନ୍ତର କରିଛନ୍ତି।

# ପତ୍ନୀଙ୍କୁ ନିସ୍ତୁକ ମାଡ ମାରି ଘରେ ନିଆଁ ଲଗାଇଦେଲା ଯୁବକ

ବାଲେଶ୍ୱର, (ସବ୍ୟୁ): ଜଳେଶ୍ୱର ଥାନା ଆରୁହା ପଞ୍ଚାୟତର ଚକଆର୍ଜୁନୀ ଗ୍ରାମର ଜଣେ ଯୁବକ ଉନ୍ମତକାଣ୍ଡ ଘଟାଇଛି। ନିଜ ପତ୍ନୀଙ୍କୁ ନିସ୍ତୁକ ମାଡ ମାରି ଲହୁଲୁହାଣ କରିବା ପରେ ନିଜ ଘରେ ନିଜେ ନିଆଁ ଲଗାଇ ଦେଇଛି। ଏନେଇ ଯୁବକଙ୍କ ପିତା ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ବିବରଣୀରୁ ପ୍ରକାଶ ଚକଅର୍ଜୁନୀ ଗାଁର କୈଳାସ ଚନ୍ଦ୍ର ଦେଙ୍କ ବଡ଼ପୁଅ ଶିବନାରାୟଣ (୩୫) କୌଣସି ଏକ କଥାକୁ ନେଇ ନିଜ ପତ୍ନୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ। ଫଳରେ ପତ୍ନୀ ଘର ଛାଡ଼ି ଚାଲି ଆସିଥିଲେ। ଏହି ଘଟଣାକୁ ନେଇ ଶିବନାରାୟଣ ଉତ୍ତେଜିତ ହୋଇ ନିଜ ଘରେ ନିଆଁ ଲଗାଇ ଦେଇଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଘରେ ନିଆଁ ଲଗାଇବା ସମୟ ଦୃଶ୍ୟ ନିଜ ପତ୍ନୀଙ୍କୁ ଭିଡିଓ କଲ୍ କରି ଦେଖାଇଥିଲେ। ଖବର ପାଇ ଦମକଳ ଗାଡ଼ି ପହଞ୍ଚିଥିଲେ ବି ସମସ୍ତ ଆସିବାପତ୍ର, ଲୁଗାପଟା ପୋଡ଼ି ପାଉଁଶ ହୋଇଯାଇଛି। ଏନେଇ ବାପା କୈଳାସ ଜଳେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଶିବ ନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପାଣିରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ଅସୁରାଳି,(ସବ୍ୟୁ): ଗାଧୋଇବା ପାଇଁ ପୋଖରୀକୁ ଯାଇଥିବା ଧାମନଗର ବ୍ଲକ କୋଠାର ନସଲାପୁର ଗ୍ରାମର ନୃସିଂହ ଚରଣ ପୃଷ୍ଟି(୮୨)ଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ବୃଦ୍ଧ ନୃସିଂହ ଶୁକ୍ରବାର ପୂର୍ବାହ୍ଣ ୧୧ଟା ବେଳେ ଗାଧୋଇବା ପାଇଁ ନସଲାପୁର ସ୍କୁଲ ନିକଟରେ ଥିବା କଷ୍ଟଗ ପୋଖରୀକୁ ଆସିଥିଲେ।ଗାଧୋଇବା ସମୟରେ ନୃସିଂହ ପାଣିରେ ଅସାବଧାନତା ହେତୁ ବୁଡ଼ି ଯାଇଥିଲେ।ଧାମନଗରରୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ପୋଖରୀ ମଧ୍ୟରୁ ନୃସିଂହଙ୍କ ମୃତଦେହ ଉଦ୍ଧାର କରିଥିଲେ। ଧୂଷୁରୀ ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ରଙ୍ଗରାଗ ସାହିତ୍ୟ ପରିଷଦର ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସଭା



ବାସୁଦେବପୁର ,(ସବ୍ୟୁ): ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ସଭା ଓ ୧୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ଅଧିବେଶନର କବିତା ପାଠୋତ୍ସବ ସଭାର କବି ସୁରେନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । କବି ଚିତ୍ତରଞ୍ଜନ ନାୟକ, କବି ଉମାକାନ୍ତ ରାଉତ, କବି ନିହାରିକା ରଥ ସଂଯୋଜନା କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା କବି ଓ କବୟିତ୍ରୀ ଯୋଗ ଦେଇ କବିତା ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ସଭାରେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ଯୋଗ ଦେଇଥିଲେ । ବରେଣ୍ୟ ଅତିଥି ଭାବେ ଶିକ୍ଷାବିତ ଦୁଃଶାସନ ରାଉତ,କବି ନୃସିଂହ ଷଡଙ୍ଗୀ,କବି ରକ୍ଷକ ନାୟକ, କବି ସରୋଜ ବଳ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବରେ ରଙ୍ଗ ରାଗ ସାହିତ୍ୟ ପରିଷଦ ପକ୍ଷରୁ ରଙ୍ଗରାଗ ସାରସତ ସମ୍ମାନ ଡ. ଗିରିଶ ଚନ୍ଦ୍ର ଜେନା, ରଙ୍ଗରାଗ କବିତା ସମ୍ମାନ ରକ୍ଷକ ନାୟକ , ରଙ୍ଗରାଗ ପ୍ରବନ୍ଧ ସମ୍ମାନ ଡକ୍ଟର ନୃସିଂହ ଷଡଙ୍ଗୀ, ରଙ୍ଗରାଗ କଳାକାର ସମ୍ମାନ ଅଭିନେତ୍ରୀ ଟୁନିଆଁ ମଲ୍ଲିକ, ଶ୍ୱେତା ରାଉତ, ଗଳ୍ପ ସମ୍ମାନ ପ୍ରକାଶ ଚନ୍ଦ୍ର ମହାପାତ୍ର, ସାହିତ୍ୟ ଚକ୍ର ସମ୍ମାନ ଗୋବିନ୍ଦ, ସୃଜନ ସମ୍ମାନ ନର୍ମଦା ନୀଳୋତ୍ପଳା, ସାହିତ୍ୟ ଚକ୍ର ସମ୍ମାନ ଡ. ଅରବିନ୍ଦ ରାୟ,ଗୀତିକବି ସମ୍ମାନ ବିପିନ ମହାନ୍ତି ଓ ଯୁବ ପ୍ରତିଭା ସମ୍ମାନ ପ୍ରତିପଦ୍ମା ଦାସ ପ୍ରମୁଖଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲେ । ରଙ୍ଗରାଗର ସମ୍ପାଦକ ପ୍ରଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ ପାଳିତ



ଭଦ୍ରକ,(ସବ୍ୟୁ): ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସିଆରଏସ୍ଆର), ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ( ଡିଡିଆର୍‌ସି) ଓ ସିଆରଏସଆର ସ୍ୱତନ୍ତ୍ର ବିଏଡ଼ କଲେଜ (ଆଇଡ଼ି) ମିଳିତ ଆନୁକୁଲ୍ୟରେ ଗୁରୁବାର ଦିନ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ସିଆରଏସ୍ଆରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ଼. ଭଗବାନ ପରିଡ଼ା, ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ, ଶିଶୁ ମଙ୍ଗଳ କମିଟିର ଅବସରପ୍ରାପ୍ତ ଚେୟାରମ୍ୟାନ୍ ଡ଼. ଦେବରାଜ ପାଣିଗ୍ରାହୀ ଏବଂ ସିଆରଏସ୍ଆର. ସ୍ୱତନ୍ତ୍ର ବଏଡ଼ କଲେଜ (ଆଇଡ଼ି) ର ଅଧ୍ୟକ୍ଷ ଅରୁଣ କୁମାର ଲେଙ୍କା ଉପସ୍ଥିତ ଥିଲେ ।

ଏହି କାଯ୍ୟକ୍ରମରେ ଶ୍ରୀଯୁକ୍ତ ରାୟ ସଭାପତିତ୍ୱ କରି ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସରେ ମତାମତ ଦେବାକୁ ଯାଇ ଭିନ୍ନକ୍ଷମମାନେ ସ୍ୱାଧିନ ଭାବରେ କିପରି ବଂଚି ରହିବେ ଏବଂ ସେମାନଙ୍କ ପ୍ରତି ଆନ୍ତିକତାର ସହ ଆମମାନଙ୍କର ଦାୟିତ୍ୱ ରହିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। । ମୁଖ୍ୟ ଅତିଥି ଶ୍ରୀସେଠୀ ଅଭିଭାବକମାନେ ସଦାସର୍ବଦା ସଚେତନ ହେଲେ ପାରିବାରିକ ଓ ସାମାଜିକ କ୍ଷେତ୍ରରେ ଏହାର ନିରାକରଣ ହୋଇପାରିବ ବୋଲି ଉଚିତ ପରାମର୍ଶ ଦେଇଥିଲେ। ଡ଼. ପରିଡ଼ା ବିଶଦ ଭାବରେ ଆଲୋଚନା କରି ସ୍ୱପରାୟଣତା ଏକ ଅବସ୍ଥା କିନ୍ତୁରୋଗ ନୁହେଁ ବୋଲି କହି ସେମାନେ କିପରି ସଧାରଣ ଚିକିତ୍ସିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମତବ୍ୟକ୍ତ କରିଥିଲେ ସହିତ ଏହାକୁ ବାଲ୍ୟାବସ୍ଥାରୁ କିପରି ଚିହ୍ନଟ କରିହେବ ବିଭିନ୍ନ ପ୍ରକାର ଉଦାହରଣ ମାଧ୍ୟମରେ ବର୍ଣ୍ଣନା କରିଥିଲେ ତଥା ଏହାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ । ଶ୍ରୀଯୁକ୍ତ ପାଣିଗ୍ରାହୀ ଭିନ୍ନକ୍ଷମ ପିଲାମାନଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ଓ ସେବା ଉପରେ ଆଲୋଚନା କରି ସେମାନଙ୍କୁ କିପରି ଥଇଥାନ କରାଯାଇପାରିବ ତା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀଯୁକ୍ତ ଲେଙ୍କା ସ୍ୱପରାୟଣତା ପିଲାମାନଙ୍କ ରୁଚି ଓ ଦକ୍ଷତାର ପରିମାପକ ଅନୁଯାୟୀ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମତବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମ ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା ଏବଂ କ୍ଲିନିକାଲ୍ ସାଇକୋଲୋଜିଷ୍ଟ, ଅକୁପେସନାଲ୍ ଥେରାପିଷ୍ଟଙ୍କ ଦ୍ୱାରା ବୈଷୟିକ ଅଧିବେଶନରେ ପିତାମାତା, କ୍ଷେତ୍ରସ୍ତରୀୟ କର୍ମୀ ଇତ୍ୟାଦିଙ୍କ ମଧ୍ୟରେ ଅକ୍ଷମତାର ପ୍ରଭାବ ହ୍ରାସ କରିବା ପାଇଁ ପ୍ରାରମ୍ଭିକ ଚିହ୍ନଟ, କାରଣ, ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା ପରିଶେଷରେ ଗୋପାଳ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଡ଼କ ସୁରକ୍ଷା ସ୍ୱତନ୍ତ୍ର ଅଭିଯାନ : କଟିଲା ୧୭୬୫ ଚାଲାଣ

କେନ୍ଦୁଝର, (ସବ୍ୟୁ): ଗତ ମାର୍ଚ୍ଚ ମାସ ୨୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ନିୟମ ଅନୁପାଳନକୁ ଅଧିକ କଡାକଡି କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସାରା ରାଜ୍ୟରେ ଏହି ଅଭିଯାନ କରାଯାଇଥିଲା । ଏହି କ୍ରମରେ କେନ୍ଦୁଝର ଜିଲ୍ଲାରେ ହୋଇଥିବା ସ୍ୱତନ୍ତ୍ର ଅଭିଯାନରେ ୧୭୬୫ ଜଣ ମୋଟର ଯାନ ନିୟମ ଉଲ୍ଲଘଂନକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଥି ମଧ୍ୟରୁ ବିନା ଲାଇସେନ୍ସରେ ଗାଡି ଚଳାଉଥିବା ୮୬୧ ଜଣଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଉପରେ ଜରିମାନା କରାଯାଇଛି । ଏତେ ସଂଖ୍ୟାରେ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ଚାଳକ ଧରାପଡିବା ପରିବହନ ବିଭାଗର ମୁଣ୍ଡବିନ୍ଧାର କାରଣ ସାଜିଛି । କେନ୍ଦୁଝର ଆରଟିଓ ପକ୍ଷରୁ ୩ଟି ଟିମ ଏବଂ ବଡବିଲ ଏଆରଟିଓ ପକ୍ଷରୁ ୨ଟି ଟିମ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ମୋଟ ୪୯୭୮ ଟି ଗାଡି ଯାଂଚ କରିଥିଲେ । ଏହି ଅଭିଯାନରେ ମୋଟ ୧୭୬୫ ଟି ଚାଲାଣ ଆଦାୟ କରାଯାଇଛି ଏବଂ ୨୨ ଟି ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇଛି । ସେହିପରି ଧାର୍ଯ୍ୟ ସୀମାଠୁ ଅଧିକ ବେଗରେ ଗାଡି ଚଳାଉଥିବା ୧୩୨ ଜଣ ଚାଳକଙ୍କୁ ଧରାଯାଇଛି । ଏଥିସହ ବିପଦପୂର୍ଣ୍ଣ ଭାବେ ଗାଡି ଚାଳନା ପାଇଁ ୫ଟି ଇ-ଚାଲାଣ,ମାଲବାହୀ ଗାଡିରେ ଯାତ୍ରୀ ପରିବହନ ପାଇଁ ୨୮ଟି,ହେଲମେଟ ପିନ୍ଧି ନଥିବା ୧୧୭ଟି,ବିପରୀତ ପାର୍ଶ୍ୱରେ ଗାଡି ଚଳାଇ ଯାଉଥିବାବେଳେ ୫୫ ଜଣଙ୍କୁ ଧରାଯାଇ ଜରିମାନା କରାଯାଇଛି । ମୋଟର ଯାନ ଆଇନର ଅନ୍ୟାନ୍ୟ ନିୟମ ଉଲ୍ଲଘଂନ ପାଇଁ ୯୪୨ ଜଣ ଗାଡି ମାଲିକଙ୍କ ବିରୋଧରେ ଚାଲାଣ କରାଯାଇଛି । ଦୁଇଚକିଆ ଯାନରେ ଦୁଇ ଜଣରୁ ଅଧିକ ଜଣ ଯାଉଥିବା ଯୋଗୁଁ ୧୦୫ଜଣଙ୍କ ଉପରେ ଜରିମାନା କରାଯାଇଛି । ପାସେଞ୍ଜର ଗାଡିରେ ଅଧିକ ଯାତ୍ରୀ ପରିବହନ ପାଇଁ ୩ଟି,ମାଲବାହୀ ଗାଡିରେ ଓଭରଲୋଡ ପାଇଁ ୩୫ଟି,ଓଡିସି ପାଇଁ ୪ଟି ଓ ମଦ୍ୟପାନ କରି ଡ୍ରାଇଭିଂରେ ୩୬ଟି ମାମଲା ଚିହ୍ନଟ ହୋଇ ଜରିମାନା କରାଯାଇଛି । ଏଥିସହ ୫ଟି ଗାଡି ଜବତ କରାଯାଇଛି । ସାଧାରଣ ଲୋକଙ୍କ ମଧ୍ୟରେ ସଡକ ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ହେଲମେଟ ପିନ୍ଧିବା,ସିଟ ବେଲ୍ଟ ବ୍ୟବହାର,ଡ୍ରାଇଭିଂ ସମୟରେ ମୋବାଇଲ ବ୍ୟବହାର ନକରିବା ଓ ଯାନରେ ରିଫ୍ଲେକ୍ଟିଭ ଟେପ ବ୍ୟବହାର ବିଷୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଅଭିଯାନରେ ଆଂଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ ଏବଂ ବଡବିଲ ଏଆରଟିଓ ବିଶ୍ୱ ରଞ୍ଜନ ସାହୁ ଙ୍କ ସମେତ ଅନ୍ୟ ଅଧିକାରୀ ସାମିଲ ହୋଇଥିଲେ । ଏହି ସ୍ୱତନ୍ତ୍ର ଅଭିଯାନ ଅପ୍ରେଲ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ଦୁର୍ଘଟଣାପ୍ରବଣ ସ୍ଥାନ,ଜାତୀୟ ଓ ରାଜ୍ୟ ରାଜପଥ,ଖଣି ଓ ଶିଳ୍ପାଞ୍ଚଳ,ସହର ଓ ଗାଁର ମୁଖ୍ୟ ରାସ୍ତା,ପ୍ରମୁଖ ଛକ,ବଜାର ଅଂଚଳ ଏବଂ ବସଷ୍ଟାଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ କରାଯାଇଥିଲା । ଦ୍ରୁତଗତି,ମଦ୍ୟପାନ କରି ଗାଡି ଚଳାଇବା,ବିନା ହେଲମେଟରେ,ଭୁଲ ଦିଗରେ ଗାଡି ଚଳାଇବା,ଓଭରଲୋଡିଂ, ମାଲବାହୀ ଗାଡିରେ ଯାତ୍ରୀ ପରିବହନ,ବୈଧ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡି ଚଳାଇବା,ନାବାଳକ ଗାଡି ଚାଳନା,ଦୁଇ ଚକିଆରେ ଦୁଇରୁ ଅଧିକ ଯିବା ଏବଂ ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲ୍ଲଘଂନ ବିରୋଧରେ କଡାକଡି ଯାଂଚ କରାଯାଇଥିଲା । ଏହା ସହିତ ଖଣି ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଟିପ୍ପର,ଡମ୍ପର,ହାଇୱା ଏବଂ ଅନ୍ୟାନ୍ୟ ଭାରୀ ଯାନଗୁଡିକର ଡ୍ରାଇଭିଂ ଲାଇସେନ୍ସ,ଓଭରଲୋଡିଂ ଏବଂ ଅନ୍ୟାନ୍ୟ ଆଇନଗତ ନିୟମର ଅନୁପାଳନ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥିଲା । ଏହି ଅଭିଯାନକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବା ପାଇଁ ପରିବହନ ବିଭାଗ ଦ୍ୱାରା ଜିଲ୍ଲା ପ୍ରଶାସନ ଓ ପୋଲିସ ସହଭାଗିତାରେ ଏହି ଅଭିଯାନ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା ।

**(ଶ୍ରୀମଭଗବଦ୍ ଗୀତା ୩/୦୩)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଲୋକେସ୍ମିନ ଦ୍ୱିବିଧା ନିଷ୍ଠା ପୂରା ପ୍ରୋକ୍ତା ମୟାନଘ ।**
**ଜ୍ଞାନଯୋଗେଚ ସାଂଖ୍ୟାନାଂ କର୍ମ୍ମଯୋଗେନ ଯୋଗିନାନ୍ ।। ୩ ।।**

ଶ୍ରୀଭଗବାନ କହିଲେ- ହେ ଅନଘ ଏ ଜଗତରେ ( ଶୁଦ୍ଧ ସ ଅଶୁଦ୍ଧ ଅନ୍ତଃକରଣ ବିଶିଷ୍ଟ ଦ୍ୱିବିଧ ଅଧିକାରୀ ସମ୍ବନ୍ଧରେ) ଦୁଇପ୍ରକାର ନିଷ୍ଠା (ମୋକ୍ଷପରତା) ମୁଁ ପୂର୍ବ ଅଧ୍ୟାୟରେ କହିଛି, (ପ୍ରକାରଦ୍ୱୟ ଯଥା) ସାଂଖ୍ୟମାନଙ୍କର (ଶୁଦ୍ଧାନ୍ତଃକରଣବିଶିଷ୍ଟ ଜ୍ଞାନପ୍ରାପ୍ତ ବ୍ୟକ୍ତିମାନଙ୍କର ) ଜ୍ଞାନଯୋଗଦ୍ୱାରା ନିଷ୍ଠା ଓ ଯୋଗୀମାନଙ୍କର (ଜ୍ଞାନଭୂମିରେ ଆରୋହଣାର୍ଥୀ ଚିତ୍ତଶୁଦ୍ଧିକାମୀ ବ୍ୟକ୍ତିମାନଙ୍କର) କର୍ମଯୋଗଦ୍ୱାରା ନିଷ୍ଠା।। ।।୩।।

# ପଡୋଶୀ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ

ଆମ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ଏବେ ତତ୍ପରତା ପ୍ରକାଶ ପାଇଛି । ଏହି ନିର୍ବାଚନ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହେଉଛି । ଯଦିଓ ପଶ୍ଚିମବଙ୍ଗ ସମେତ ଆସାମ, କେରଳମ, ପୁଡୁଚେରୀ ଓ ତାମିଲନାଡୁରେ ଏହିପରି ବିଧାନସଭା ନିର୍ବାଚନ ହେଉଛି, କିନ୍ତୁ ସାରା ଭାରତରେ ପଶ୍ଚିମବଙ୍ଗ ନିର୍ବାଚନ କ୍ଷେତ୍ରରେ ଯେଉଁ ଉଷ୍ମତା ପ୍ରକାଶ ପାଇଛି, ତାହା ଅନ୍ୟତ୍ର ଦେଖାଯାଏ ନାହିଁ। ଆସାମ, କେରଳମ ଓ ପୁଡୁଚେରୀରେ ଏହି ବିଧାନସଭା ନିର୍ବାଚନ ଏପ୍ରିଲ ୯ ତାରିଖରେ ହେବାକୁ ଥିବାବେଳେ, ତାମିଲନାଡୁରେ ବିଧାନସଭା ନିର୍ବାଚନ ଆସନ୍ତା ଏପ୍ରିଲ ୨୩ରେ ହେଉଛି । ଆମ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରେ କିନ୍ତୁ ଏହି ବିଧାନସଭା ନିର୍ବାଚନ ଦୁଇଦିନ ଧରି ଅର୍ଥାତ୍ ଏପ୍ରିଲ ୨୩ ଓ ୨୯ରେହେବାକୁ ଯାଉଛି ।

> **ଆସାମ, କେରଳମ ଓ ପୁଡୁଚେରୀରେ ଏହି ବିଧାନସଭା ନିର୍ବାଚନ ଏପ୍ରିଲ ୯ ତାରିଖରେ ହେବାକୁ ଥିବାବେଳେ, ତାମିଲନାଡୁରେ ବିଧାନସଭା ନିର୍ବାଚନ ଆସନ୍ତା ଏପ୍ରିଲ ୨୩ରେ ହେଉଛି । ଆମ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରେ କିନ୍ତୁ ଏହି ବିଧାନସଭା ନିର୍ବାଚନ ଦୁଇଦିନ ଧରି ଅର୍ଥାତ୍ ଏପ୍ରିଲ ୨୩ ଓ ୨୯ରେ ହେବାକୁ ଯାଉଛି ।**

ଏହି ନିର୍ବାଚନରେ ହିଂସାକାଣ୍ଡ ରୋକିବାକୁ କେନ୍ଦ୍ର ସରକାର ମଧ୍ୟ ଯଥେଷ୍ଟ ସତର୍କତାମୂଳକ ପଦକ୍ଷେପ ନେଇଛନ୍ତି । କେବଳ ନିର୍ବାଚନକମିଶନ ନୁହନ୍ତି, କେନ୍ଦ୍ର ବିଜେପି ସରକାରଙ୍କର ଦୃଷ୍ଟି ଆଗାମୀ ପଶ୍ଚିମବଙ୍ଗ ନିର୍ବାଚନ ଉପରେ । ଏହାର ଫଳାଫଳ ହୁଏତ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଦଳ ପକ୍ଷରେ ଯାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଥିବାବେଳେ ଅନେକ ଶିକ୍ଷିତ ଓ ସଚେତନ ବ୍ୟକ୍ତିଙ୍କ ମତ ଅନୁଯାୟୀ ଏଥର ନିର୍ବାଚନରେ ଭୋଟଦାତାମାନେ ପୂର୍ବପରି ମମତା ଦିଦିଙ୍କ ତୃଣମୂଳ କଂଗ୍ରେସ ଦଳ ପକ୍ଷରେ ପ୍ରାୟ ଭୋଟ ଦେବେ ନାହିଁ ।

ମାତ୍ର ଦେଶରେ ମୋଦିଙ୍କ ନେତୃତ୍ୱରେ ଏକ ଦୃଢ଼ ସରକାର ଯେପରି ରହିଛି ଏବଂ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ବିଜେପି ନେତୃତ୍ୱରେ ଏହି ଏନ୍.ଡି.ଏ ସରକାର ଯେମିତି ସୁନାମ ଅର୍ଜନ କରିଛି, ସେହିପରି ଦେଶ ପାଇଁ ଏକ ଦୃଢ଼ ବିରୋଧୀ ଦଳ ରହିବାର ଆବଶ୍ୟକତା ମଧ୍ୟ ଜନସାଧାରଣ ଅନୁଭବ କରୁଛନ୍ତି । ଦେଶର ବିରୋଧୀ ଦଳ ଭାବେ କଂଗ୍ରେସ ସେହି ଆଶାକୁ ପୂରଣ କରିପାରୁ ନାହିଁ। ଆପ୍ ପ୍ରଭୃତି ଅନ୍ୟାନ୍ୟ ବିରୋଧୀ ଦଳର ଭୂମିକା ମଧ୍ୟ ସେପରି ପ୍ରଭାବଶାଳୀ ବୋଲି ମନେ ହେଉନାହିଁ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଞ୍ଚଳିକ ଦଳ ଭାବେ ବିଜେଡି ଏକ ଦୃଢ଼ ସରକାର ଭାବେ ଅତୀତରେ ଭଲ କାମ କରି ଆସୁଥିଲା । ମାତ୍ର ପଛ ବେଳକୁ ଏହି ଦୃଢ଼ ସରକାର ବଦନାମ ହେବାକୁ ଲାଗିଲା । ଏହାର ଦୃଢ଼ ପଣ ମଧ୍ୟ ରହିଲା ନାହିଁ । ଫଳରେ ଚବିଶ ବର୍ଷ କାଳ ଶାସନ କରି ମଧ୍ୟ ବିଜେଡିକୁ ସରକାର ଗଢ଼ିବାର ସୁଯୋଗ ନ ଦେଇ ଓଡ଼ିଶାର ଲୋକେ ପରିବର୍ତ୍ତନ ଚାହିଁଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟକ୍ତିତ୍ୱ ଓ ରଣକୌଶଳ ସମେତ ଓଡ଼ିଶାପ୍ରତି ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଥିବାରୁ, ଓଡ଼ିଶାରେ ଏକାକୀ ବିଜେପି ଦଳ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଗଢ଼ି ପାରିଲା । ଅଥଚ ନବୀନ ପଟ୍ଟନାୟକ ଓଡ଼ିଶାରେ ବଡ଼ ବିରୋଧୀ ଦଳରେ ଥାଇ ଆଉ ଏହାର ନେତା ହୋଇ ମଧ୍ୟ ବିଜେଡିକୁ ଏକ ଦୃଢ଼ ବିରୋଧୀ ଦଳ ବୋଲି ପ୍ରତିପାଦିତ କରି ପାରିଲେ ନାହିଁ ।

ଏହାର ପ୍ରମାଣ ନିକଟରେ ସରିଥିବା ରାଜ୍ୟସଭା ନିର୍ବାଚନରୁ ହିଁ ଜଣା ପଡ଼ିଗଲା । 'ନୂଆପଡ଼ା' ଉପ-ନିର୍ବାଚନରେ ବିଜେଡିର ପରାଜୟରୁ ଏହାର ଆଭାସ ମିଳିଥିଲା । ନବୀନ ବାବୁ ଭଲ ଲୋକ ଓ ଭଲ ନେତା । ଏ କଥା ଓଡ଼ିଶାବାସୀ ଜାଣନ୍ତି । କିନ୍ତୁ ତାଙ୍କର ବଡ଼ ବିରୋଧୀ ଦଳର ଅବସ୍ଥା ଏପରି କାହିଁକି ହେଲା ? ସେ ନିଜେ ଦଳର ଭଲ କର୍ମୀ ଓ ନେତାଙ୍କୁ ବାଛି ନପାରି କୁଆଡେ ଖୋସାମତିଆମାନଙ୍କ ଇସାରାରେ ଚାଲିଲେ ବୋଲି ଅଭିଯୋଗ ମଧ୍ୟ ହୋଇ ଆସୁଛି ।

ସେ ଯାହା ହେଉ, ତୃଣମୂଳ କଂଗ୍ରେସର ମମତା ବାନାର୍ଜୀ କିନ୍ତୁ ଭିନ୍ନ ଉପାଦାନରେ ଗଢ଼ା ଜଣେ ଟାଣୁଆ ନେତ୍ରୀ । ସେ ନିଜ ରାଜ୍ୟରେ ସରକାର ଗଢ଼ି ଦୃଢ଼ତାର ପରିଚୟ ଦେଇଥିଲେ ବି ଦେଶର ଏନ୍.ଡି.ଏ ବା ବିଜେପି ସରକାରଙ୍କ ତାଲିକାରେ ସେ ଜଣେ ଟାଣୁଆ ବିରୋଧୀ ଦଳର ନେତା ଭାବେ ସୁନାମ ଅର୍ଜନ କରିଛନ୍ତି । କଂଗ୍ରେସର ବିରୋଧୀ ଇଣ୍ଡିମେଣ୍ଟରେ ସେ ଥିଲେ ମଧ୍ୟ କଂଗ୍ରେସ ଦଳର ବଶ୍ୟତାକୁ ସ୍ୱୀକାର ନ କରି ନିଜ ଢଙ୍ଗରେ ଜଣେ ପ୍ରକୃତ ନେତ୍ରୀ ବୋଲି କେବଳ ପଶ୍ଚିମବଙ୍ଗରେ ନୁହନ୍ତି, ସାରା ଭାରତରେ ପରିଚିତ । ସ୍ୱାର୍ଥପରତାର ବଶବର୍ତ୍ତୀ ହୋଇ ଅନେକ କାର୍ଯ୍ୟ ସେ ନିଜ ପାଇଁ ବା ନିଜ ଦଳ ପାଇଁ କରି ବଦନାମ ହୋଇଛନ୍ତି । ଅଯଥା କେନ୍ଦ୍ରର ବିଜେପି ସରକାରଙ୍କ ବିରୋଧରେ ଯାଇ ସେ ଖୋଳିଥିବା ଗାତରେ ନିଜେ ହିଁ ପଡ଼ିଛନ୍ତି । ତାଙ୍କ ବିରୋଧରେ ଅନେକ ଅଭିଯୋଗ ରହିଛି । ତଥାପି ତାଙ୍କର ଅନେକ କାମକୁ ଲୋକେ ପସନ୍ଦ କରିଛନ୍ତି । ଦେଶର ବରିଷ୍ଠ ନାଗରିକ ତଥା ସାମ୍ବାଦିକମାନଙ୍କ ପାଇଁ ସେ ରେଳମନ୍ତ୍ରୀ ଥିବାବେଳେ ରେଳଭଡ଼ାରେ ଯେଉଁ ରିହାତି ବ୍ୟବସ୍ଥା କରିଥିଲେ, କରୋନା ମହାମାରୀ ପରେ ସେ ବ୍ୟବସ୍ଥାକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିଛନ୍ତି । ତାହାର ପୁନଃ ପ୍ରଚଳନ କରାଯିବା ବ୍ୟବସ୍ଥାର ସମ୍ଭାବନା ଅତି କ୍ଷୀଣ ବୋଲି ମନେ ହେଉଛି । ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ନିକଟରେ ବଳିଷ୍ଠ ଯୁକ୍ତି ମଧ୍ୟ ନାହିଁ ।

ବିଜେପି ଦଳ ପକ୍ଷରୁ ଏବେ ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗକୁ ନିର୍ବାଚନ ପ୍ରଚାରରେ ଯାଇଛନ୍ତି । ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଶ୍ଚିମବଙ୍ଗରେ ଥିବା ବହୁ ସଂଖ୍ୟକ ଓଡ଼ିଆଙ୍କୁ ପ୍ରଭାବିତ କରିବାକୁ ଯାଇଥିଲେ । ଏହାର ସୁଫଳ ମିଳିବ ବୋଲି ଆଶା କରାଯାଉଛି ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ



**ତେଜେଶ୍ୱର ପଟ୍ଟନାୟକ**

ଆଜିର ଓଡ଼ିଶା ପ୍ରଦେଶ ପ୍ରାଚୀନ କାଳରେ ନାମିତ ଓଡ୍ର ଏବଂ କଳିଙ୍ଗ ଠାରୁ ଆରମ୍ଭ କରି ଏପ୍ରିଲ୍ ୧,୧୯୩୬ ମସିହାରେ ଭାଷାଭିତ୍ତିରେ ଭାରତର ପ୍ରଥମ ପ୍ରଦେଶ ରୂପେ ଗଠନ ହେଇଛି । ଓଡ଼ିଶା ପ୍ରଦେଶ ଏହି ସୁଦୀର୍ଘ ଯାତ୍ରାପଥରେ ଶହ ଶହ ବର୍ଷ ଧରି ରାଜନୈତିକ ବିଭାଜନ ମଧ୍ୟରେ ସାମାଜିକ ଓ ସାଂସ୍କୃତିକ ସ୍ଥିରତା ଆଣିବାରେ ସଫଳ ହେଇଛି । ଏହି ଐତିହାସିକ ଦିବସରେ ଓଡ଼ିଶା ପ୍ରଦେଶର ଆନୁଷ୍ଠାନିକ ଉଦ୍‌ଘାଟନ ହେଇଥିଲା ଏବଂ ଇଂଲଣ୍ଡର ସାର୍ ଜନ୍ ଅଷ୍ଟିନ୍ ହବାକ୍ ନବଗଠିତ ପ୍ରଦେଶର ପ୍ରଥମ ରାଜ୍ୟପାଳ ଥିଲେ ।

ଐତିହାସିକମାନଙ୍କ ମତରେ ଓଡ଼ିଶା ନାମର ଉତ୍ପତ୍ତି ମୁଖ୍ୟତଃ ସଂସ୍କୃତ ଶବ୍ଦ ଓଡ୍ର, ଉଡ୍ର କିମ୍ବା ଓଡ୍ରକରୁ ହେଇଛି, ଯାହା ପ୍ରାଚୀନ ଗ୍ରନ୍ଥ ଏବଂ ଶିଳାଲେଖରେ ଉଲ୍ଲେଖ ରହିଛି । ଗ୍ରୀକ୍ ଲେଖକ ପ୍ଲିନି ଦି ଏଲ୍ଡର (Pliny ,the elder ) ମଧ୍ୟ ତାଙ୍କ ରଚିତ ବହି ନେଚୁରାଲ ହିଷ୍ଟ୍ରିରେ ଭାରତରେ ଓରେଟ୍ସ (oretes) ନାମକ ଏକ ଜାତିର ନାମ ଉଲ୍ଲେଖ କରିଛନ୍ତି, ଯାହାକୁ କିଛି ଗବେଷକମାନେ ପ୍ରାଚୀନ ଓଡ଼ିଶା ଅଞ୍ଚଳକୁ ଦର୍ଶାଇଛନ୍ତି ।

ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମାଧ୍ୟମରେ ନିଜର ସ୍ୱତନ୍ତ୍ର ପରିଚୟ ପ୍ରାକ୍ ମଧ୍ୟ ଯୁଗ ସମୟରୁ ସୃଷ୍ଟି କରି ଆସିଛି । ଶହ ଶହ ବର୍ଷ ଧରି ରାଜନୈତିକ ବିଭେଦ ମଧ୍ୟରେ, କବି, ଲେଖକ ଏବଂ ସମାଜ ସଂସ୍କାରକମାନେ ଏହି ପରିଚୟକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଚେଦି ବଂଶର ଶକ୍ତିଶାଳୀ ରାଜା ଖାରବେଳଙ୍କ ଶାସନ କାଳରେ ପ୍ରାଚୀନ କଳିଙ୍ଗର ଏକ ଗୌରବମୟ ଯୁଗ ଥିଲା । ସେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର କିମ୍ବଦନ୍ତୀ ଶାସକ ରୂପେ ଓଡ଼ିଶା ତଥା ଭାରତର ଇତିହାସରେ ଲିପିବଦ୍ଧ । ସାମରିକ ସଫଳତା, ଜୈନ ଧର୍ମର ପୃଷ୍ଠପୋଷକତା ଏବଂ କଳା ଏବଂ ଭିତ୍ତିଭୂମିରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ ଖ୍ୟାତି ଲାଭ କରିଛନ୍ତି । ଉତ୍ତର ଦିଗରେ ଅବସ୍ଥିତ ମଗଧର ରାଜାଙ୍କୁ ପରାସ୍ତ କରି ରାଜା ଖାରବେଳ କଳିଙ୍ଗ ଯୁଦ୍ଧରେ କଳିଙ୍ଗସେନାର ପରାଜୟର ପ୍ରତିଶୋଧ ନେଇଥିଲେ ।

ପରବର୍ତ୍ତୀ ସମୟରେ ସେ ଦାକ୍ଷିଣାତ୍ୟରେ କଳିଙ୍ଗ ସାମ୍ରାଜ୍ୟର ବିସ୍ତାର କରିଥିଲେ ।

ତାଙ୍କର କୃତି ଉଦୟଗିରିର ହାତୀଗୁମ୍ଫା ଶିଳାଲେଖରେ ପ୍ରାକୃତି (Prakrit) ଭାଷାରେ ଲିପିବଦ୍ଧ ହୋଇଛି । ସେ ମଗଧରୁ ପବିତ୍ର କଳିଙ୍ଗ ଜିନକୁ ପୁନରୁଦ୍ଧାର କରିଥିବା ବିଶ୍ୱାସ କରାଯାଏ, ଯାହା କେବଳ ସାମରିକ ସଫଳତା ନୁହେଁ ବରଂ କଳିଙ୍ଗର ହୃତଗୌରବ ଏବଂ ସାଂସ୍କୃତିକ ପରିଚୟର ପ୍ରତୀକ ।

ଉଲ୍ଲେଖଯୋଗ୍ୟ ଯେ ସୋମବଂଶୀ (କେଶରୀ) ରାଜବଂଶ (୯ମ-୧୨ଶ ଶତାବ୍ଦୀ ଖ୍ରୀଷ୍ଟାବ୍ଦ) କୋଶଳ ଏବଂ ଉତ୍କଳର ବିଭିନ୍ନ ଅଞ୍ଚଳକୁ ଏକାଠି କରି ରାଜନୈତିକ ଏକୀକରଣ ଆଣିଥିଲେ । ଶୈବ ଧର୍ମର ମହାନ ପୃଷ୍ଠପୋଷକ ଭାବେ ପରିଚିତ ଏହି ରାଜ ବଂଶ ଭୁବନେଶ୍ୱରରେ ଅନେକ ମନ୍ଦିର ନିର୍ମାଣ କରିଥିଲେ । ସେଗୁଡିକ ମଧ୍ୟରେ ଲିଙ୍ଗରାଜ ମନ୍ଦିର ଏବଂ ମୁକ୍ତେଶ୍ୱର ମନ୍ଦିର ପ୍ରସିଦ୍ଧ ଅଟେ, ଯାହା କଳିଙ୍ଗ ସ୍ଥାପତ୍ୟର ଉତ୍କୃଷ୍ଟତାର ମୂକସାକ୍ଷୀ ଅଟେ ।

ଗଙ୍ଗ ରାଜବଂଶ (୧୧ଶ-୧୫ଶ ଶତାବ୍ଦୀ)ର ରାଜାଙ୍କ ରାଜତ୍ୱ କାଳରେ କଳା ଏବଂ ସ୍ଥାପତ୍ୟର ସୁବର୍ଣ୍ଣ ଯୁଗ ଆରମ୍ଭ ହେଇଥିଲା । ଏହି ସମୟରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ଭଳି ସ୍ମାରକୀ କଳିଙ୍ଗ ସ୍ଥାପତ୍ୟର ମୂକସାକ୍ଷୀ ଅଟେ । ଗଙ୍ଗବଂଶ ଶାସନରେ ଭକ୍ତି ଏବଂ କଳାର ଉତ୍କର୍ଷ ପ୍ରତିପାଦିତ ହୋଇଥିଲା । ସେମାନେ ନୃତ୍ୟ ଓ ସଙ୍ଗୀତର ପ୍ରମୁଖ ପୃଷ୍ଠପୋଷକ ଥିଲେ । ସେ ସମୟରେ ସାହିତ୍ୟିକ ପରମ୍ପରା ବିକଶିତ ହୋଇଥିଲା, ମଧ୍ୟ ଯୁଗର ପଞ୍ଚସଖା କବି ଗଣ ନିଜ ଲେଖନୀ ଜରିଆରେ ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିଥିଲେ । ୧୪୩୫ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ର ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ସୂର୍ଯ୍ୟବଂଶର ଗଜପତି ରାଜାମାନେ ଅନେକ କୀର୍ତ୍ତି ମଧ୍ୟ ସ୍ଥାପନ କରିଛନ୍ତି । କପିଳେନ୍ଦ୍ର ଦେବ ଗଙ୍ଗାନଦୀରୁ କାବେରୀ ପର୍ଯ୍ୟନ୍ତ ଓଡ଼ିଶାର ସାମ୍ରାଜ୍ୟକୁ ବିସ୍ତାର କରି ନିଜ ବୀରତ୍ୱର ପରିଚୟ ଦେଇଥିଲେ । ତାଙ୍କର ଉତ୍ତରାଧିକାରୀ ଗଜପତି ପୁରୁଷୋତ୍ତମ ଦେବ, ଉତ୍କଳ ରାଜ୍ୟର ବିସ୍ତାର ଏବଂ ରାଜ୍ୟର ଏକୀକରଣ ଜାରି ରଖିଥିଲେ ।

ତେବେ, ୧୫୬୮ ମସିହାରେ ଗଜପତି ରାଜବଂଶର ପତନ ରାଜ୍ୟର ଦୀର୍ଘ ରାଜନୈତିକ ବିଭାଜନର କାରଣ ହୋଇଥିଲା । ଖୋର୍ଦ୍ଧାର ଭୋଇ ବଂଶ, ମୟୂରଭଞ୍ଜର ଭଞ୍ଜଦେଓ ବଂଶ , ଏବଂ ସମ୍ବଲପୁରର ଚୌହାନ ବଂଶ ନିଜ ନିଜ ଅଞ୍ଚଳରେ ଶାସନ କଲେ । ମୋଗଲ କିମ୍ବା ମରାଠା ରାଜା କେହି ଓଡ଼ିଶାର ଭାଷା ଓ ଭୌଗଳିକ ଅଞ୍ଚଳର ଏକତା ପୁନଃସ୍ଥାପନ କରିପାରି ନଥିଲେ । ୧୮୦୩ ମସିହାରେ, ଦ୍ୱିତୀୟ ଆଙ୍ଗ୍ଲୋ-ମରାଠା ଯୁଦ୍ଧରେ, ମରାଠା ସୈନ୍ୟଙ୍କୁ ପରାସ୍ତ କରି, ଇଷ୍ଟ ଇଣ୍ଡିଆ କମ୍ପାନୀ ପରିଶେଷରେ ଓଡ଼ିଶାକୁ ଅକ୍ତିଆର କରିଥିଲେ ।

୧୮୫୮ ମସିହା ସୁଦ୍ଧା ଓଡ଼ିଶା ପ୍ରତ୍ୟକ୍ଷ ବ୍ରିଟିଶ ଶାସନ ଅଧୀନକୁ ଆସିଲା ଏବଂ ଉପନିବେଶବାଦୀ ଯୁଗର ଅୟମାରମ୍ଭ ହେଲା । କାଳକ୍ରମେ ଓଡ଼ିଶାରେ ବ୍ରିଟିଶ ଶାସନ ବିରୋଧରେ ପ୍ରତିବାଦର ସ୍ୱର ଉଠିଲା । ୧୮୧୭ ମସିହାରେ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ଭାରତରେ ବ୍ରିଟିଶ ଶାସନ ବିରୁଦ୍ଧରେ ପ୍ରଥମ ସଂଗଠିତ ସଶସ୍ତ୍ର ବିଦ୍ରୋହ ମଧ୍ୟରୁ ପ୍ରମୁଖ ଘଟଣା ଭାବରେ ବିବେଚନା କରାଯାଏ । ଯଦିଓ ଏହି ବିଦ୍ରୋହକୁ ଇଂରେଜମାନେ ଦମନ କରିଥିଲେ, ଏହି ବିଦ୍ରୋହ ଲୋକଙ୍କ ମଧ୍ୟରେ ପ୍ରତିରୋଧର ମନୋଭାବକୁ ପ୍ରତିଫଳିତ କରିଥିଲା । ଓଡ଼ିଆଙ୍କ ପରାକାଷ୍ଠା ଇଂରେଜ ଶାସନକୁ ଅନେକ ବିବ୍ରତ କରିଥିଲା । ଘୁମୁସର ବିଦ୍ରୋହ ସମେତ ଅନ୍ୟ ଅଞ୍ଚଳରେ ସରକାରଙ୍କ ଅତ୍ୟଧିକ ଟିକସ ଆଦାୟ ତଥା ଅନ୍ୟ ଜୁଲୁମ ବିରୋଧରେ ଆଦିବାସୀ ଓ ସ୍ଥାନୀୟ ଜନସାଧାରଣଙ୍କ ବିଦ୍ରୋହ ଓଡ଼ିଆ ସ୍ୱାଭିମାନକୁ ଦର୍ଶାଏ । ୧୮୫୭ ମସିହାର ସିପାହୀ ବିଦ୍ରୋହର ପ୍ରଭାବ ଓଡ଼ିଶାରେ ମଧ୍ୟ ଅନୁଭୂତ ହୋଇଥିଲା । ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ସମ୍ବଲପୁରରେ ଇଂରେଜଙ୍କ ବିଦ୍ରୋହ ଆରମ୍ଭ ହେଇଥିଲା । ଓଡ଼ିଶାକୁ ନିୟନ୍ତ୍ରଣ କରିବା ପାଇଁ, ବ୍ରିଟିଶ ସରକାର ବେଙ୍ଗଲ, ମାଡ୍ରାସ ଏବଂ କେନ୍ଦ୍ରୀୟ ପ୍ରଦେଶ ସହିତ ଏହାର ଅଞ୍ଚଳଗୁଡ଼ିକୁ ମିଶ୍ରଣ କରି ପ୍ରଶାସନିକ ସ୍ତରରେ ଓଡ଼ିଶାକୁ ଦୁର୍ବଳକ୍ତ କରି ଦେଇଥିଲେ, ଯାହାଫଳରେ ଓଡ଼ିଆ ଭାଷାଭାଷୀ ଲୋକଙ୍କ ସାଂସ୍କୃତିକ ଐକ୍ୟତା ବହୁ ମାତ୍ରାରେ ପ୍ରଭାବିତ ହେଇଥିଲା ।

୧୮୬୬ ମସିହାର ବିନାଶକାରୀ ନ ଅଙ୍କ ଦୁର୍ଭିକ୍ଷରେ ପ୍ରାୟ ଦଶ ଲକ୍ଷ ଓଡ଼ିଆ ମୃତ୍ୟୁବରଣ କରିଥିଲେ । ଅନେକଙ୍କ ମତରେ ବ୍ରିଟିଶ ଉପନିବେଶବାଦୀ ଶାସନର ଅବହେଳା ଏହି ଅନାହାର ମୃତ୍ୟୁର କାରଣ ଅଟେ ଏବଂ ଏହା ଓଡ଼ିଶାର ପ୍ରଶାସନିକ ଏକୀକରଣ ପାଇଁ ଜନସାଧାରଣଙ୍କ ଦାବିକୁ ତୀବ୍ର କରିଥିଲା । ୧୮୯୫ ମସିହାରେ କେନ୍ଦ୍ରୀୟ ପ୍ରଦେଶ ଅଧୀନରେ ସମ୍ବଲପୁରରେ ହିନ୍ଦୀ ଭାଷାକୁ ଓଡ଼ିଆ ଭାଷା ବଦଳରେ ସରକାରୀ ସ୍ତରରେ ବ୍ୟବହାର କରାଯିବା ପରେ ଜନମାନସରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା, ଯାହା ଭାଷାଗତ ଆନ୍ଦୋଳନର ସୃଷ୍ଟିପାତ କରିଥିଲା । ଇଂରେଜ ସରକାର ଓଡ଼ିଆଙ୍କ ତୀବ୍ର ପ୍ରତିବାଦ ଫଳରେ ଓଡ଼ିଆ ଭାଷା ସମ୍ବଲପୁରରେ ବ୍ୟବହୃତ ହେଲାଛତେବେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାରେ ସାଂସ୍କୃତିକ ଜାଗରଣ ଦେଖା ଯାଇଥିଲା । ବହୁ ବୁଦ୍ଧିଜୀବୀ ଏବଂ ସଂସ୍କାରକମାନେ ଜନମତକୁ ସଂଗଠିତ କରିବା ପାଇଁ ସାହିତ୍ୟ, ସାମ୍ବାଦିକତା ଏବଂ ଶିକ୍ଷାକୁ ବହୁଳ ଭାବରେ ବ୍ୟବହାର କରିଥିଲେ । ଓଡ଼ିଆ ସାହିତ୍ୟ ଜଗତର କିମ୍ବଦନ୍ତୀ ପୁରୁଷ ଫକୀର ମୋହନ ସେନାପତି ତାଙ୍କ ଲେଖନୀ ମାଧ୍ୟମରେ ଓଡ଼ିଆ ଭାଷାକୁ ସୁରକ୍ଷା ଦେଇ ପାଠକଙ୍କ ମନରେ ନବ ଜାଗରଣ ସୃଷ୍ଟି କରିଥିଲେ । ଗୌରୀଶଙ୍କର ରାୟ, 'ଉତ୍କଳ ଦୀପିକା' ପତ୍ରିକା ମାଧ୍ୟମରେ, ଓଡ଼ିଆମାନଙ୍କର ଆକାଂକ୍ଷାକୁ ପ୍ରକାଶ କରିଥିଲେ । ଓଡ଼ିଆ ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ ହେଇଥିଲା ଓ ଭାଷାଭିତ୍ତିକ ଆନ୍ଦୋଳନ ମାଧ୍ୟମରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ତାଙ୍କର ଅବଦାନକୁ ଓଡ଼ିଆ ଜାତି କେବେବି ଭୁଲି ପାରିବ ନାହିଁ । ଗୋପବନ୍ଧୁ ଦାସ ସାମ୍ବାଦିକତା ଏବଂ ସମାଜ ସେବା ମାଧ୍ୟମରେ ପ୍ରଦେଶ ଗଠନ ଆନ୍ଦୋଳନକୁ ଆହୁରି ମଜବୁତ କରିଥିଲେ । ଓଡ଼ିଆରେ ପ୍ରକାଶିତ ଖବରକାଗଜ ସମାଜ ଜରିଆରେ ଓଡ଼ିଆଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ସମ୍ପାଦକୀୟ ପୃଷ୍ଠା ସେ ଲେଖୁଥିଲେ । ନୀଳକଣ୍ଠ ଦାସ ଏକ ଦୃଢ଼ ପ୍ରବକ୍ତା ଭାବରେ,୧୯୨୭ ମସିହାରେ ଓଡ଼ିଶାକୁ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ କେନ୍ଦ୍ରୀୟ ବିଧାନସଭା ଗୃହରେ ଯୁକ୍ତିମାନ ଉପସ୍ଥାପନ କରିଥିଲେ । ନୂତନ ପ୍ରଦେଶ ଗଠନ ହେଲେ ସରକାରଙ୍କ ଅର୍ଥ ସମ୍ବନ୍ଧୀୟ ସମସ୍ତ ଆପତ୍ତିଗୁଡିକର ଖଣ୍ଡନ କରିଥିଲେ ।

୧୯୨୦ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଭାଷାଗତ ଅଞ୍ଚଳର ପୁନର୍ଗଠନକୁ ସମର୍ଥନ କରିବା ପରେ ଓଡ଼ିଶାରେ ଆନ୍ଦୋଳନ ତୀବ୍ର ହେଲା । ଗଡ଼ଜାତ ଶାସକମାନଙ୍କ ମଧ୍ୟରେ, ପାରଳାଖେମୁଣ୍ଡିର ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ବ୍ରିଟିଶ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଓଡ଼ିଶା ରାଜ୍ୟ ଗଠନ ପାଇଁ ପ୍ରସ୍ତାବ ଉପସ୍ଥାପନ କରିବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ । ସେହିଭଳି ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକୀକରଣକୁ ସମର୍ଥନ କରିଥିଲେ । ଏହି ସମସ୍ତ ନେତୃବୃନ୍ଦଙ୍କ ନିରନ୍ତର ପ୍ରୟାସ ଫଳରେ ୧ ଏପ୍ରିଲ୍ ୧୯୩୬ରେ ଓଡ଼ିଶା ପ୍ରଦେଶ ଗଠନ ହେଲା । ବ୍ରିଟିଶ ଶାସନ ଅଧୀନରେ ଭାଷାଭିତ୍ତିରେ ଗଠିତ ଓଡ଼ିଶା ଭାରତର ପ୍ରଥମ ପ୍ରଦେଶ ଅଟେ ।

ଓଡ଼ିଶା ରାଜ୍ୟ ପ୍ରତିଷ୍ଠା ଗଠନର ଶତବାର୍ଷିକ ୨୦୩୬ ମସିହାରେ ହେବ । ତେଣୁ ଆଗାମୀ ଦଶ ବର୍ଷରେ ଆମ ରାଜ୍ୟର ସନ୍ତୁଳିତ ଆର୍ଥିକ ଏବଂ ସାଂସ୍କୃତିକ ଅଭିବୃଦ୍ଧି ପାଇଁ ପ୍ରୟାସ କରିବାକୁ ପଡିବ । କେନ୍ଦ୍ର ସରକାରଙ୍କଦ୍ୱାରା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ରୂପେ ମାନ୍ୟତା ଦେବା ରାଜ୍ୟର ଗୌରବମୟ ଐତିହ୍ୟକୁ ପ୍ରତିଫଳିତ କରେ । ତେବେ ପ୍ରଶ୍ନ ଉଠୁଛି, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା କେବେ ମିଳିବ?

ବିଶ୍ୱ ସ୍ତରରେ ଓଡ଼ିଶୀ ନୃତ୍ୟ ପରମ୍ପରା ସହିତ ଓଡ଼ିଶୀ ସଙ୍ଗୀତ ବେଶ୍ ଆଦୃତ ହେଲାଣି ।

ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ବିଶେଷକରି ଛତିଶଗଡ଼ ରାଜ୍ୟ ସହିତ ମହାନଦୀ ଜଳ ବିବାଦ ଏବଂ ଆନ୍ଧ୍ର ପ୍ରଦେଶ ସରକାରଦ୍ୱାରା ନିର୍ମିତ ପୋଲାଭରମ୍ ପ୍ରକଳ୍ପ ଆମ ରାଜ୍ୟ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି କରିଛି । ଏହାର ସମାଧାନ ହେବା ଅତ୍ୟନ୍ତ ଜରୁରୀ ଅଟେ । ଓଡ଼ିଶାର ସ୍ୱାର୍ଥକୁ ଆଖିରେ ରଖି ଆମ ରାଜ୍ୟର ନେତାମାନେ ଦଳ ମତ ନିର୍ବିଶେଷରେ ଏକାଠି ହେଇ କାମ କରିବା ଦରକାର । ଓଡ଼ିଶା ଦିବସ କେବଳ ଆମ ଅତୀତର ସ୍ମୃତି ନୁହେଁ-ଏହା ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ । ଏହି ଦିବସ ପ୍ରତ୍ୟେକ ଓଡ଼ିଆଙ୍କୁ ଓଡ଼ିଆ ଜାତିର ଐତିହ୍ୟକୁ ସ୍ମରଣ କରାଏ ଏବଂ ଆମ ଭାଷା, ସଂସ୍କୃତି, ଏବଂ ପରମ୍ପରାକୁ ଭଲ ପାଇବାକୁ ଅନୁପ୍ରାଣୀତ କରେ ।

> **ଓଡ଼ିଶା ରାଜ୍ୟ ପ୍ରତିଷ୍ଠା ଗଠନର ଶତବାର୍ଷିକ ୨୦୩୬ ମସିହାରେ ହେବ । ତେଣୁ ଆଗାମୀ ଦଶ ବର୍ଷରେ ଆମ ରାଜ୍ୟର ସନ୍ତୁଳିତ ଆର୍ଥିକ ଏବଂ ସାଂସ୍କୃତିକ ଅଭିବୃଦ୍ଧି ପାଇଁ ପ୍ରୟାସ କରିବାକୁ ପଡିବ । କେନ୍ଦ୍ର ସରକାରଙ୍କଦ୍ୱାରା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ରୂପେ ମାନ୍ୟତା ଦେବା ରାଜ୍ୟର ଗୌରବମୟ ଐତିହ୍ୟକୁ ପ୍ରତିଫଳିତ କରେ । ତେବେ ପ୍ରଶ୍ନ ଉଠୁଛି, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା କେବେ ମିଳିବ?**

**(ଲେଖକ ପୂର୍ବତନ ଉପମହାପ୍ରବନ୍ଧକ,ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ସ୍ତମ୍ଭକାର)**
**କେ ୫/କଳିଙ୍ଗ ବିହାର, ଭୁବନେଶ୍ୱର**

# ଉପଭୋଗ କରିପାରୁନଥିବା ସୁଖ



**ଯଚିଦାନନ୍ଦ ଦାଶ**

ଏ ଦୁନିଆରେ ସୁଖକୁ ଉପଭୋଗ କରିବାକୁ କିଏବା ନ ଚାହେଁ । ଉପଭୋଗ କହିଲେ, ଏକ ପ୍ରକାର ଭୌତିକ ଓ ମାନସିକ ସ୍ଥିତି, ଯାହାକୁ ଲାଭ କରିବା ଫଳରେ ମଣିଷକୁ ଆନନ୍ଦ ମିଳିଥାଏ । ସାଧାରଣତଃ ସୁଖ ମାନେ, ଆମେ ପାର୍ଥିବ ଓ ବିଳାସପୂର୍ଣ୍ଣ ସ୍ଥୁଳବସ୍ତୁଗୁଡ଼ିକର ଉପସ୍ଥିତି ଓ ପ୍ରାପ୍ତିକୁ ବୁଝିଥାଉ । ଏହି ଐଶ୍ୱର୍ଯ୍ୟପୂର୍ଣ୍ଣ ସ୍ଥୁଳବସ୍ତୁଗୁଡ଼ିକ ହେଲା-ଆଲିଶାନ ବଙ୍ଗଳା, ମର୍ସିଡିଜ କାର୍, ପ୍ରତିଷ୍ଠିତ ଶିଳ୍ପ ତଥା ଫ୍ୟାକ୍ଟ୍ରି, ଜାଗା ଜମି, ବ୍ୟାଙ୍କ ବାଲାନ୍ସ, ଅନ୍ୟାନ୍ୟ ବିଳାସପୂର୍ଣ୍ଣ ସାମଗ୍ରୀ ଇତ୍ୟାଦି, ଯାହାର ପଛରେ ମଣିଷ ଅହରହ ଧାବମାନ ।

ଉପରୋକ୍ତ ବିଳାସପୂର୍ଣ୍ଣ ବସ୍ତୁଗୁଡ଼ିକୁ ପାଇବାର ଲାଳସାରେ ଆଜି ମଣିଷ ଜର୍ଜରିତ । ଅନେକ କ୍ଷେତ୍ରରେ ଦେଖାଯାଏ, ଏସବୁ ଐଶ୍ୱର୍ଯ୍ୟ ପାଖରେ ଥାଇ ମଧ୍ୟ ମଣିଷ ସୁଖକୁ ଉପଭୋଗ କରି ପାରେନା ।

ଈଶ୍ୱରଙ୍କର ଏ କି ବିଡମ୍ବନା ? ପାଖରେ ଅର୍ଥ ଥାଇ ପିଲାଟି ଶିକ୍ଷାଲାଭ କରି ଯୋଗ୍ୟ ନାଗରିକଟିଏ ହେବାରୁ ବଞ୍ଚିତ ହେଉଛି । ଅନେକ କ୍ଷେତ୍ରରେ ପିତାଙ୍କର ବିପୁଳ ଅର୍ଥ ନେଇ ପୁତ୍ର ମଦ, ଡ୍ରଗସ୍ ଦ୍ୱାରା ନିଶାସକ୍ତ ହୋଇ ଜୀବନ ବିତାଇ ଦେଉଛି । ଫଳରେ ବିଭିନ୍ନ ଭୟାନକ ରୋଗରେ ଆକ୍ରାନ୍ତ ହୋଇ ଯୁବକଟି ବେଳେ ବେଳେ ମୃତ୍ୟୁ ମୁଖରେ ମଧ୍ୟ ପଡୁଛି । ପ୍ରାଚୁର୍ଯ୍ୟ ଭିତରେ ଥାଇ ମଧ୍ୟ ଯୁବକ ବା ଯୁବତୀଟି ଏକ ଉତ୍ତମ ମଣିଷ ଭାବରେ ସମାଜରେ ପ୍ରତିଷ୍ଠିତ ହୋଇପାରେ ନାହିଁ ।

ଖୁସି ଓ ଆନନ୍ଦର ସମସ୍ତ ଉପାଦାନ ଥାଇ ମଧ୍ୟ ପୁତ୍ରମାନେ ଅନେକେ ପିତା ସୁଖକୁ ଉପଭୋଗ କରିବାକୁ ଅସମର୍ଥ ହୋଇପଡନ୍ତି । ବନ୍ଧୁଗଣ, ଉପଭୋଗ କରିପାରୁ ନଥିବା ସୁଖର ଏହା ଏକ ଜ୍ୱଳନ୍ତ ଉଦାହରଣ । ପ୍ରସଙ୍ଗଟିକୁ ନେଇ ଆଜିକାଲି ଘଟୁଥିବା ଆଉ ଏକ ଉଦାହରଣ ନିଆଯାଇପାରେ । ଧରନ୍ତୁ ଜଣେ ବ୍ୟକ୍ତିଙ୍କର ବିରାଟ ଶିଳ୍ପ କାରଖାନା ଅଛି, ଯାହା ଉଭୟେ ଦୁଇ ଭାଇଙ୍କ ଦ୍ୱାରା ପରିଚାଳିତ । ଦୁଇ ଭାଇଙ୍କ ମଧ୍ୟରେ ଫ୍ୟାକ୍ଟ୍ରିର ଲାଭାଂଶର ସେୟାରକୁ ନେଇ ମତାନ୍ତର ଓ ଗଣ୍ଡଗୋଳ ଆରମ୍ଭ ହୋଇଯାଉଛି ଏବଂ ତତ୍ ସଙ୍ଗେ ସଙ୍ଗେ ଉଭୟଙ୍କ ମଧ୍ୟରେ ଶତ୍ରୁତା ଉପୁଜୁଛି ।

ଏପରି ସ୍ଥିତିରେ ସୁଖ ଉପଭୋଗ କରିବା ତ ଦୂରର କଥା, ପରିବାରରେ ଅଶାନ୍ତିର ଅନ୍ଧକାର ମାଡ଼ି ବସୁଛି ।

ଏହି ସବୁ ଆଲୋଚିତ ଉଦାହରଣ, ଉପଭୋଗ କରି ନ ପାରୁଥିବା ସୁଖର ପ୍ରତ୍ୟେକ୍ଷ ଦିଗକୁ ସୂଚାଇଦିଏ । ଏଥର ଆସନ୍ତୁ ସୁଖ ଉପଭୋଗ କରିବାର ପରୋକ୍ଷ ଦିଗ ତଥା ଦର୍ଶନଭିତ୍ତିକ ଅନୁଶୀଳନକୁ ବୁଝିବା ।

ପ୍ରଥମ କଥା ହେଉଛି ସକରାତ୍ମକ ଭାବନା ଏବଂ ଆତ୍ମସନ୍ତୁଷ୍ଟିର ଅଭାବ, ଯାହା ମଣିଷକୁ ସୁଖ ଉପଭୋଗ କରିବାକୁ ଦିଏ ନାହିଁ । ଆମେ ଜାଣୁ ମାନବୀୟ ଅଭାବ ଅସୀମ । ଏ ମଣିଷକୁ ଯେତେ ଧନ ପ୍ରାପ୍ତି ହେଉଥିବ, ସେତେ ସେ ଆହୁରି ଧନ ସଂଚୟ ପାଇଁ ଆଶା କରୁଥିବ । ସବୁବେଳେ ଯଦି ଆବଶ୍ୟକତାଠାରୁ ଅଧିକ ଆଶା କରାଯାଏ, ତେବେ ସୁଖ ପରିବର୍ତ୍ତେ ଦୁଃଖର ସୁଅ ଛୁଟି ଆସେ । ତେଣୁ ଯେଉଁ ଲୋକଟି ସକରାତ୍ମକ ଭାବନା ଯଥା-ଅସାଧୁତା ଅବଲମ୍ବନ କରି ଧନ ରୋଜଗାର ନ କରିବା, ପରଶ୍ରୀ ଦେଖି କାତର ବା ଈର୍ଷାନ୍ୱିତ ନ ହେବା ଇତ୍ୟାଦି ଗୁଣଗୁଡ଼ିକ ମନରେ ଆପଣେଇ ପାରିଲା, ସେ ସୁଖକୁ ଠିକ୍ ଭାବରେ ଉପଭୋଗ କରି ଚାଲିବ । ଅନ୍ୟ ଉପାଦେୟ କଥାଟି ହେଉଛି ଆତ୍ମସନ୍ତୁଷ୍ଟି, ଯାହାକୁ ମନ ମଧ୍ୟରେ ଅନୁଭବ କରି ପାରିଲେ, ଆମେ ଦୁଃଖୀ ପରିବର୍ତ୍ତେ ସୁଖୀ ହୋଇପାରିବା । ଉଦାହରଣ ସ୍ୱରୂପ ମାସିକ ରୋଜଗାରରେ ଯେତିକ ଟଙ୍କା ପଇସା ମିଳୁଛି, ସେତକରେ ସନ୍ତୋଷ ଲାଭ କରିବା, ଖାଇବାକୁ ଯାହାକିଛି ମିଳୁଛି, ତାକୁ ମନ ଭରି ଖାଇନବା ଇତ୍ୟାଦି । ଦ୍ୱିତୀୟ କଥାଟି ହେଉଛି ଦୃଢ଼ ସାମାଜିକ ସମ୍ପର୍କ । ସାମାଜିକ ବନ୍ଧୁତା ଦ୍ୱାରା ମଣିଷ ପରସ୍ପର ମଧ୍ୟରେ କଥାବାର୍ତ୍ତାର ଓ ସୁଖଦୁଃଖର ବିନିମୟ ଫଳରେ ମାନସିକ ସ୍ତରରେ ଶାନ୍ତି ଓ ସୁଖ ପାଇ ପାରିଥାଏ ।

ସାଧାରଣତଃ ଏକାକିତ୍ୱ ମଣିଷକୁ ମାନସିକ ଓ ଶାରୀରିକ କ୍ଷେତ୍ରରେ ଦୁର୍ବଳ କରିଦିଏ । ସମାଜରେ ସମସ୍ତଙ୍କ ସାଙ୍ଗରେ ପ୍ରେମ, ଶ୍ରଦ୍ଧା, ସ୍ନେହ ଓ ଭକ୍ତିରେ ନିଜକୁ ଆବଦ୍ଧ ନ କରିବା ଦ୍ୱାରା ମଣିଷ ଏକ ପ୍ରକାର ମାନସିକ ସୁଖ ଉପଭୋଗ କରିବାରେ ଅସମର୍ଥ ହୋଇଥାଏ ।

ତୃତୀୟତଃ ସାର୍ଥକ ଲକ୍ଷ୍ୟ ରଖିବା ଦ୍ୱାରା ମଣିଷ ନିଜର ବ୍ୟକ୍ତିଗତ ଉନ୍ନତି ଓ ନିଜକୁ କାର୍ଯ୍ୟକ୍ଷମ କରିବାରୁ ବଞ୍ଚିତ ହୁଏ । ଯାହାଫଳରେ ଭୌତିକ ସୁଖ ଥାଇ ମଧ୍ୟ ମଣିଷ ମାନସିକ ସ୍ତରରେ ସୁଖ ଉପଭୋଗ କରି ପାରେନି ।

ଚତୁର୍ଥତଃ ଆଉ ଏକ ସୁଖ ଉପଭୋଗ କରିବାର ପରୋକ୍ଷ ଉପାୟ ହେଲା ନିଜକୁ ସୁସ୍ଥ ରଖି ଠିକ୍ ଜୀବନ ଶୈଳୀର ଆଧାରରେ କାର୍ଯ୍ୟ କରିଚାଲିବା ଏବଂ ସମୟକ୍ରମେ ଜୀବନର ଏକ ଭିନ୍ନ ସ୍ୱାଦକୁ ଉପଭୋଗ କରିପାରିବା ।

ପଞ୍ଚମତଃ ଆମେ ସବୁବେଳେ ବର୍ତ୍ତମାନକୁ ଆହ୍ୱାନ କରିବା ଓ ବର୍ତ୍ତମାନର ସ୍ଥିତିକୁ ନେଇ ଚିନ୍ତା କରିବା ବା କାର୍ଯ୍ୟ କରିବା ଉଚିତ । ଅତୀତର ସକରାତ୍ମକ ଜ୍ଞାନ ଓ ଅଭିଜ୍ଞତାକୁ ଗ୍ରହଣ କରି ଏବଂ ଭବିଷ୍ୟତର ଆକାଂକ୍ଷାକୁ ଆଖି ଆଗରେ ରଖି ଆମେ ଯଦି ବର୍ତ୍ତମାନର ସ୍ଥିତିକୁ ଆଲିଙ୍ଗନ ନ କରି ପାରିବା, ତେବେ ସମସ୍ତ ସୁଖର ଉପଭୋଗରୁ ନିବୃତ୍ତ ହେବାକୁ ଲାଗିବା । ଶେଷରେ ସୁଖ ଉପଭୋଗର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଲା ଆତ୍ମବିରୋଧିତା ।

ବିନା କାରଣରେ ନିଜକୁ ନିଜେ ଦ୍ୱନ୍ଦ୍ୱରେ ପକେଇବା ଏବଂ ନିଜକୁ ମନରେ ବିରୋଧ କରିବାକୁ ଆତ୍ମବିରୋଧିତା କୁହାଯାଏ । ସବୁବେଳେ ଆତ୍ମବିରୋଧିତାକୁ ଆପଣେଇଲେ, ସୁଖ ଉପଭୋଗ କରିବାର ବାଟ ମିଳେ ନାହିଁ ଏବଂ ମଣିଷ ମାନସିକ ବିଭ୍ରାନ୍ତି ବା ଭ୍ରମତାର ଶିକାର ହୋଇଯାଏ । ତେଣୁ ଆତ୍ମବିରୋଧିତାକୁ ନ ଯାଇ ଆତ୍ମ ସଚେତନତା ଓ ଆତ୍ମଚିନ୍ତନକୁ ଗ୍ରହଣ କରିପାରିଲେ, ମଣିଷ ପକ୍ଷେ ସୁଖକୁ ଉପଭୋଗ କରିବାର ପଥ ପରିଷ୍କାର ହୋଇଯିବ ।

ତେଣୁ ସବୁବେଳେ ନିଜକୁ ଦୃଢ଼ମନା ଓ ଧୈର୍ଯ୍ୟବାନ ଭାବେ ଗଢ଼ିତୋଳିବା ଦରକାର । ଆସନ୍ତୁନା, ପ୍ରତ୍ୟେକ୍ଷ ସୁଖ ଉପଭୋଗ ପ୍ରତି ବିଶେଷଭାବେ ଆକର୍ଷିତ ନ ହୋଇ ପରୋକ୍ଷ ସୁଖର ଉପଭୋଗକୁ ଆଦରି ନବା । ଫଳରେ ଆମେ ଏକ ଶୃଙ୍ଖଳିତ ଜୀବନ ନିର୍ବାହ ଓ ନିର୍ମାଣ କରିବାକୁ ସକ୍ଷମ ହୋଇପାରିବା ।

**ସିଡ଼ିଏ, କଟକ**
**ମୋ-୭୦୦୮୬୫୦୬୯୩**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ମୋ କଟକ ସୁରକ୍ଷା ମଞ୍ଚର ସମ୍ବର୍ଦ୍ଧନା ସଭା

କଟକ, (ସ୍ୱପ୍ର) : ସ୍ଥାନୀୟ ମଧୁପାଟଣା ସ୍ଥିତ ପ୍ରମିଳା ମଣ୍ଡପରେ ମୋ କଟକ ସୁରକ୍ଷା ମଞ୍ଚର ସମ୍ବର୍ଦ୍ଧନା ସଭା ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି



ମେୟର ସୁବାସ ସିଂହ, ବିଧାୟକ ସୌଭିକ୍ ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ୨୨ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ ସୁବାସ ଚନ୍ଦ୍ର ସାହୁ, ବିଜେଡି କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ବ୍ରଜ ନନ୍ଦ, ସେକ୍ କଲ୍ଲିମୁଲ୍ଲା, ମଞ୍ଚ ଉପଦେଷ୍ଟା ଦେବକୁମାର ନାଥ, କ୍ଷୀରୋଦ କୁମାର ସାହୁ, ସୁବ୍ରତ ସାମନ୍ତରାୟ, ଯୁବସମାଜସେବୀ ଡ. ରଞ୍ଜନ ବିଶ୍ୱାଳ, ସାମ୍ବାଦିକ ସୁଧାଂଶୁ ରାଉତ ପ୍ରମୁଖ ଉପସ୍ଥିତ ରହି କଟକ ସହରର ଜନହିତକର କାର୍ଯ୍ୟ ଓ ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା ରୋକିବା ପାଇଁ ସୂଚନାଅଧିକାର ଆଇନର ପ୍ରମୁଖ ଭୂମିକା ରହିଛି ଓ ମଞ୍ଚ ଜନସାଧାରଣଙ୍କ କାର୍ଯ୍ୟ ମୌଳିକ ଅଧିକାର ପାଇଁ ସଦାସର୍ବଦା କାର୍ଯ୍ୟ କରୁଥିବା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନ ତରଫରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ଅତିଥି ଅଭ୍ୟାଗତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନିମନ୍ତ୍ରିତ ଅତିଥି ରୂପେ କର୍ପୋରେଟର ଗଗନ ଓଝା, ସନ୍ତୋଷ ଭୋଳ, ପ୍ରଦିପ ସାହୁ, ସୌଭାଗିନୀ ଜେନା, ଅରବିନ୍ଦ ଜେନା, ଜେ.କାମେଶ୍ୱର ରାଓ, ଜନାର୍ଦ୍ଦନ ପରିଡା, ଇଂ ସୁବ୍ରତ ଘଡେଇ, ବିଜେପି ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ବିଜେପି ନେତା ସନ୍ତୋଷ ମହାନ୍ତି, ପ୍ରମୋଦ କୁମାର ସାହୁ, ଚିତ୍ତରଞ୍ଜନ ଦାସ୍, ମାନବାଧିକାର କର୍ମୀ ସସ୍ମିତା ଦାସ, ବିଶ୍ୱଜିତ ସୂର୍ଯ୍ୟବଂଶୀ, ବିଜୟଲକ୍ଷ୍ମୀ ମହାପାତ୍ର, ରଞ୍ଜିତା ନାୟକ, ସୂଚନାଅଧିକାର କର୍ମୀ ସର୍ବେଶ୍ୱର ବେହୁରା, ଯୁବସମାଜସେବୀ ବଦ୍ରୀନାରାୟଣ ଲେଙ୍କା, ନୀଳମାଧବ ଖୁଣ୍ଟିଆ, ଡ.ବ୍ୟୋମକେଶ କାନୁନଗୋ, ଆଶୁତୋଷ ମହାନ୍ତି ପ୍ରମୁଖଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂଜାକମିଟି, ସାହିମୂରବୀ, ଗଣମାଧ୍ୟମ ପ୍ରତିନିଧି, ସାମାଜିକ ସଙ୍ଗଠନ, ସାମାଜିକ ଓ ମାନବାଧିକାର କର୍ମୀ, ବୁଦ୍ଧିଜୀବୀଙ୍କୁ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ସଭା ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଜ୍ୟୋତିକ୍ଷା ସାହୁ, ସୌମ୍ୟଜିତ ରାୟ, ମୁକୁଳିତା ମହାରଣା, ବିଶ୍ୱଜିତ ରାୟ, ରଶ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ । ଓଡିଆ ଭାଷାର ପ୍ରଚାରପ୍ରସାର ଶିକ୍ଷା ନିମନ୍ତେ ସୁନାମ ଅର୍ଜନ କରିଥିବା ଅବସରପ୍ରାପ୍ତ ଶିକ୍ଷକ ସାରଦା ପ୍ରସାଦ ଶତପଥିଙ୍କୁ ଉତ୍ତରୀୟ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚ ସଭାପତି ଅକ୍ଷୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଲ ପରିବହନ ବୃଦ୍ଧି ପାଇଁ ନୂତନ ସାଇଡିଂ କମିଶନିଂ ଏବଂ ପ୍ରମୁଖ ଚୁକ୍ତି ସମ୍ପାଦନ

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ୍ ଡିଭିଜନ ମାଲ ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ମାଲ ଚାଲାଚଳକୁ ସୁଗମ କରିବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏମସିଏଲ ତାଳଚେରର ଭୁବନେଶ୍ୱର ଓସିପି ରେ ସିଲୋ କାର୍ଯ୍ୟ ପାଇଁ ଏକ ନୂତନ ରେଳ ସାଇଡିଂ କମିଶନ କରାଯାଇ ସଫଳତାର ସହ ଚାଲୁ କରାଯାଇଛି । ଏହି ସାଇଡିଂ ମାଧ୍ୟମରେ କୋଇଲା ଲୋଡିଂ କ୍ଷମତା ବୃଦ୍ଧି ପାଇବା ସହ ଦ୍ରୁତ ନିଷ୍କାସନ ସୁନିଶ୍ଚିତ ହେବ, ଯାହା ଫଳରେ ମାଲ ପରିବହନ କାର୍ଯ୍ୟକ୍ଷମତା ଆହୁରି ଉନ୍ନତ ହେବ ।ଏହା ସହିତ, ନିଉ ଭିସ୍ତା ଲିମିଟେଡ଼ ରେ ଏକ 'ଗତି ଶକ୍ତି କାର୍ଗୋ ଟର୍ମିନାଲ' ନିର୍ମାଣ କରାଯାଇ କମିଶନ କରାଯାଇଛି, ଯାହା ମାଲ ହାଣ୍ଡଲିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାହକମାନଙ୍କୁ ଉନ୍ନତ ସେବା ଯୋଗାଇବ ।ଏହା ସହିତ, ରେଳ ସଂଯୋଗକୁ ସୁଗମ କରିବା ଏବଂ ଭାରି ପରିମାଣର ମାଲ ଚାଲାଚଳକୁ ସୁନିଶ୍ଚିତ କରିବା ପାଇଁ ପାରାଦ୍ୱୀପ ପୋର୍ଟ ଅଥରିଟି ଏବଂ ଡାଲମିଆ ସିମେଣ୍ଟ ଲିମିଟେଡ଼ ସହ 'ଏଣ୍ଡ ଅଫ୍ ଲାଇନ' ଚୁକ୍ତି ସମ୍ପାଦନ କରାଯାଇଛି ।ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ କାର୍ଯ୍ୟଦକ୍ଷତା ବୃଦ୍ଧି, ଗ୍ରାହକ ସମ୍ପର୍କ ସୁଦୃଢ଼ କରିବା ସହ ଡିଭିଜନର ମାଲ ପରିବହନ ଆୟ ବୃଦ୍ଧି ପାଇବା ଆଶା କରାଯାଉଛି ।

# 'ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ' : ଡକ୍ଟର ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, (ସବ୍ୟୁ): ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଦୁଇଟି ନୂତନ ବିଭାଗ ଓପିଡି ଉଦଘାଟିତ ହୋଇଛି ଓ ରୋଗୀମାନଙ୍କୁ ଉନ୍ନତ ଏବଂ ସୁଲଭ ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟରେ ହସ୍ପିଟାଲର ଗ୍ରାଉଣ୍ଡ ଫ୍ଲୋରରେ ଶଲ୍ୟ ଚିକିତ୍ସା ବିଭାଗର ଓପିଡି ଓ ଚର୍ମରୋଗ ବିଭାଗର ସଂପ୍ରସାରିତ ଓପିଡି ଉଦ୍‌ଘାଟିତ ହୋଇଛି ଓ ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ ଏବଂ ନିର୍ଦ୍ଦେଶକ ଡାକ୍ତର ରାକେଶ ପାଣିଗ୍ରାହୀ ଏହି ଦୁଇଟି ବିଭାଗର ଶୁଭଉଦ୍‌ଘାଟନ କରିଛନ୍ତି ଓ ଏହି ନୂତନ ଓପିଡିରେ ଅତ୍ୟାଧୁନିକ ଚିକିତ୍ସା ଉପକରଣ ସହ ଅଭିଜ୍ଞ ଶଲ୍ୟ ଚିକିତ୍ସକ ଓ ଚର୍ମରୋଗ ବିଶେଷଜ୍ଞଙ୍କ ଦ୍ୱାରା



ପରାମର୍ଶ ଦିଆଯିବା ସହ ସାଧାରଣ ଜନତାଙ୍କୁ ସହଜ ଏବଂ ତ୍ୱରିତ ସେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଅଧ୍ୟକ୍ଷ ଡଃ ପାଣିଗ୍ରାହୀ କହିଛନ୍ତି ଯେ, ଓଡ଼ିଶାବାସୀଙ୍କୁ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ଆମେ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ । ଉଦଘାଟନୀ ଉତ୍ସବରେ ହସ୍ପିଟାଲର ବହୁ ବରିଷ୍ଠ ଡାକ୍ତର, ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ନର୍ସିଂ ଷ୍ଟାଫ୍ ଉପସ୍ଥିତ ଥିଲେ ।

## ପଲାସା ଓ ଇଚ୍ଛାପୁରମ ଅଞ୍ଚଳକୁ ପୂର୍ବତଟରୁ

# କାଢି ଦକ୍ଷିଣତଟ ରେଳବାଇରେ ମିଶ୍ରଣକୁ ବିଜେଡିର ବିରୋଧ

ଭୁବନେଶ୍ୱର, (ସବ୍ୟୁ): ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାରରେ ଓଡିଶାକୁ ଅଧିକ ମିଳିବା ପରିବର୍ତ୍ତେ ଓଡ଼ିଶାର ହକ୍କୁ ଛଡାଇ ନିଆଯାଉଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ଓଡ଼ିଶା ଦିବସ ପାଳନ ସମୟରେ ପଲାସା ଓ ଇଚ୍ଛାପୁରମ ଅଞ୍ଚଳକୁ ଓଡିଶାରେ ଥିବା ପୂର୍ବତଟ ରେଳବାଇରୁ କାଢିନେଇ ଆନ୍ଧ୍ରପ୍ରଦେଶରେ ଥିବା ଦକ୍ଷିଣତଟ ରେଳବାଇରେ ମିଶ୍ରଣ କରାଯାଇଛି, ଯାହାକୁ ନେଇ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଡବଲ ଇଞ୍ଜିନ ସରକାର ରାଜ୍ୟକୁ ଡବଲ ଧୋକା ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ।

ଅତନୁ ସବ୍ୟସାଚୀ ନାୟକ କହିଥିଲେ, ପୂର୍ବତଟ ରେଳବାଇ ଦେଶରେ ଥିବା ସମସ୍ତ ରେଳବାଇ ଡିଭିଜନ ଭିତରେ ସବୁଠାରୁ ଅଧିକ ରାଜସ୍ୱ ଦେଉଥିବା ଡିଭିଜନ । ଆନ୍ଧ୍ରକୁ ଖୁସି କରାଇବାକୁ ଯାଇ ଓଡ଼ିଶାରେ ଥିବା ପୂର୍ବତଟ ରେଳବାଇକୁ ଦୁର୍ବଳ କରିବାକୁ ଲଗାତର ଉଦ୍ୟମ ହେଉଛି । ପ୍ରାୟ ୧ ବର୍ଷ ତଳେ କୋରାପୁଟ ଜିଲ୍ଲା ଓ ରାୟଗଡା ଜିଲ୍ଲାର କିଛି ଅଂଶକୁ ଦକ୍ଷିଣତଟ ରେଳବାଇରେ ସାମିଲ କରାଯାଇଥିଲା । ଏବେ ଓଡ଼ିଶା ଦିବସ ପାଳିତ ହେଉଥିବା ବେଳେ ପଲାସା ଓ ଇଚ୍ଛାପୁରମକୁ ଦକ୍ଷିଣତଟ ରେଳବାଇରେ ସାମିଲ କରାଯାଇଛି । ପୂର୍ବତଟ ରେଳବାଇକୁ ଲଗାତର ଭାବେ ସଙ୍କୁଚିତ କରାଯାଉଛି, କିନ୍ତୁ ଓଡ଼ିଶାର ୨୦ ଜଣ ଲୋକସଭା ବିଜେପି ସାଂସଦ ଓ ରାଜ୍ୟର ନେତୃତ୍ୱ ମୁହଁରେ ତୁଣ୍ଡି ଦେଇ ବସି ରହିଛନ୍ତି । ଯେଉଁ ୨୦ ଜଣ ଲୋକସଭା ବିଜେପି ସାଂସଦ ରାଜ୍ୟରୁ ଯାଇଛନ୍ତି, ରାଜ୍ୟବାସୀ ଜାଣିବାକୁ ଚାହୁଁଛନ୍ତି ସେମାନଙ୍କ ଭୂମିକା କ'ଣ? ଏହାଛଡା ଜଣେ ଓଡ଼ିଶାର ସାଂସଦ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ଆନ୍ଧ୍ର ପାଖରେ ବନ୍ଧା ପକାଇଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ନାୟକ କହିଥିଲେ । ଡ଼ ଲେନିନ ମହାନ୍ତି କହିଥିଲେ ଏହାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିବା ସହିତ ଓଡ଼ିଶାର ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଥିବା ରେଳ ଅଞ୍ଚଳ ଗୁଡିକୁ ଦକ୍ଷିଣ-ପୂର୍ବ ରେଳବାଇରୁ କାଢି ପୂର୍ବତଟ ରେଳବାଇରେ ମିଶ୍ରଣ କରି ଏହାକୁ ଅଧିକ ସୁଦୃଢ଼ କରିବା ପାଇଁ ବିଜେଡି ଦାବି କରୁଛି ।

# ନବୀମୁମ୍ବାଇରେ ଉତ୍କଳ ଦିବସ



ଭୁବନେଶ୍ୱର (ସବ୍ୟୁ): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ର ଏକାନବେ ତମ ପୂର୍ତ୍ତି ଉତ୍ସବ ଉପଲକ୍ଷେ ନବୀମୁମ୍ବାଇ ନେରୁଲ ସ୍ଥିତ ଆଗ୍ରୀକୋଲି ଭବନ ରେ ଏପ୍ରିଲ ୧ ତାରିଖ ସନ୍ଧ୍ୟାରେ ପ୍ରବାସୀ ଓଡ଼ିଆ ଙ୍କ ମିଳିତ ସହଯୋଗ ରେ ଉତ୍କଳ ଦିବସ ପାଳନ ହୋଇଯାଇଛି । ଆଖଣ୍ଡଳମଣି ପୂଜା କମିଟି, ପ୍ରବାସୀ ଉତ୍କଳ ସାହିତ୍ୟ ସଂସ୍ଥା, ଏବଂ ଅନ୍ୟାନ୍ୟ ଓଡ଼ିଆ ସଂଗଠନ ଙ୍କ ମିଳିତ ଉଦ୍ୟମ ରେ ସଂଗଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ସରକାର ଅଧୀନ ହସ୍ତତନ୍ତ ବିଭାଗ ରେ ନିର୍ଦ୍ଦେଶକ ଡ଼କ୍ଟର ତପନ ରାଉତ, ସମ୍ମାନିତ ଅତିଥି ଭାବରେ ଓଡିଶା ଭବନ ପରିଚାଳକ ଶମ୍ଭୁ ଭୂଷଣ ମିଶ୍ର ଏବଂ ସମାଜ ସେବକ ସୁରେଶ ଶିଂ, ବିଶିଷ୍ଟ ସାହିତ୍ୟିକ କମଳା ଶତପଥି ଯୋଗ ଦେଇ ନିଜର ବହୁମୂଲ୍ୟ ମନ୍ତବ୍ୟ ରଖିଥିଲେ ।ବନ୍ଦେ ଉତ୍କଳ ଜନନୀ ସାମୁହିକ ଗାନ କରାଯାଇଥିଲା ।ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପିଲାମାନଙ୍କ ଉତ୍ସାହ ଭରା ନୃତ୍ୟ, ଗୀତ ପରିବେଷଣ ଅତ୍ୟନ୍ତ ମନମୁଗ୍ଧକର ଥିଲା । ଉତ୍କଳ ସୁରଭି ଉନ୍ମୋଚନ ପର୍ବ ଅତିଥି ମାନଙ୍କ ଦ୍ୱାରା ହୋଇଥିଲା ।ରାତ୍ରୀ ଭୋଜନ ରେ ପ୍ରବାସୀ ଓଡ଼ିଆ ଖାଦ୍ୟ ର ମହକ ଥିଲା ।ପ୍ରାୟ ପାଞ୍ଚଶହ ଓଡ଼ିଆ ନବୀ ମୁମ୍ବାଇ ର ବିଭିନ୍ନ ସ୍ଥାନ, ଉଲୱେ, ୱାସି, କାମଠେ, ଖାରଘର, କୋପରଖରନା, ରୁ ଯୋଗ ଦେଇ ଥିଲେ ।

# ଆଇଆଇଟି ଭୁବନେଶ୍ୱରକୁ ସାର୍ଟିଫାଏଡ୍ ଗ୍ରୀନ୍ ଅଡିଟ୍ ମାନ୍ୟତା

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏହାର କ୍ୟାମ୍ପସର ଏକ ବ୍ୟାପକ ସବୁଜ ଅଡିଟ୍ ସଫଳତାର ସହ ସମାପ୍ତ କରିଛି ଏବଂ ଜାତୀୟ କୋଠା କୋଡ୍ ୨୦୧୬ (ଭାଗ ୧୧) ର ବ୍ୟବସ୍ଥା ଏବଂ ନାକ୍ ଏବଂ ନାକ୍‌ବି ର ନିର୍ଦ୍ଦେଶାବଳୀ ଅନୁଯାୟୀ ଏହାକୁ ଏକ ସବୁଜ ଅଡିଟ୍ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି ସଫଳତା ପରିବେଶଗତ ସ୍ଥାୟୀତ୍ୱ ଏବଂ ଦାୟିତ୍ୱପୂର୍ଣ୍ଣ କ୍ୟାମ୍ପସ୍ ପରିଚାଳନା ପ୍ରତି ପ୍ରତିଷ୍ଠାନର ନିରନ୍ତର ପ୍ରତିବଦ୍ଧତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଅଡିଟ୍ ୮୮.୩୬% ର ସାମଗ୍ରିକ ଅନୁପାଳନ ସ୍କୋର ରେକର୍ଡ କରିଛି, ଯାହା ନିର୍ଦ୍ଧାରିତ ସ୍ଥାୟୀତ୍ୱ ମାନଦଣ୍ଡର ଏକ ପ୍ରଶଂସନୀୟ ସ୍ତର ପାଳନକୁ ସୂଚିତ କରେ । ଗ୍ରୀନ୍ ଅଡିଟ୍ ଶକ୍ତି ବ୍ୟବହାର ଏବଂ ଦକ୍ଷତା, ଜଳ ପରିଚାଳନା ଏବଂ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା (କଠିନ, ତରଳ ଏବଂ ଇ-ବର୍ଜ୍ୟ ସମେତ), ବାୟୁ ଗୁଣବତ୍ତା, ଜୈବ ବିବିଧତା ଏବଂ ସବୁଜ ଆଚ୍ଛାଦନ, ପରିବେଶ ସଚେତନତା ଏବଂ ନିୟାମକ ଅନୁପାଳନ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ କଭର କରିଥିଲା । ଏହି ଫଳାଫଳଗୁଡ଼ିକ ପ୍ରତିଷ୍ଠାନର ସ୍ଥାୟୀତ୍ୱ ଅଭ୍ୟାସର ପଦ୍ଧତିଗତ କାର୍ଯ୍ୟାନ୍ୱୟନ, ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରୁଥିବା କାର୍ଯ୍ୟପଦ୍ଧତି ଏବଂ ଛାତ୍ର ଏବଂ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ପଦକ୍ଷେପଗୁଡ଼ିକୁ ଆଲୋକପାତ କରିଥିଲା ।

# ଏନଫୋର୍ସମେଣ୍ଟ ଟିମର ଚଢ଼ାଉ ୩୨ ଗ୍ୟାସ ସିଲିଣ୍ଡର ଜବତ

ରଣପୁର ,(ସବ୍ୟୁ) : ରଣପୁର ଅଞ୍ଚଳରେ ଇନ୍ଧନ ଗ୍ୟାସ ବ୍ୟାପକ କଳାବଜାରୀ କରାଯାଉଛି । ଯାହାକୁ ନେଇ ଗୁରୁବାର ଆକ୍ସନ ମୁଡ଼କୁ ଆସିଛି ରଣପୁର ପ୍ରଶାସନ । ରାଜସୁନାଖଳା ଠାରେ ଜଣଙ୍କ ଘରେ ଗ୍ୟାସ କଳା ବଜାରୀ କରୁଥିବା ଅଭିଯୋଗ ଆସିବା ପରେ ଏନଫୋର୍ସମେଣ୍ଟ ଟିମ ସେଠାରେ ଚଢ଼ାଉକରି ୩୨ଟି ବେଆଇନ ଗ୍ୟାସ ସିଲିଣ୍ଡର ଜବତ କରିଥିବା ଜଣାପଡିଛି ।

# ଜଗନ୍ନାଥ ପ୍ରସାଦ ନାୟକ ଫିକି ଓଡ଼ିଶା ଷ୍ଟେଟ୍ କାଉନସିଲ ଅଧ୍ୟକ୍ଷ



ଭୁବନେଶ୍ୱର : ଫେଡେରେସନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍‌ର ଏକ ୟୁନିଟ୍ ଆଦିତ୍ୟ ଆଲୁମିନିୟମ୍‌ର ପ୍ରେସିଡେଣ୍ଟ ଓ ୟୁନିଟ୍ ହେଡ୍ ଜଗନ୍ନାଥ ପ୍ରସାଦ ନାୟକଙ୍କୁ ଫିକି ଓଡ଼ିଶା ଷ୍ଟେଟ କାଉନସିଲ୍‌ର ନୂତନ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଥିବା ଘୋଷଣା କରିଛି । ଏମ୍‌ଡିଏ ଡିଗ୍ରୀ ସହିତ ଶିଳ୍ପର ବିବିଧ କ୍ଷେତ୍ରରେ ୩୩ ବର୍ଷ ଅଭିଜ୍ଞତା ରହିଥିବା ଜଣେ ସ୍ଥିତପ୍ରଜ୍ଞ ବିନିର୍ମାଣ ଏବଂ ଧାତବ ବୃତ୍ତିଧାରୀ ଭାବରେ ଶ୍ରୀ ନାୟକଙ୍କର ଆଲୁମିନିୟମ ସ୍ମେଲ୍‌ଟିଂ, କ୍ୟାପଟିଭ ପାୱାର ଉତ୍ପାଦନ ଏବଂ ଡାଉନଷ୍ଟ୍ରିମ୍ ବିନିର୍ମାଣ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ଗଭୀର ଅଭିଜ୍ଞତା ରହିଛି । ନିଜର ବୁଦ୍ଧିମତା ଏବଂ ରଣକୌଶଳାତ୍ମକ ନେତୃତ୍ୱ ନିମନ୍ତେ ସୁପରିଚିତ ଶ୍ରୀ ନାୟକ ବିବିଧ ବୃହତ୍ ଶିଳ୍ପ ପ୍ରତିଷ୍ଠାନଗୁଡିକରେ ପରିଚାଳନାଗତ ଉତ୍କର୍ଷ, କାର୍ଯ୍ୟଦକ୍ଷତା ଏବଂ ରୂପାନ୍ତରଣ ପ୍ରୟାସସମୂହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ।

# କଟକ ନଗର କଂଗ୍ରେସ ପକ୍ଷରୁ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

କଟକ, (ସବ୍ୟୁ): କଟକ ନଗର (ଜିଲ୍ଲା) କଂଗ୍ରେସ କମିଟିର ନବନିଯୁକ୍ତ ସଭାପତି ତଥା ଆଇନଜୀବୀ ଶାନ୍ତାୟନ ମିଶ୍ରଙ୍କ



ନେତୃତ୍ୱରେ ଶୁକ୍ରବାର ସ୍ୱରାଜ ଆଶ୍ରମରେ ଅବସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଟକର କଂଗ୍ରେସ କର୍ପୋରେଟର ବୃନ୍ଦ ଓ ବରିଷ୍ଠ ନେତୃବୃନ୍ଦ ସହଭାଗୀ ହୋଇଥିଲେ । ପରେ ନିମଚୌଡ଼ିସ୍ଥିତ ନଗର କଂଗ୍ରେସ କାର୍ଯ୍ୟାଳୟରେ ସମସ୍ତେ ଏକତ୍ରିତ ହୋଇ ଆଗାମୀ ଦିନରେ କଟକବାସୀଙ୍କ ମୌଳିକ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ କରିବା ସହ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ଏକମତ ସଂକଳ୍ପ ଗ୍ରହଣ କରାଯାଇଥିଲା । ଏହି ଅବସରରେ ରାଜ୍ୟ କଂଗ୍ରେସ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଶ୍ରୀ ବିଶ୍ୱଜିତ ମହାନ୍ତି, କର୍ପୋରେଟର ସନ୍ତୋଷ ଭୋଳ, ଜେ. କାମେଶ୍ୱର ରାଓ, ଶୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡା, ପିସିସି ବରିଷ୍ଠ ନେତା ବିଶ୍ୱଜିତ ଦାସ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, ଅମୃତା ଦାସ, ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟ, ରାଜେନ୍ଦ୍ର ପଟ୍ଟନାୟକ, ଜଗନ୍ନାଥ ସାହୁ, ପ୍ରଦୀପ ପ୍ରଧାନ, ହରିଶଙ୍କର ରାଉତ, ରାଜୀବ ମହାନ୍ତି, ହରେନ ଦାସ, ଶିବ ଅଗ୍ରୱାଲ, ସୟଦ ଏକାମ୍ରଲ୍ ହୁସନ, ସୁଲେମାନ ବକ୍ସ, ବିଭୂତି ଦାସ, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ଆଇନଜୀବୀ ବିଶ୍ୱରଞ୍ଜନ ମହାରଥା, ଆଲୋକ ନନ୍ଦ, ରଞ୍ଜନ ନାୟକ, ଜ୍ଞାନେଷୁ ଭୁଷଣ ନାୟକ, ପ୍ରଦୀପ୍ତ ପ୍ରଧାନ, ଜଗନ୍ନାଥ ପଟ୍ଟନାୟକ, ଉମାକାନ୍ତ ସାହୁ, ପ୍ରଦୀପ୍ତ ପଲାଇ, ସଞ୍ଜୟ କେୟାଲ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ଖ୍ରୀଷ୍ଟ କଲେଜ ଉଦ୍ଭିଦ ବିଜ୍ଞାନ ଅନର୍ସର ୫୦ ବର୍ଷ ପାଳନ ଅବସରରେ ପାଠଚକ୍ର

କଟକ, (ସବ୍ୟୁ):ଖ୍ରୀଷ୍ଟକଲେଜ ଉଦ୍ଭିଦ ବିଜ୍ଞାନ ଅନର୍ସ ର ୫୦ ବର୍ଷ ପାଳନ ଅବସରରେ ଏକ ପାଠଚକ୍ର ଅଧ୍ୟକ୍ଷା ଶ୍ରୀମତୀ ମଧୁମିତା ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଧ୍ୟାପକ ଶୋଭନ ପଣ୍ଡା । ଧନ୍ୟବାଦ ଅର୍ପଣ କରିଥିଲେ ଅଧାପିକା ଡଃ ବନ୍ଦିତା ଆଚାର୍ଯ୍ୟ । ଏହି ପାଠଚକ୍ରରେ ପ୍ରାକ୍ତନ ଅଧ୍ୟକ୍ଷ ଡଃ ସିଦ୍ଧାର୍ଥ କୁମାର ସାହୁ, ଏଷ୍ଟୋନିଆ ଜୀବବିଜ୍ଞାନ ବିଶ୍ୱବିଦ୍ୟାଳୟର




ମୁଖ୍ୟଅତିଥି ଯୁକ୍ତରାଷ୍ଟ୍ର ଆମେରିକାର ଆଇକେନ୍ ସ୍କୁଲ୍ ଅଫ୍ ମେଡିସିନ୍‌ର ବରିଷ୍ଠ ବୈଜ୍ଞାନିକ ତଥା ଖ୍ରୀଷ୍ଟ କଲେଜର ପ୍ରାକ୍ତନ ଛାତ୍ର ଡଃ ପ୍ରତ୍ୟୁଷ କୁମାର ଦାସ "ଚିକେନଗୁନିଆ ଓ ରୁବେଲା ସଂକ୍ରାମକ ଭୂତାଣୁ ପରିପ୍ରେକ୍ଷୀରେ ଆର୍.ଏନ୍.ଏ ଭାଇରସର ଉତ୍ପତି" ସଂପର୍କରେ ଗବେଷଣାଯୁକ୍ତ ତଥ୍ୟ ଆଧାରରେ ଆଲୋଚନା କରିଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ବିଭାଗମୁଖ୍ୟ ବୈଜ୍ଞାନିକ କାଡ଼ି ପାମିକ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପାଠଚକ୍ରକୁ ସଫଳ କରିବାରେ ସହଯୋଗ କରିଥିଲେ ଡଃ ସଞ୍ଜିତ୍ ବିଶ୍ୱାସ, ଡଃ ଆନନ୍ଦିନୀ ରାଉତ, ଡଃ ଭବଜିତ୍ ପଟ୍ଟନାୟକ, ନିବେଦିତା ନାୟକ, ବିଶ୍ୱରୂପା ମହାନ୍ତି, ସୁମିତ୍ରା ଦାଶ, ଏଫ୍.ଏ. ଖାତୁନ, ସୁମିତ୍ରା ବେହେରା । ପାଠଚକ୍ରରେ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକାମାନଙ୍କ ସହିତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ଧାତୁ ଏବଂ ଉତ୍ପାଦନ ଶକ୍ତି ଓଡ଼ିଶାର ନିଯୁକ୍ତି ଅଭିବୃଦ୍ଧିରେ ସହାୟକ ହୋଇଛି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଆଜି ଦେଶରେ ଆଲୁମିନା, ଆଲୁମିନିୟମ ଏବଂ ଇସ୍ପାତର ସର୍ବାଧିକ ଉତ୍ପାଦକ କିନ୍ତୁ ଦଶନ୍ଧି ଧରି, ଓଡ଼ିଶାର ଅର୍ଥନୈତିକ କାହାଣୀ ସୀମିତ ସ୍ଥାନୀୟ ସୁଯୋଗ ଦ୍ୱାରା ପ୍ରଭାବିତ ହୋଇଥିଲା, ଯାହା ଫଳରେ ବହୁଳ ପରିମାଣରେ ଶ୍ରମ ପ୍ରବାସ ହୋଇଥିଲା । ବିଶେଷକରି ଦକ୍ଷିଣ-ପଶ୍ଚିମ ବେଲ୍ଟରେ ସୀମିତ ଅଣ-କୃଷି ନିଯୁକ୍ତି, କୃଷି ଚାପ ଏବଂ କମ ଶିଳ୍ପ ଅବଶୋଷଣ ହେତୁ ସଙ୍କଟ-ଚାଳିତ ପ୍ରବାସ ପ୍ରବଣତା ପ୍ରଚଳିତ ଅଛି । ତଥାପି, ଗତ ଦଶନ୍ଧିରେ, କୃଷିରୁ ଧାତୁ ଏବଂ ଉତ୍ପାଦନକୁ କ୍ରମାଗତ ଭାବରେ ଶ୍ରମ ଶକ୍ତି ସ୍ଥାନାନ୍ତରିତ ହେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି । ଏହା ସାମୟିକ ଶ୍ରମ ଶକ୍ତି ସର୍ଭେ ମାଧ୍ୟମରେ ସ୍ପଷ୍ଟ ହୋଇଛି, ଯାହା କୃଷି କାର୍ଯ୍ୟଶକ୍ତିରେ ସ୍ଥିର ହ୍ରାସ ସୂଚାଇଥାଏ ଏବଂ ସାମ୍ପ୍ରତିକ ଆର୍ଥିକ ସର୍ଭେ ୨୦୨୫-୨୬ ଅନୁଯାୟୀ ରାଜ୍ୟରେ ଉତ୍ପାଦନ କ୍ଷେତ୍ରରେ ଶ୍ରମ ଶକ୍ତିର ଅଂଶଗ୍ରହଣ ପ୍ରାୟ ୨୭% ବୃଦ୍ଧି ପାଇଛି । ରାଜ୍ୟ ଏକ ସମ୍ବଳ-ଭିତ୍ତିକ ଅର୍ଥନୀତିରୁ ମୂଲ୍ୟଯୁକ୍ତ ଉତ୍ପାଦନ ଆଡ଼କୁ ଗତି କରୁଥିବା ବେଳେ, ବେଦାନ୍ତ ଆଲୁମିନିୟମ ଭଳି କମ୍ପାନୀଗୁଡ଼ିକ ଏକ ଉତ୍ପ୍ରେରକ ଭୂମିକା ଗ୍ରହଣ କରୁଛନ୍ତି । ରାଜ୍ୟ ଭିତରେ ୧୦୦% ମୂଲ୍ୟ ବୃଦ୍ଧି ସହିତ, ବେଦାନ୍ତ ୧ ଲକ୍ଷ କୋଟିରୁ ଅଧିକ ସଂଚୟିତ ନିବେଶ ମାଧ୍ୟମରେ ସ୍ଥାନୀୟ ଶିଳ୍ପ ଇକୋସିଷ୍ଟମକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି । କମ୍ପାନୀ ଆଜି ପର୍ଯ୍ୟନ୍ତ ଆନୁମାନିକ ୫ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି, ଯାହା ଚୁକ୍ତିଭିତିକ କାର୍ଯ୍ୟ, ଲଜିଷ୍ଟିକ୍ସ, ରକ୍ଷଣାବେକ୍ଷଣ ଏବଂ ଆନୁଷଙ୍ଗିକ ସେବାଗୁଡ଼ିକୁ ବିସ୍ତାର କରିଛି, ଯାହା ଫଳରେ ଏକ ଶକ୍ତିଶାଳୀ ଗୁଣକ ପ୍ରଭାବ ସୃଷ୍ଟି ହୋଇଛି ଯାହା ମୂଳ ଶିଳ୍ପ ନିଯୁକ୍ତିଠାରୁ ବହୁତ ଦୂରରେ ବିସ୍ତାରିତ । ଲାଞ୍ଜିଗଡ଼ରେ ୫ ଏମଟିପିଏ



ଆଲୁମିନା ରିଫାଇନାରୀ ଏବଂ ଝାରସୁଗୁଡାରେ ୧.୮ ଏମଟିପିଏ ଆଲୁମିନିୟମ ସ୍ମେଲ୍ଟର ସମେତ ଏହାର ବିଶ୍ୱସ୍ତରୀୟ ସମ୍ପତି, ବିଶ୍ୱ ସ୍ତରରେ ସେମାନଙ୍କ ପ୍ରକାରର ସର୍ବବୃହତ, ସ୍କେଲ୍ ଏବଂ ଆଉଟପୁଟ୍ ଅପେକ୍ଷା ଅଧିକ ପ୍ରତିନିଧିତ୍ୱ କରେ; ସେମାନେ ଯେଉଁଠାରେ ଲୋକମାନେ ବାସ କରନ୍ତି ସେଠାରେ ମୂଳ ଜୀବିକାକୁ ପ୍ରତିନିଧିତ୍ୱ କରନ୍ତି । ଓଡ଼ିଶାର ଐତିହାସିକ ଭାବରେ ଅନୁନ୍ନତ ଅଂଚଳ ମଧ୍ୟରୁ କିଛି କଳାହାଣ୍ଡି ଏବଂ ଝାରସୁଗୁଡାରେ ଏହାର ମୁଖ୍ୟ କାର୍ଯ୍ୟକୁ ଆଙ୍କର୍ କରି, ବେଦାନ୍ତ ଆଲୁମିନିୟମ ଶିଳ୍ପ କ୍ଷମତା ନିର୍ମାଣ କରିଛି ଏବଂ ରାଜ୍ୟର ନିଯୁକ୍ତି ଭୂଗୋଳକୁ ପୁନଃନିର୍ମାଣ କରିଛି ।

ବେଦାନ୍ତ ଆଲୁମିନିୟମର କାର୍ଯ୍ୟଗୁଡ଼ିକ ସ୍ଥାନୀୟ ଭାବରେ ଉପଲବ୍ଧ ଦକ୍ଷ ଏବଂ ଅର୍ଦ୍ଧ-କୁଶଳୀ ଭୂମିକା, ଇଲେକ୍ଟ୍ରିସିଆନ୍, କ୍ରେନ୍ ଅପରେଟର, ଲ୍ୟାବ୍ ଟେକ୍ନିସିଆନ୍, ଯାନ୍ତ୍ରିକ ଫିଟର, ଡିଜିଟାଲ୍ ନିୟନ୍ତ୍ରଣ ଅପରେଟର, ଗ୍ରାମାଂଚଳ ଯୁବକମାନଙ୍କ ପାଇଁ ପୂର୍ବରୁ ଅପହଂଚ ଥିବା ଚାକିରିର ପରିସରକୁ ସ୍ଥିର ଭାବରେ ବିସ୍ତାର କରିଛି । ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସଂରଚିତ ଦକ୍ଷତା ପଦକ୍ଷେପ ମାଧ୍ୟମରେ, ଅନେକ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ନାବାଡ ସହିତ ସହଭାଗୀତାରେ ପ୍ରଦାନ କରାଯାଇଛି, ବେଦାନ୍ତ ସାରା ଓଡ଼ିଶାରେ ଚାକିରି ସମ୍ପର୍କିତ ବାଣିଜ୍ୟରେ ୯୦୦ ରୁ ଅଧିକ ଯୁବକଙ୍କୁ ତାଲିମ ଦେଇଛି । ଏହି କାର୍ଯ୍ୟକ୍ରମଗୁଡ଼ିକରୁ ନିଯୁକ୍ତି ଏବଂ ସ୍ୱ-ନିଯୁକ୍ତି ହାର ନିରନ୍ତର ୭୫% ଅତିକ୍ରମ କରିଯାଏ, ଯାହା ବଜାର ଚାହିଦା ସହିତ ସମନ୍ୱୟକୁ ପ୍ରତିଫଳିତ କରେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ଅଧାରୁ ଅଧିକ ମହିଳା । "ଏହି ଚାକିରି ମୋତେ ଆୟ ଅପେକ୍ଷା ଅଧିକ ଦେଇଥିଲା, ଏହା ମୋତେ ଆତ୍ମବିଶ୍ୱାସ ଦେଇଥିଲା," ଲାଞ୍ଜିଗଡ଼ର ସ୍କିଲ୍ ସ୍କୁଲରୁ ଆସିଷ୍ଟାଂଟ ଇଲେକ୍ଟ୍ରିସିଆନ୍ ଭାବରେ ତାଲିମ ପାଇଥିବା ଗୀତା ମାଝୀ କୁହନ୍ତି । "ମୋ ଗାଁରେ, ଲୋକମାନେ କେବେ ମହିଳାମାନଙ୍କୁ ବୈଷୟିକ ଭୂମିକାରେ କାମ କରିବା ବିଷୟରେ କଳ୍ପନା କରିନଥିଲେ । ଆଜି, ଛୋଟ ଝିଅମାନେ ମୋତେ ପଚାରନ୍ତି ଯେ ସେମାନେ କିପରି ଆବେଦନ କରିପାରିବେ ।" ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଏବଂ ଅନ୍ୟାନ୍ୟ କାର୍ଯ୍ୟ ମାଧ୍ୟମରେ ଓଡ଼ିଶା ୧୬ ଲକ୍ଷ କୋଟିର ପ୍ରତିଶ୍ରୁତି ଆକର୍ଷିତ କରିଛି । କେବଳ ବେଦାନ୍ତ ୧.୮ ଲକ୍ଷ କୋଟିର ନୂତନ ନିବେଶ ପ୍ରତିବଦ୍ଧତା କରିଛି, ଯେଉଁଥିରେ ଢେଙ୍କାନାଳ ଏବଂ ରାୟଗଡ଼ାରେ ବଡ଼ ପ୍ରକଳ୍ପ ଅନ୍ତର୍ଭୁକ୍ତ, ଯାହା ସମୟ ସହିତ ୨ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

# ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ମୋହମ୍ମଦପୁର ଗ୍ରାମ କମିଟିକୁ କ୍ୟାଟରିଂ ଉପକରଣ ସେଟ୍ ପ୍ରଦାନ



ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ (ସିଏସ୍‌ଆର) ପକ୍ଷରୁ ମୋହମ୍ମଦପୁର ଗ୍ରାମ କମିଟିକୁ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାର ପାଇଁ ଆବଶ୍ୟକ ରନ୍ଧନ ସାମଗ୍ରୀ (ହଣ୍ଡା–ହାଣ୍ଡି) ପ୍ରଦାନ କରାଯାଇଛି । ହିଣ୍ଡାଲକୋ ହୀରାକୁଦର ଉଝଜ ବିଭାଗ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଉନ୍ନୟନ, ଖେଳକୁଦ ଇତ୍ୟାଦି କ୍ଷେତ୍ରରେ ହୀରାକୁଦ ଅଞ୍ଚଳରେ ସକ୍ରିୟଭାବେ କାର୍ଯ୍ୟ କରୁଛି । ସେହିପରି ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ସହଯୋଗ ଜାରି ରଖିଛି । ମୋହମ୍ମଦପୁର ଗ୍ରାମବାସୀଙ୍କ ଅନୁରୋଧକୁ ଗୁରୁତ୍ୱ ଦେଇ ଗ୍ରାମରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟକ୍ରମ— ଯଥା ବିବାହ ଓ ନାମଯଜ୍ଞ ଇତ୍ୟାଦି ସମୟରେ ଭୋଜିଭାତ ପ୍ରସ୍ତୁତି ପାଇଁ ଆବଶ୍ୟକ ହଣ୍ଡା–ହାଣ୍ଡି ହିଣ୍ଡାଲକୋ ପକ୍ଷରୁ ଗ୍ରାମ କମିଟିଙ୍କୁ ହସ୍ତାନ୍ତର କରାଯାଇଛି । ଏହା ଦ୍ୱାରା ଗ୍ରାମବାସୀଙ୍କ ଆର୍ଥିକ ଖର୍ଚ୍ଚ କମିବାରେ ସହାୟକ ହେବ । ଏହି ଅବସରରେ ହିଣ୍ଡାଲକୋର ମାନବ ସମ୍ବଳ ବିଭାଗ ମୁଖ୍ୟ ବିଶ୍ୱାସ ଶିନ୍ଦେ ଉପସ୍ଥିତ ଗ୍ରାମବାସୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ହିଣ୍ଡାଲକୋ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଓ ଖେଳକୁଦ କ୍ଷେତ୍ରରେ କାମ କରୁଥିବା ସହିତ ସାମାଜିକ କାର୍ଯ୍ୟକ୍ରମକୁ ସହଯୋଗ କରିବା ପ୍ରତି ସଦା ଅଗ୍ରସର । ସେ ଏହି ଅବସରରେ ଗ୍ରାମରେ ହିଣ୍ଡାଲକୋ ଦ୍ୱାରା ନିର୍ମାଣାଧୀନ କମ୍ୟୁନିଟି ସେଣ୍ଟର କାର୍ଯ୍ୟର ତ୍ୱରାନ୍ୱିତ ନିର୍ବାହ ପାଇଁ ଗ୍ରାମ କମିଟିକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସିଏସ୍‌ଆର ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର, ବିଭାଗୀୟ ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ, ବିଭାଗର ଶ୍ରୀମତୀ ଜୟଶ୍ରୀ ରାଓ, ସନ୍ତୋଷ କୁମାର ତ୍ରିପାଠୀ, ମିଲନ କୁମାର ସାହୁ ଉପସ୍ଥିତ ଥିଲେ ।

# ଇରାନର ଉଚ୍ଚ ସେତୁ "ବି-ବାନ୍" ଧ୍ୱଂସ

**ତେହେରାନ/ୱାଶିଂଟନ:** ଆମେରିକା ଓ ଇସ୍ରାଏଲର ମିଳିତ ରଣନୀତିକ ଆକ୍ରମଣରେ ଇରାନର ସବୁଠୁ ଉଚ୍ଚ ସେତୁ "ବି-ବାନ୍" ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯିବା ପରେ ପଶ୍ଚିମ ଏସିଆରେ ଏକ ଭୟଙ୍କର ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ତେହେରାନକୁ ପଶ୍ଚିମ କରାଜ ସହ ସଂଯୋଗ କରୁଥିବା ଏହି ୧୩୬ ମିଟର ଉଚ୍ଚତାର ସେତୁ ଉପରେ ହୋଇଥିବା ଆକ୍ରମଣରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯୫ ଜଣ ଆହତ ହୋଇଛନ୍ତି। ଏହାର ପ୍ରତିଶୋଧ ସ୍ୱରୂପ ଇରାନର ସରକାରୀ ସମ୍ବାଦ ସଂସ୍ଥା "ଫାର୍ସ" ପକ୍ଷରୁ ମଧ୍ୟପ୍ରାଚ୍ୟର କୁଏତ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ସାଉଦି ଆରବ ଓ ଜର୍ଡାନ ଭଳି ଦେଶରେ ଥିବା ଆଠଟି ପ୍ରମୁଖ ଅର୍ଥନୈତିକ ଓ ପରିବହନ ସେତୁକୁ ଟାର୍ଗେଟ କରାଯିବ ବୋଲି ଧମକ ଦିଆଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବିନାଶର ଭିଡିଓ ସେୟାର କରି ଇରାନକୁ



ବୁଝାମଣା କରିବାକୁ ଚେତାବନୀ ଦେଇଥିବା ବେଳେ ଇରାନ ବୈଦେଶିକ ମନ୍ତ୍ରୀ ଏହାକୁ ଶତ୍ରୁର ନୈତିକ ପରାଜୟ ବୋଲି ଅଭିହିତ କରିଛନ୍ତି। ଗୁରୁବାର ଦିନ ଇରାନର ନିର୍ମାଣାଧୀନ ସବୁଠୁ ବଡ଼ ସେତୁ "ବି-ବାନ୍" ଉପରେ ହୋଇଥିବା ଆକ୍ରମଣରେ ସେତୁର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିଥିଲା। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ସେତୁଟି ନିଆଁ ଓ ଧୂଆଁରେ ଆଚ୍ଛାଦିତ ହୋଇ ତଳେ ପଡୁଥିବାର ଦେଖିବାକୁ ମିଳିଛି। ରାଷ୍ଟ୍ରପତି ଟ୍ରମ୍ପ ଏହି ଘଟଣାକୁ ନେଇ ଇରାନକୁ ଖୋଲାଖୋଲି ଭାବେ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଇରାନ ଆଲୋଚନା ପାଇଁ ଆଗକୁ ନଆସେ, ତେବେ ଆଗକୁ ଆହୁରି ବଡ଼ ଧରଣର ବିନାଶ ଦେଖିବାକୁ ମିଳିବ। ଟ୍ରମ୍ପଙ୍କ ଅନୁଯାୟୀ, ଇରାନର ଏହି ବିରାଟ ସଂରଚନା ଏବେ ସବୁଦିନ ପାଇଁ ଅକାମୀ ହୋଇଯାଇଛି।

ଅନ୍ୟପକ୍ଷରେ, ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଏହି ଆକ୍ରମଣର ପାଲଟା ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ଇରାନ ଜାରି କରିଥିବା ତାଲିକାରେ କୁଏତର ଶେଖ ଜାବେର ସେତୁ, ସାଉଦି-ବାହାରିନର କିଙ୍ଗ ଫାହଦ୍ କଜୱେ ଓ ଆବୁଧାବିର ଶେଖ ଜାୟେଦ୍ ଭଳି ରଣନୀତିକ ସେତୁଗୁଡ଼ିକ ଅନ୍ତର୍ଭୁକ୍ତ ଅଛି। ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚି କହିଛନ୍ତି ଯେ, ସାଧାରଣ ନାଗରିକ ଓ ଶିଳ୍ପ ଭିତ୍ତିଭୂମି ଉପରେ ଆକ୍ରମଣ କରି ଇରାନକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରାଯାଇପାରିବ ନାହିଁ। ଏହି ଘଟଣା ଏବେ ସମଗ୍ର ମଧ୍ୟପ୍ରାଚ୍ୟରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କାକୁ ବଢ଼ାଇ ଦେଇଛି।

# ପୁଣି ଶୁଳ୍କ ଲଗାଇଲେ ଟ୍ରମ୍ପ

**ୱାଶିଂଟନ:** ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ସହ ସାରା ବିଶ୍ୱ ସଂଘର୍ଷ କରୁଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ତାଙ୍କ ଶୁଳ୍କ ଖେଳ ଆରମ୍ଭ କରିଛନ୍ତି। ଇସ୍ପାତ, ଆଲୁମିନିୟମ ଓ ତମ୍ବା ଉପରେ ସେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ତେବେ ସେ ସ୍ପଷ୍ଟ କରିଛନ୍ତି ଯେ ଆମେରିକାରେ ଉତ୍ପାଦ ବିକ୍ରି ହେବା ବେଳେ ଉକ୍ତ ଶୁଳ୍କ ଲାଗୁ ହେବ। କେଉଁ ପଦ୍ଧତିରେ ତାହା ଲାଗୁ କରାଯିବ ତାହା ଜଣାପଡ଼ିନାହିଁ। ଇସ୍ପାତ, ଆଲୁମିନିୟମ ଓ ତମ୍ବାରେ ତିଆରି ହୋଇଥିବା ଉତ୍ପାଦରେ ଯଦି ଓଜନ ଅନୁସାରେ ଧାତବ ପରିମାଣ ୧୫ ପ୍ରତିଶତରୁ କମ୍ ରହିଥିବ ତେବେ ତାହା ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ ନାହିଁ। ଏହା ଦ୍ୱାରା ପରଫ୍ୟୁମ ବୋତଲ ଓ ଡେଣ୍ଟାଲ୍ ଫ୍ଲସ୍ ଭଳି ଉତ୍ପାଦ ନିର୍ମାତାମାନେ ଲାଭବାନ ହେବେ। କାରଣ ଏକ ପରଫ୍ୟୁମ୍ ବୋତଲରେ କେବଳ ତାହାର ଠିପି ଆଲୁମିନିୟମରେ ତିଆରି ହୋଇଥାଏ। ସେହିପରି ଡେଣ୍ଟାଲ୍ ଫ୍ଲସ୍ରେ ମଧ୍ୟ ଧାତବ ପରିମାଣ ନାଁକୁ ମାତ୍ର ରହିଛି। ସେଭଳି ଉତ୍ପାଦ ଉପରେ ଆମେରିକାର ୫୦% ଶୁଳ୍କ ଲାଗିବ ନାହିଁ। କେତେକ ଶିଳ୍ପ ଓ ବିଦ୍ୟୁତ୍ ଗ୍ରିଡ୍ ଉପକରଣ ଉପରେ ଶୁଳ୍କକୁ ୫୦ ପ୍ରତିଶତରୁ ହ୍ରାସ କରି ୧୫ ପ୍ରତିଶତ କରାଯାଇଛି। ସେହିପରି ଓଜନ ଅନୁସାରେ ୧୫ ପ୍ରତିଶତରୁ ଅଧିକ ଇସ୍ପାତ, ଆଲୁମିନିୟମ ଓ ତମ୍ବା ଥିବା ଉତ୍ପାଦ ଉପରେ ଶୁଳ୍କକୁ ୨୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହାଦ୍ୱାରା ୱାଶିଂ ମେସିନ୍ ଭଳି ଉତ୍ପାଦ ଉପରେ ଶୁଳ୍କ କମ୍ ହେବ। ଆମେରିକାରେ ଉତ୍ପାଦନ ହୋଇଥିବା ଇସ୍ପାତ, ଆଲୁମିନିୟମ ଓ ତମ୍ବାକୁ ବ୍ୟବହାର କରି ବିଦେଶରେ ଉତ୍ପାଦନ କରାଯାଇଥିବା ଉତ୍ପାଦ ଉପରେ ଶୁଳ୍କ ୧୦ ପ୍ରତିଶତକୁ ହ୍ରାସ ପାଇଛି। ପୂର୍ବରୁ ଆମେରିକା ଏଭଳି ସ୍ପଷ୍ଟ ନୀତି ଆଣି ନଥିବାରୁ ଅଳ୍ପ ପରିମାଣର ଧାତବ ଉପାଦାନ ବ୍ୟବହୃତ ହୋଇଥିବା ସାମଗ୍ରୀ ପଠାଇବାରେ ରପ୍ତାନିକାରୀମାନେ ଅନେକ ଦ୍ୱନ୍ଦ୍ୱ ସାମ୍ନା କରୁଥିଲେ। ଆମେରିକା ସରକାର କହିଛନ୍ତି ଯେ ଟିକସ ନୀତିରେ ହୋଇଥିବା ପରିବର୍ତ୍ତନ ରାଜସ୍ୱକୁ ପ୍ରଭାବିତ କରିବ ନାହିଁ। କିନ୍ତୁ ସମ୍ପୂର୍ଣ୍ଣ ଇସ୍ପାତ, ଆଲୁମିନିୟମ ଓ ତମ୍ବା ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଟିକସକୁ ଅଧିକ ରାଜସ୍ୱ ମିଳିବା ସମ୍ଭାବନା ରହିଛି।

## ମାଲଦାରେ ଏନ୍ଆଇଏ ଟିମ୍‌ର ଛାନଭିନ

**କୋଲକାତା:** ମାଲଦାରେ ୭ ନ୍ୟାୟିକ ଅଧିକାରୀଙ୍କୁ ଘେରାଉ ଘଟଣାର ତଦନ୍ତ ପାଇଁ ଏକ ଏନ୍ଆଇଏ ଟିମ୍ ମାଲଦାର ମୋଥାବରୀ ଏବଂ କାଳିଆଚକ ଥାନାରେ ପହଞ୍ଚିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମାଲଦାରେ ନ୍ୟାୟିକ ଅଧିକାରୀଙ୍କୁ ଅଟକ ଘଟଣାର ତଦନ୍ତ ପାଇଁ ନିର୍ବାଚନ କମିସନଙ୍କ ଦ୍ୱାରା ଏନ୍ଆଇଏ ଟିମ୍ ମୁତୟନ ହୋଇଛନ୍ତି। ଡିଆଇଜି ରାଙ୍କ୍ ଅଧିକାରୀଙ୍କ ନେତୃତ୍ୱରେ ଏହି ସଂଘୀୟ ତଦନ୍ତ ସଂସ୍ଥାର ଏକ ୨୪ ଜଣିଆ ଟିମ୍ ମୋଥାବରୀରେ ପୁଲିସ ଏବଂ ଅନ୍ୟ ଅଧିକାରୀଙ୍କ ସହ କଥା ହୋଇଛନ୍ତି ଏବଂ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛନ୍ତି। ଏହି ଘଟଣାରେ ଶୁକ୍ରବାର ମୋଥାବରୀ ଏବଂ କାଳିଆଚକ ଥାନାରେ ମୋଟ୍ ୧୯ଟି ମାମଲା ରୁଜୁ କରାଯାଇଛି। ମାମଲାରେ ମାଷ୍ଟରମାଇଣ୍ଡ ସମେତ ମୋଟ୍ ୩୫ ଜଣଙ୍କୁ ଗିରଫ କରାଗଲାଣି।

# ମିଳିତ ଜାତିସଂଘକୁ ଇରାନର ଚେତାବନୀ

**ନ୍ୟୁୟର୍କ/ତେହେରାନ:** ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳକୁ ସୁରକ୍ଷା ଦେବା ପାଇଁ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଆଗତ ହେବାକୁ ଥିବା ଚିଠା ପ୍ରସ୍ତାବକୁ ନେଇ ଇରାନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚି କହିଛନ୍ତି ଯେ, ସୁରକ୍ଷା ପରିଷଦରେ କୌଣସି ବି "ଉତ୍ତେଜନାମୂଳକ ପଦକ୍ଷେପ" ପରିସ୍ଥିତିକୁ କେବଳ ଜଟିଳ କରିବ। ବହାରିନ ପକ୍ଷରୁ ଆଗତ ଏହି ପ୍ରସ୍ତାବରେ ହର୍ମୁଜ ପ୍ରଣାଳୀରେ ଜାହାଜଗୁଡ଼ିକର ସୁରକ୍ଷା ପାଇଁ "ରକ୍ଷଣାତ୍ମକ ବଳ" ପ୍ରୟୋଗ କରିବାକୁ ଅନୁମତି ମଗାଯାଇଥିବା ବେଳେ, ଏହାକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଶେଷ ଚେତାବନୀ ଦେଇ କହିଛନ୍ତି ଯେ, ସମୟ ଶେଷ ହେବା ପୂର୍ବରୁ ବୁଝାମଣା କରନ୍ତୁ, ନଚେତ୍ ଆମେରିକୀୟ ସେନା ଇରାନର ସେତୁ ଓ ବିଦ୍ୟୁତ ପ୍ରକଳ୍ପଗୁଡ଼ିକୁ ଧ୍ୱଂସ କରିବା ଆରମ୍ଭ କରିବ।

ବର୍ତ୍ତମାନ ସୁରକ୍ଷା ପରିଷଦର ଅଧ୍ୟକ୍ଷତା କରୁଥିବା ବହାରିନର ଏହି ଚିଠା ପ୍ରସ୍ତାବକୁ




ଆମେରିକା ଓ ଗଲ୍ଫ ଦେଶଗୁଡ଼ିକ ସମର୍ଥନ କରୁଥିବା ବେଳେ ରୁଷିଆ, ଚୀନ ଓ ଫ୍ରାନ୍ସ ଏଥିରେ ଆପତ୍ତି ଦର୍ଶାଇଛନ୍ତି। ଆପତ୍ତି ପରେ ଚାରିଥର ସଂଶୋଧନ କରାଯାଇଥିବା ଏହି ପ୍ରସ୍ତାବ ଉପରେ ଶନିବାର ଭୋଟ୍ ଗ୍ରହଣ ହେବାର ସମ୍ଭାବନା ରହିଛି। ବିଶ୍ୱର ଏକ ପଞ୍ଚମାଂଶ ତୈଳ ରପ୍ତାନି ହେଉଥିବା ଏହି ସାମୁଦ୍ରିକ ପଥରେ ଇରାନର କ୍ରମାଗତ ଆକ୍ରମଣ ଯୋଗୁଁ ଜାହାଜ ଚଳାଚଳ ପ୍ରାୟତଃ ବନ୍ଦ ହୋଇଯାଇଛି। ଏହି ସଙ୍କଟଜନକ ସ୍ଥିତିରେ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲେଖିଛନ୍ତି ଯେ ଆମେରିକା ସେନା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏବଂ ସେମାନେ ଏପର୍ଯ୍ୟନ୍ତ ଇରାନକୁ ଧ୍ୱଂସ କରିବା ଆରମ୍ଭ କରିନାହାଁନ୍ତି।

## ବ୍ରିଟେନ୍, ନ୍ୟୁଜିଲ୍ୟାଣ୍ଡ, ଓମାନ ସହ ରାଜିନାମା କାର୍ଯ୍ୟକାରୀ ହେବ

**ନୂଆଦିଲ୍ଲୀ:** ଆସନ୍ତା ଦେଢ଼ ମାସ ଭିତରେ ତିନିଟି ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍ଟିଏ) କାର୍ଯ୍ୟକାରୀ କରାଯିବ। ଓମାନ, ବ୍ରିଟେନ ଓ ନ୍ୟୁଜିଲ୍ୟାଣ୍ଡ ସହ ଏହି ରାଜିନାମା ଚୂଡ଼ାନ୍ତ ହୋଇଥିଲା। ତାହା କାର୍ଯ୍ୟକାରୀ ହେବା ବାକି ଥିଲା। ଖୁବ୍ଶୀଘ୍ର ଏହି ରାଜିନାମାଗୁଡ଼ିକ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ସେ ଜଣାଇଛନ୍ତି ଯେ ଏପ୍ରିଲ୍ ଶେଷ ସପ୍ତାହରେ ନ୍ୟୁଜିଲ୍ୟାଣ୍ଡ ସହ ମୁକ୍ତ ବାଣିଜ୍ୟ ରାଜିନାମା ହେବ।

ଓମାନ ସହ କଥାବାର୍ତ୍ତା ଚାଲିଛି। ମେ' ୧ ସୁଦ୍ଧା ଚୁକ୍ତି ସ୍ୱାକ୍ଷର ହେବା ଆଶା କରାଯାଉଛି। ଆସନ୍ତା ଚାରିରୁ ଛଅ ସପ୍ତାହ ମଧ୍ୟରେ ବ୍ରିଟେନ୍ ସହ ହୋଇଥିବା ରାଜିନାମା



କାର୍ଯ୍ୟକାରୀ ହେବା ସମ୍ଭାବନା ଥିବା ସେ କହିଛନ୍ତି। ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ୍ କହିଛନ୍ତି ଯେ ପ୍ରସ୍ତାବିତ ବାଣିଜ୍ୟ ରାଜିନାମା ସମ୍ପର୍କରେ ଆଲୋଚନା କରିବା ପାଇଁ ଚିଲି ରାଜି ହୋଇଛି।

ଉଭୟପକ୍ଷ ମତଭେଦ ଦୂର କରି ଆଗକୁ ବଢ଼ିବା ସପକ୍ଷରେ ଅଛନ୍ତି। ଗତ ସପ୍ତାହରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ବୈଠକରେ ଯୋଗଦେବାକୁ କାମେରୁନ ଯାଇଥିବା ଶ୍ରୀ ଗୋୟଲ ଚୀନର ବାଣିଜ୍ୟ ମନ୍ତ୍ରୀ ୱାଙ୍ଗ ୱେଣ୍ଟାଓଙ୍କ ସହ ଔଷଧ, ଖାଦ୍ୟ ଓ ମତ୍ସ୍ୟ କାରବାର ବଢ଼ାଇବା ସମ୍ପର୍କରେ ଆଲୋଚନା କରିଥିଲେ। କିଛି ବର୍ଷ ପୂର୍ବେ ଚୀନ୍ ପ୍ରସ୍ତାବିତ ଆର୍ସିଇପିରୁ ଭାରତ ଓହରିଯିବା ପରେ ପ୍ରଥମ ଥର ପାଇଁ ଦୁଇ ଦେଶ ମଧ୍ୟରେ କିଛିଟା ସକାରାତ୍ମକ ଆଲୋଚନା ହୋଇଛି।

## ୧୦ରୁ ଟୋଲ୍ ପ୍ଲାଜାରେ ନଗଦ ସମ୍ପୂର୍ଣ୍ଣ ବନ୍ଦ

**ନୂଆଦିଲ୍ଲୀ:** ଚଳିତ ମାସ ୧୦ରୁ ଟୋଲ୍ ପ୍ଲାଜାରେ ନଗଦ କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। କେବଳ ଡିଜିଟାଲ୍ ପେମେଣ୍ଟ ଗ୍ରହଣ କରାଯିବ। ଜାତୀୟ ରାଜପଥରେ ଥିବା ସମସ୍ତ ଟୋଲ୍ ପ୍ଲାଜାରେ ନଗଦ କାରବାର ବନ୍ଦ କରିବାକୁ ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲା। ତାହା ଆସନ୍ତା ୧୦ରୁ ଲାଗୁ ହେବ। ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ପୂର୍ବରୁ କହିଥିଲା ଯେ ଫାଷ୍ଟାଗ୍ ଓ ୟୁପିଆଇ ଭଳି ଡିଜିଟାଲ ମାଧ୍ୟମରେ ଟୋଲ୍ ପଇଠ କରାଯିବ। ଟୋଲ ପ୍ଲାଜାରେ ଭିଡ଼ କମ୍ କରିବା ଏବଂ କାରବାରରେ ସ୍ୱଚ୍ଛତା ଆଣିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ନଗଦ କାରବାର ବନ୍ଦ କରି ସମ୍ପୂର୍ଣ୍ଣ ଡିଜିଟାଲ୍ ବ୍ୟବସ୍ଥା ଗ୍ରହଣ କରିବା ଦ୍ୱାରା ଟୋଲ ପ୍ଲାଜାରେ ହେଉଥିବା ବିଳମ୍ବ ହ୍ରାସ ପାଇବ ଓ ଗ୍ରାହକଙ୍କ ଅନୁଭୂତିରେ ମଧ୍ୟ ଉନ୍ନତି ହେବ। ଦେଶରେ ୧୧୫୦ରୁ ଅଧିକ ଟୋଲ୍ ପ୍ଲାଜା ରହିଛି।

## ପାକରେ ଆତ୍ମଘାତୀ ବିସ୍ଫୋରଣ: ୫ ମୃତ

**ପେଶାୱାର:** ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଗୁରୁବାର ବିଳମ୍ବିତ ରାତିରେ ଏକ ପୋଲିସ ଷ୍ଟେସନକୁ ଟାର୍ଗେଟ୍ କରି କରାଯାଇଥିବା ଭୟଙ୍କର ଆତ୍ମଘାତୀ କାର୍ ବୋମା ବିସ୍ଫୋରଣରେ ତିନିଜଣ ମହିଳା ଓ ଜଣେ ଶିଶୁଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ଘଟିଛି। ବାନ୍ନୁ ଜିଲ୍ଲାର ଡୋମେଲ ତହସିଲରେ ଥିବା ପୋଲିସ ଷ୍ଟେସନରେ ଏହି ବିସ୍ଫୋରଣ ଘଟିଥିବା ବେଳେ ଏଥିରେ ୪ ଜଣ ପୋଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଏହାର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯିବା ସହ ଆଖପାଖର ଅନେକ ଘର କ୍ଷତିଗ୍ରସ୍ତ ହୋଇଛି, ଯାହା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଆତଙ୍କ ସୃଷ୍ଟି କରିଛି।

## ଇନ୍ଧନ ଯୋଗାଣ ସ୍ଥିତି ନେଇ ରାଜ୍ୟ ସହ ପେଟ୍ରୋଲିୟମ ସଚିବଙ୍କ ସମୀକ୍ଷା

**ନୂଆଦିଲ୍ଲୀ:** କେନ୍ଦ୍ର ପେଟ୍ରୋଲିୟମ୍ ସଚିବ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଅତିରିକ୍ତ ମୁଖ୍ୟ ସଚିବ ଏବଂ ପ୍ରମୁଖ ସଚିବ (ଖାଦ୍ୟ ଏବଂ ଯୋଗାଣ)ଙ୍କ ସହିତ ଏକ ବୈଠକରେ ଅଧ୍ୟକ୍ଷତା କରି ସାରା ଦେଶରେ ଇନ୍ଧନ ଯୋଗାଣର ସ୍ଥିତି ସମୀକ୍ଷା କରିଛନ୍ତି । ସେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଅତ୍ୟାବଶ୍ୟକୀୟ ପେଟ୍ରୋଲିୟମ୍ ଇନ୍ଧନ ଯୋଗାଣକୁ ସହଜ କରିବା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ । ସେ ମଧ୍ୟ ପରିସ୍ଥିତିର ମୁକାବିଲା କରିବା ପାଇଁ କେନ୍ଦ୍ର ସରକାରଙ୍କ ସହିତ ମିଶି କାର୍ଯ୍ୟ କରିବା ପାଇଁ ସମ୍ପୃକ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପ୍ରଶଂସା କରିଥିଲେ ।

ପେଟ୍ରୋଲିୟମ୍ ସଚିବ ଗୁରୁତ୍ୱାରୋପ କରିଥିଲେ ଯେ ଘରୋଇ ଗ୍ରାହକ ଏବଂ ଅତ୍ୟାବଶ୍ୟକୀୟ କ୍ଷେତ୍ରଗୁଡ଼ିକ ନିମନ୍ତେ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସକ୍ରିୟ ଭାବରେ ଏଲପିଜି ବଣ୍ଟନକୁ ପ୍ରାଥମିକତା ଭିତ୍ତିରେ ପରିଚାଳନା କରିବା ଆବଶ୍ୟକ । ଅନାବଶ୍ୟକ ଆତଙ୍କ ସୃଷ୍ଟିକୁ ରୋକିବା ପାଇଁ ରାଜ୍ୟଗୁଡ଼ିକୁ ମହଜୁଦ,



ଚାଲାଣ ଏବଂ ବିଭ୍ରାନ୍ତିକର ସୂଚନା ପ୍ରସାରଣ ବିରୁଦ୍ଧରେ କଠୋର ସତର୍କତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଥିଲା । ପ୍ରବାସୀ ଶ୍ରମିକଙ୍କ ପାଇଁ ମୁକ୍ତ ବାଣିଜ୍ୟ ଏଲପିଜି (ଏଫଟିଏଲ୍) ଯୋଗାଣ ସମସ୍ୟା ସମ୍ବନ୍ଧୀୟ ରିପୋର୍ଟ ସମ୍ପର୍କରେ ରାଜ୍ୟଗୁଡ଼ିକ ସ୍ପଷ୍ଟ କରିଥିଲେ ଯେ ଏଲପିଜି ଯୋଗାଣରେ ଏପରି କୌଣସି ପ୍ରତିବନ୍ଧକ ନାହିଁ ଯାହା ପ୍ରବାସୀ ଶ୍ରମିକମାନଙ୍କୁ ପ୍ରତିକୂଳ ଭାବରେ ପ୍ରଭାବିତ କରିବ ଏବଂ ଯୋଗାଣ ସ୍ଥିର ରହିବ ।

## ଅସ୍ତ୍ରବିରତି ପାଇଁ ଆମେରିକାକୁ ଗୁହାରି କଲେ ଜେଲେନସ୍କି

**କିଭ୍:** ପଶ୍ଚିମ ଏସିଆରେ ଆମେରିକା-ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ୟୁକ୍ରେନ ଏବେ ଏକ ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇଛି। ଆମେରିକାର ସାମରିକ ଦୃଷ୍ଟିଭଙ୍ଗୀ ଇରାନ ଆଡ଼କୁ ଢଳିଥିବା ବେଳେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ପୁଣି ଥରେ ଶାନ୍ତି ପ୍ରକ୍ରିୟା ପାଇଁ ତ୍ରିପାକ୍ଷିକ ଆଲୋଚନାକୁ ତ୍ୱରାନ୍ୱିତ କରିବାକୁ ୱାଶିଂଟନର ପ୍ରତିନିଧି ଦଳକୁ କିଭ୍ ନିମନ୍ତ୍ରଣ କରିଛନ୍ତି। ଆଗାମୀ "ଇଷ୍ଟର" ପର୍ବ ପାଇଁ ଏକ ଅସ୍ତ୍ରବିରତି ପ୍ରସ୍ତାବ ଆଣି ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ ରଖିବାକୁ ଜେଲେନସ୍କି ଅନୁରୋଧ କରିଛନ୍ତି, କିନ୍ତୁ ଏହି ପ୍ରସ୍ତାବ ମଧ୍ୟରେ ଶୁକ୍ରବାର ରୁଷିଆ ପକ୍ଷରୁ ପ୍ରାୟ ୫୦୦ ଡ୍ରୋନ୍ ଓ ମିସାଇଲ୍ ମାଡ଼ କରାଯାଇ ସମଗ୍ର ୟୁକ୍ରେନର ବିଦ୍ୟୁତ ସେବାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦିଆଯାଇଛି। ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୯ ଡଲାରରେ ପହଞ୍ଚିଛି। ଇରାନ "ହର୍ମୁଜ ପ୍ରଣାଳୀ" ବନ୍ଦ କରିଦେବା ଫଳରେ ସୃଷ୍ଟି ହୋଇଥିବା ଶକ୍ତି ସଙ୍କଟ ପାଇଁ ଆମେରିକା ଏବେ ରୁଷିଆର ତୈଳ ଉପରୁ କଟକଣା କୋହଳ କରିବାକୁ ବାଧ୍ୟ ହୋଇଛି, ଯାହା ୟୁକ୍ରେନ ପାଇଁ ଚିନ୍ତାର କାରଣ ସାଜିଛି। ଏହି ପରିପ୍ରେକ୍ଷୀରେ ଜେଲେନସ୍କି ଆମେରିକୀୟ ବୁଝାମଣାକାରୀଙ୍କ ସହ ଆଲୋଚନା କରି ରୁଷିଆକୁ ନିଜର ଶାନ୍ତି ପ୍ରସ୍ତାବ ପଠାଇବାକୁ ଅନୁରୋଧ କରିଛନ୍ତି। ରୁଷିଆ ଦିବାଲୋକରେ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରି ବ୍ୟାପକ ବୋମାମାଡ଼ କରୁଥିବାରୁ ୟୁକ୍ରେନ ଏବେ ନିଜର ସୁରକ୍ଷା ପାଇଁ ପାଶ୍ଚାତ୍ୟ ଦେଶଗୁଡ଼ିକର ସହାୟତା ଉପରେ ନିର୍ଭର କରି ରହିଛି।

## ବିହାରରେ ବିଷାକ୍ତ ମଦ ପିଇ ୪ ମୃତ

**ମୋତିହାରୀ:** ବିହାରର ପୂର୍ବ ଚମ୍ପାରଣ ଜିଲ୍ଲାରେ ବିଷାକ୍ତ ମଦ ପିଇ ୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଆହୁରି ୧୫ ଜଣ ଅସୁସ୍ଥ ହୋଇ ଏବେ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି। ମଦ ନିଷିଦ୍ଧ ସତ୍ତ୍ୱେ ବିହାରରେ ବିଷାକ୍ତ ମଦମୃତ୍ୟୁ ରାଜ୍ୟରେ ବେଆଇନ ମଦ କାରବାର ବୃଦ୍ଧି ପାଉଥିବା ଘଟଣାକୁ ନେଇ ଚିନ୍ତା ବଢ଼ାଇଛି। ଅଧିକାରୀଙ୍କ ଅନୁଯାୟୀ ଏହି ଘଟଣା ପ୍ରଥମେ ରଘୁନାଥପୁର ଥାନା ଅଧୀନସ୍ଥ ବାଲ୍ଗଙ୍ଗାରେ ଆରମ୍ଭ ହୋଇଥିଲା ଏବଂ ପରେ ଏହା ନିକଟସ୍ଥ ଅଞ୍ଚଳକୁ ପ୍ରଭାବିତ କରିଥିଲା। ପୀଡ଼ିତମାନେ ବୁଧବାର ସନ୍ଧ୍ୟାରେ ବିଷାକ୍ତ ମଦ ପିଇଥିଲେ। ଏହାପରେ ସେମାନଙ୍କ ସ୍ୱାସ୍ଥ୍ୟ ଧୀରେଧୀରେ ଖରାପ ହୋଇଥିଲା। ପ୍ରଥମେ ଗୁରୁବାର ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଜି ଆଉ ୨ ଜଣଙ୍କର ମୃତ୍ୟୁ ହୋଇଛି।

## ଓଡ଼ିଶାରୁ ଇଞ୍ଚେ ରେଳପଥ ଅନ୍ୟ ରାଜ୍ୟକୁ ଯାଉ ନାହିଁ

ନୂଆଦିଲ୍ଲୀ: ଓଡ଼ିଶାରୁ ଗୋଟିଏ ଇଞ୍ଚ ମଧ୍ୟ ରେଳ ପଥ ଅନ୍ୟ ରାଜ୍ୟକୁ ଯାଉନାହିଁ। ଓଡ଼ିଶାରେ ରେଳ ବିକାଶ ପାଇଁ 93,000 କୋଟି ଟଙ୍କାରୁ ଅଧିକ ନିବେଶ କରାଯାଇଛି। ରେଳ ବଜେଟ୍ ଆବଣ୍ଟନ ଯଥେଷ୍ଟ ବୃଦ୍ଧି ପାଇଛି (ଗତ 3 ବର୍ଷ ଧରି ନିରନ୍ତର 10,000 କୋଟିରୁ ଅଧିକ ରହିଛି ଯାହା 2009-14 ଅବଧି ଅପେକ୍ଷା 13 ଗୁଣ ଅଧିକ)। ଏଥିସହ ରାୟଗଡା ଡିଭିଜନକୁ ଅନୁମୋଦନ କରାଯାଇଛି। ଖୁବ୍ ଶୀଘ୍ର ପରିଚାଳନା ହେବ। ସର୍ବାଧିକ ରାଜସ୍ୱ ସୃଷ୍ଟିକାରୀ କେକେ ଲାଇନ: କୋଥାଭାଲସା-କିରାଣ୍ଡୁଲ (ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶର ଅଞ୍ଚଳ ସମେତ) ରାୟଗଡା ଡିଭିଜନରେ ଅଛି। ତେଣୁ ପୂର୍ବ ତଟ ରେଳପଥ ପାଇଁ କୌଣସି ରାଜସ୍ୱ କ୍ଷତି ନାହିଁ। ପଲାସା - ଇଚ୍ଛାପୁରମ ସେକ୍ସନରେ କୌଣସି ବଡ ମାଲ ପରିବହନ ଆୟ ଉତ୍ପାଦନ କରୁଥିବା ଷ୍ଟେସନ ନାହିଁ। କେନ୍ଦ୍ର ରେଳମନ୍ତ୍ରଣାଳୟ ପକ୍ଷରୁ ଏହି ସ୍ପଷ୍ଟ ସୂଚନା ଦିଆଯାଇଛି।

## ▸▸ ତାମିଲନାଡୁ ବିଧାନସଭା ନିର୍ବାଚନ
## ବିଜେପିର ୨୭ ଜଣିଆ ପ୍ରାର୍ଥୀ ତାଲିକା ଜାରି

**ଚେନ୍ନାଇ:** ତାମିଲନାଡୁରେ ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ବିଜେପି ପକ୍ଷରୁ ୨୭ ଜଣିଆ ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ଶୁକ୍ରବାର ପ୍ରକାଶିତ ଏହି ପ୍ରାର୍ଥୀ ତାଲିକାରେ ବିଜେପିର ପୂର୍ବତନ ତାମିଲନାଡୁ ମୁଖ୍ୟ କେ ଆନ୍ନାମଲାଇଙ୍କ ନାଁ ନଥିବା ସମସ୍ତଙ୍କୁ ଚକିତ କରିଛି। ଦଳର ସବୁଠାରୁ ପରିଚିତ ତଥା ହାଇ-ପ୍ରୋଫାଇଲ୍ ନେତାଙ୍କ ଅନୁପସ୍ଥିତି ବିଜେପି ରାଜ୍ୟ ଶାଖା ମଧ୍ୟରେ ସବୁ କିଛି ଠିକ୍ ନାହିଁ ବୋଲି ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ମାସ ମାସ ଧରି ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିଲା ଯେ ଆନ୍ନାମଲାଇ ଦଳର ଦାୟିତ୍ୱ ନେବେ। କୋଏମ୍ବାଟୁର ଉତ୍ତର କିମ୍ବା ମୋଡାକୁରିଚିରୁ ବିଜେପି ତାଙ୍କୁ ଟିକେଟ ଦେବାର ସମ୍ଭାବନା ରହିଥିଲା।

## ଗରିବଙ୍କୁ ଆରାମଦାୟକ ଯାତ୍ରା ଦେବା ରେଳବାଇର ଲକ୍ଷ୍ୟ

**ନୂଆଦିଲ୍ଲୀ:** କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀର ରେଳ ଭବନରେ ସାରା ଦେଶର ରେଳ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଗରିବ ଏବଂ ମଧ୍ୟମ ବର୍ଗଙ୍କୁ ଏକ ଉତ୍ତମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ଭାରତୀୟ ରେଳବାଇର ସର୍ବୋଚ୍ଚ ପ୍ରାଥମିକତା ହୋଇ ରହିଛି। ଏହି ଲକ୍ଷ୍ୟ ହାସଲ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସେ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ। ଶ୍ରୀ ବୈଷ୍ଣବ ମଧ୍ୟ ସମଗ୍ର ରେଳବାଇ ପରିବାରକୁ ଗତବର୍ଷ ସେମାନଙ୍କର ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ରେଳ ଦୁର୍ଘଟଣାରେ ଐତିହାସିକ ହ୍ରାସ ଏବଂ ରେକର୍ଡ ସଂଖ୍ୟକ ମାଲ ପରିବହନ ଯୋଗୁଁ ସାରା ଦେଶରେ ଭାରତୀୟ ରେଳବାଇର ଭାବମୂର୍ତ୍ତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। ପର୍ବପର୍ବାଣୀ ସମୟରେ ବହୁ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନର ପ୍ରଭାବୀ ପରିଚାଳନାକୁ ମଧ୍ୟ ସେ ପ୍ରଶଂସା କରିଥିଲେ, ଯାହା ଯାତ୍ରାର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ସହାୟକ ହୋଇଥିଲା। ଯାତ୍ରୀଙ୍କ ଅଭିଜ୍ଞତାର ଗୁରୁତ୍ୱ ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ରେଳ ଷ୍ଟେସନଗୁଡ଼ିକ ଜନସାଧାରଣଙ୍କ ସମ୍ମୁଖରେ ଭାରତୀୟ ରେଳବାଇର ଚେହେରା ଏବଂ ଏହାକୁ ସ୍ୱଚ୍ଛ ତଥା ଭଲ ଭାବେ ରକ୍ଷଣାବେକ୍ଷଣ କରାଯିବା ଆବଶ୍ୟକ। ସମସ୍ତ ଷ୍ଟେସନରେ ସ୍ୱଚ୍ଛତା ଏବଂ ଉନ୍ନତ ଯାତ୍ରୀ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ସେ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ। ଗତ ଦଶନ୍ଧି ମଧ୍ୟରେ ରେଳବାଇର ଆଧୁନିକୀକରଣ ପାଇଁ ରେକର୍ଡ ଆବଣ୍ଟନ ବିଷୟରେ ଉଲ୍ଲେଖ କରି ସେ ଗୁରୁତ୍ୱାରୋପ କରିଥିଲେ ଯେ ରେଳ ଷ୍ଟେସନଗୁଡ଼ିକର ପରିବର୍ତ୍ତନ ଏବଂ ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଅଧିକାରୀମାନେ ପାଣ୍ଠିର ସର୍ବୋତ୍ତମ ଉପଯୋଗ ସୁନିଶ୍ଚିତ କରିବା ଆବଶ୍ୟକ।

# ଇରାନରୁ ଭାରତ ଆସୁଥିବା ଜାହାଜ ଚୀନ ପଳାଇଲା

**ନୂଆଦିଲ୍ଲୀ:** ଇରାନୀୟ ଅଶୋଧିତ ତୈଳ ଧରି ଦୀର୍ଘ ଦିନ ହେଲା ଭାରତ ଅଭିମୁଖେ ଆସୁଥିବା ଜାହାଜ ଏବେ ତା'ର ରାସ୍ତା ବଦଳାଇ ଦେଇଛି। ଆମେରିକା କଟକଣା ମଧ୍ୟରେ ଏହି ଜାହାଜଟି ୭ ବର୍ଷ ପରେ ଇରାନୀୟ ତୈଳ ଧରି ଭାରତକୁ ଆସୁଥିବା କୁହାଯାଉଥିଲା। ଯୁଦ୍ଧ ମଧ୍ୟରେ ଭାରତ ପାଇଁ ଭଲ ଖବର ଆସିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏହି ରିପୋର୍ଟ ମିଛ ସାବ୍ୟସ୍ତ ହୋଇଛି। ଭାରତ ବଦଳରେ ଇରାନୀୟ ତୈଳ ବୋଝେଇ ଜାହାଜଟି ଏବେ ଚାଇନା ଆଡ଼କୁ ଚାଲି ଯାଇଛି। ଆଫ୍ରାମାକ୍ସ ଟ୍ୟାଙ୍କର ପିଙ୍ଗ ଶନ ୨୦୨୨ରେ ତିଆରି ହୋଇଥିଲା ଓ ୨୦୨୫ରୁ ଏହା ଉପରେ କଟକଣା ଲଗାଇଛି ଆମେରିକା। ଏବେ ଏହା ଚାଇନାର ଡୋଙ୍ଗୟିଙ୍ଗ ଆଡ଼କୁ ଯାତ୍ରା ଆରମ୍ଭ କରିଛି। ପୂର୍ବରୁ ଇରାନୀୟ ତୈଳ ବୋଝେଇ ଜାହାଜଟି ଗୁଜରାଟର ବଦିନାର



ଅଭିମୁଖେ ଆସୁଥିବା ଶିପିଂ ଟ୍ରାକିଂ ଫାର୍ମ କପଲେର ସୂଚନା ଦେଇଥିଲା। ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ପିଙ୍ଗ ଶନ ନାମକ ଇରାନୀୟ ଅଶୋଧିତ ତୈଳ ବୋଝେଇ ଜାହାଜ ୩ ଦିନ ଧରି ଭାରତର ବଦିନାର ଅଭିମୁଖେ ଆସୁଥିବା ସଙ୍କେତ ଦେଇଥିଲା। କିନ୍ତୁ ଏବେ ଏହା ଭାରତ ଅଭିମୁଖେ ଯାତ୍ରାର ଦିଗ ବଦଳାଇ ନେଇଛି। ଏହା ଭାରତ ବଦଳରେ ଚାଇନା ଯାଉଛି। ୨୦୧୯ ରେ ଆମେରିକା କଟକଣା ଯୋଗୁ ଭାରତ ଅଶୋଧିତ ତୈଳ ଇରାନ ଠାରୁ ଆମଦାନୀ ବନ୍ଦ କରିଦେଇଥିଲା। କିନ୍ତୁ ପିଙ୍ଗ ଶନ ଭାରତ ଅଭିମୁଖେ ଆସୁଥିବାରୁ ଏବେ ୭ ବର୍ଷ ପୁଣି ନୂଆଦିଲ୍ଲୀ ସିଧା ଇରାନ ତୈଳ ପାଇବାକୁ ଯାଉଥିବା କୁହାଯାଇଥିଲା। ଜାହାଜରେ ୬ ଲକ୍ଷ ବାରେଲ ଅଶୋଧିତ ତୈଳ ରହିଛି। ଏହା ଇରାନର ଖାର୍ଗ ଦ୍ୱୀପରୁ ଯାତ୍ରା ଆରମ୍ଭ କରିଥିଲା। ଭେସେଲ ଟ୍ରାକିଂ ତଥ୍ୟରୁ ଜଣାପଡ଼ିଥିଲା ଯେ ଇରାନରୁ ଆସୁଥିବା ଜାହାଜର ଗୁଜରାଟକୁ ଆସୁଛି। କିନ୍ତୁ ଏହା ବଦଳି ମଧ୍ୟ ପାରେ। କଟକଣା ଲାଗିଥିବା ଶରୁ ଆସୁଥିବା ଜାହାଜ ନିଜକୁ ରକ୍ଷା କରିବା ପାଇଁ ନିଜ ଲକ୍ଷ୍ୟ ସ୍ଥଳ ବଦଳାଇବାର ନଜିର ରହିଛି। ସେହି ଅନୁସାରେ ଏବେ ଜାହାଜ ତା'ର ଗତିପଥ ବଦଳାଇ ଦେଇଛି।

**ଆଇପିଏଲ୍ ମହାସମର**

# ପଞ୍ଜାବର ଦ୍ୱିତୀୟ ବିଜୟ



ଚେନ୍ନାଇ,୩।୪(ଏଜେନ୍ସି): ଚେନ୍ନାଇର ଏମଏ ଚିଦାମ୍ବରମ୍ ଷ୍ଟାଡିୟମରେ ପଞ୍ଜାବ କିଙ୍ଗ୍ସକୁ ଭେଟିଛି ଚେନ୍ନାଇ ସୁପରକିଙ୍ଗ୍ସ । ଘରୋଇ ଦଳକୁ ୫ ୱିକେଟରେ ପରାଜିତ କରି ପଞ୍ଜାବ କ୍ରମାଗତ ଦ୍ୱିତୀୟ ବିଜୟଲାଭ କରିଛି । ତେଣୁ ଚେନ୍ନାଇର ବିଜୟ ଆଶା ପୁଣି ବିଳମ୍ବିତ ହୋଇଛି । କ୍ରମାଗତ ଦୁଇଟି ମ୍ୟାଚ ହାରି ଚେନ୍ନାଇ ପଏଣ୍ଟ ଟେବୁଲର ନିମ୍ନରେ ଥିବା ବେଳେ ଦୁଇଟି ବିଜୟ ସହ ପଞ୍ଜାବ ଶୀର୍ଷକୁ ଉଠିଛି । ଏହି ମ୍ୟାଚରେ ଆୟୁଷ ମହାତ୍ରେଙ୍କ ବିସ୍ଫୋରକ ୭୩ ତଥା ଦୁବେଙ୍କ ୪୫ ରନ୍ ସହାୟତାରେ ଚେନ୍ନାଇ ୨୦ ଓଭରରେ ୫ ୱିକେଟ୍ ହରାଇ ୨୦୯ ରନର ବଡ଼ ସ୍କୋର କରିଥିଲା । ଜବାବରେ ପଞ୍ଜାବ ସୁପରକିଙ୍ଗ୍ସ ଜମାଣିଆ ଆରମ୍ଭ କରି ୧୮.୪ ଓଭରରେ ୨୧୦/୫ରନ୍ କରି ବିଜୟୀ ହୋଇଥିଲା ।

ଟସ ଜିତି ପଞ୍ଜାବକିଙ୍ଗ୍ସ ଘରୋଇ ଚେନ୍ନାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଘରୋଇ ଭେନ୍ୟୁରେ ଚେନ୍ନାଇକୁ ଆରମ୍ଭରୁ ଝଟକା ଲାଗିଥିଲା । ଓପନର ସଞ୍ଜୁ ସାମସନ ମାତ୍ର ୭ ରନ୍ କରି ପାଭିଲିୟନ୍ ଫେରିଥିଲେ । କିନ୍ତୁ ଅଧିନାୟକ ରିତୁରାଜ ଗାଏକ୍ୱାଡ, ଆୟୁଷ ମାହାତ୍ରେ, ଶିବମ ଦୁବେ ଓ ସର୍ଫରାଜ ଖାନଙ୍କ ଉପଯୋଗୀ ଇନିଂସ ଯୋଗୁଁ ଚେନ୍ନାଇ ୨୦୦ ରନ ଅତିକ୍ରମ କରିପାରିଥିଲା । ରିତୁରାଜ ୨୨ ବଲରୁ ୨ଟି ଚୌକା ସହାୟତାରେ ୨୮ ରନ୍ କରିଥିଲେ । ଆୟୁଷ ୪୩ ବଲରୁ ୬ ଚୌକା ଓ ୫ ଛକା ସହାୟତାରେ ୭୩ ରନ୍ କରିଥିଲେ । ଶିବମ ଦୁବେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୨୭ ବଲରୁ ୫ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୪୫ ରନ୍ କରିଥିଲେ । କାର୍ତ୍ତିକ ଶର୍ମା ୧, ସର୍ଫରାଜ ଖାନ୍ ୧୨ ବଲରୁ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୩୨ ରନ୍ କରିଥିଲେ । ପ୍ରଶାନ୍ତ ବୀର ଅପରାଜିତ ୬ ରନ୍ କରିବା ସହ ଚେନ୍ନାଇ ୨୦ ଓଭରରେ ୫ ୱିକେଟ ହରାଇ ୨୦୯ ରନ୍ କରିଥିଲା । ପଞ୍ଜାବ କିଙ୍ଗ୍ସର ବିଜୟ କୁମାର ବୈଶାଖ ୨ଟି, ଜାଭିୟର ବାଟଲେଟ୍, ମାର୍କୋ ଜନସେନ ଓ ୟୁଜଭେନ୍ଦ୍ର ଚହଲ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ । ମାର୍କସ ଷ୍ଟୋଇନିସ୍ ଗୋଟିଏ ଓଭର ବୋଲିଂ କରି ୧୭ ରନ୍ ଦେଇ ସବୁଠୁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ।

୨୧୦ ରନ୍‌ର ବିଜୟଲକ୍ଷ୍ୟ ପିଛା କରିଥିବା ପଞ୍ଜାବକିଙ୍ଗ୍ସର ଆରମ୍ଭ ଉଚ୍ଚକୋଟୀର ଥିଲା । ୪.୨ ଓଭରରେ ପ୍ରିୟନ୍ସ ଆର୍ଯ୍ୟ ଓ ପ୍ରଭସିମରନ୍ ସିଂ ୬୧ ରନ୍ ଆଦାୟ କରିଥିଲେ । ପ୍ରିୟନ୍ସ ୧୧ ବଲରୁ ୩ ଚୌକା ଓ ୪ ଛକା ସହାୟତାରେ ୩୯ ରନ୍ କରିଥିବା ବେଳେ ପ୍ରଭସିମରନ୍ ୩୪ ବଲରୁ ୪୩ ରନ୍ କରି ରନ ଆଉଟ୍ ହୋଇଥିଲା ।

କୁପର କୋନୋଲି ୨୨ ବଲରୁ ୩୬, ଅଧିନାୟକ ଶ୍ରେୟାସ ଆୟର ୨୯ ବଲରୁ ୫୦, ନେହାଲ ୱାଧେରା ୧୦ ରନ୍, ଶଶାଙ୍କ ସିଂ ୬ ବଲରୁ ୧୪ ତଥା ମାର୍କସ ଷ୍ଟୋଇନିସ୍ ୩ ବଲରୁ ୯ ରନ୍ କରି ଦଳକୁ ବିଜୟୀ କରିଥିଲେ । ପଞ୍ଜାବ ୮ଟି ବଲ ପୂର୍ବରୁ ଲକ୍ଷ୍ୟ ହାସଲ କରି ନେଇଥିଲା । ଚେନ୍ନାଇର ମ୍ୟାଟ ହେନରୀ ଏବଂ ଅଂଶୁଳ କାମ୍ବୋଜ ଦୁଇଟି ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ ।

## ଆଜିର ମ୍ୟାଚ

- ▸▸ ଦିଲ୍ଲୀ-ମୁମ୍ବାଇ
- ▸▸ ସ୍ଥାନ - ନୂଆଦିଲ୍ଲୀ
- ▸▸ ସମୟ- ଅପରାହ୍ନ ୩.୩୦
- ▸▸ ଗୁଜରାଟ-ରାଜସ୍ଥାନ
- ▸▸ ସ୍ଥାନ- ଅହମ୍ମଦାବାଦ
- ▸▸ ସମୟ- ରାତି ୭.୩୦
- ▸▸ ପ୍ରସାରଣ: ଷ୍ଟାର ନେଟୱର୍କ

# କିଟ୍ ବିଶ୍ୱବିଦ୍ୟାଳୟରେ ଆଇପିଏଲ୍ 'ଫ୍ୟାନ୍ ପାର୍କ'



ଭୁବନେଶ୍ୱର,୩।୪(ସବ୍ୟୁ): ରାଜଧାନୀ ଭୁବନେଶ୍ୱରରେ ପୁଣି ଥରେ ଫେରିବାକୁ ଯାଉଛି କ୍ରିକେଟର ଜୋସ୍ । ଚଳିତ ବର୍ଷ ଟାଟା ଆଇପିଏଲ୍ ୨୦୨୬ ସିଜନକୁ କ୍ରିକେଟ ପ୍ରେମୀଙ୍କ ପାଇଁ ଅଧିକ ରୋମାଞ୍ଚକର କରିବା ଲକ୍ଷ୍ୟରେ ଭୁବନେଶ୍ୱରର ଦୂତୀ ଚାନ୍ଦ ଆଥଲେଟିକ୍ ଷ୍ଟାଡିୟମ ପରିସରରେ 'ଫ୍ୟାନ୍ ପାର୍କ'ର ଆୟୋଜନ କରାଯାଉଛି । ଏନେଇ ଆଜି ବିସିସିଆଇ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ପ୍ରଦାନ କରାଯାଇଛି । ଏହି ପ୍ରୟାସ ୬ଷ୍ଠ ଥର ପାଇଁ କିଟରେ ଆୟୋଜିତ ହେଉଛି | କିଟର କ୍ରିଡା ଭିତ୍ତିଭୂମି ଓ ପର୍ଯ୍ୟାପ୍ତ ସୁବିଧାକୁ ଦୃଷ୍ଟିରେ ରଖି ବିସିସିଆଇ କିଟକୁ ୨୦୧୭ରୁ ଏକ ସ୍ଥାୟୀ ଭେନ୍ୟୁ ଭଳି ସୁଯୋଗ ଦେଇ ଆସୁଛି ।

ଆସନ୍ତା ଏପ୍ରିଲ ୪ ତାରିଖ ଅପରାହ୍ନ ୨ଟା ୩୦ ମିନିଟରୁ ଏହି ଫ୍ୟାନ୍ ପାର୍କ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କାର୍ଯ୍ୟକ୍ରମରେ ପ୍ରବେଶ ପାଇଁ କୌଣସି ଶୁଳ୍କ ଧାର୍ଯ୍ୟ କରାଯାଇ ନାହିଁ, କ୍ରିକେଟ ପ୍ରେମୀମାନେ ସମ୍ପୂର୍ଣ୍ଣ ମାଗଣାରେ ଷ୍ଟାଡିୟମ ଭଳି ପରିବେଶରେ ମ୍ୟାଚ୍ ମଜା ନେଇପାରିବେ । ବିଶାଳ ସ୍କ୍ରିନରେ ମ୍ୟାଚ୍ ସିଧା ପ୍ରସାରଣ ସହିତ ଦର୍ଶକଙ୍କ ମନୋରଞ୍ଜନ ପାଇଁ ମ୍ୟୁଜିକ୍, ବିଭିନ୍ନ ପ୍ରକାରର ଗେମ୍ ଜୋନ୍ ଏବଂ ସୁଆଦିଆ ଖାଦ୍ୟର ଷ୍ଟଲ୍ ମଧ୍ୟ ଉପଲବ୍ଧ ରହିବ । ଏଥିସହିତ ପ୍ରଶଂସକମାନେ ନିଜର ପ୍ରିୟ ଦଳ ଓ ଖେଳାଳିଙ୍କୁ ସମର୍ଥନ ଜଣାଇବା ପାଇଁ ଫେସ୍ ପେଣ୍ଟିଂ ଏବଂ ଅନ୍ୟାନ୍ୟ ସୁବିଧାର ସୁଯୋଗ ପାଇବେ । ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଖେଳ ଏବଂ ଭିଆଇପି ଅତିଥିମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଛି । ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ଭୁବନେଶ୍ୱର ଓ ରାଉରକେଲାରେ ଏହି ଫ୍ୟାନ୍ ପାର୍କର ଆୟୋଜନ ହେଉଛି । ଗତ ବର୍ଷ ପ୍ରାୟ ୧୮ ହଜାରରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି । ସମଗ୍ର ଭାରତର କୋଣ ଅନୁକୋଣରେ ଆଇପିଏଲ୍ର ଉତ୍ସାହ ପହଞ୍ଚାଇବା ହିଁ ବିସିସିଆଇର ମୁଖ୍ୟ ଲକ୍ଷ୍ୟ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଅଧିକରୁ ଅଧିକ ସଂଖ୍ୟାରେ କ୍ରିକେଟ ପ୍ରେମୀ ଏଠାକୁ ଆସି ଏହି ରୋମାଞ୍ଚକର ଅନୁଭୂତିର ସହଭାଗୀ ହେବାକୁ ଆୟୋଜକଙ୍କ ପକ୍ଷରୁ ନିବେଦନ କରାଯାଇଛି ।

**ଏପ୍ରିଲ ୪ (ଶନିବାର): ଦିଲ୍ଲୀ କ୍ୟାପିଟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟନ୍ସ ବନାମ ରାଜସ୍ଥାନ ରୟାଲ୍ସ ।**

**ଏପ୍ରିଲ ୫ (ରବିବାର): ସନରାଇଜର୍ସ ହାଇଦ୍ରାବାଦ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଚେନ୍ନାଇ ସୁପର କିଙ୍ଗସ ।**

**ବିଶ୍ୱ ଆର୍ଚେରୀ ପାରା ସିରିଜ୍**

# ଶୀତଲ, ପାୟଲଙ୍କୁ ସ୍ୱର୍ଣ୍ଣ




ଭୁବନେଶ୍ୱର,୩।୪(ସବ୍ୟୁ): ରାଜ୍ୟ ପାରା କ୍ରୀଡା ପାଇଁ ଖୁସିର ଖବର । ବିଶ୍ୱ ଆର୍ଚେରୀ ପାରା ସିରିଜରେ ଓଡ଼ିଆ ଝିଅ ପାୟଲ ନାଗ ସ୍ୱର୍ଣ୍ଣିମ ସଫଳତା ଲାଭ କରିଛନ୍ତି । ଶୀତଲ ଦେବୀ ମଧ୍ୟ ସ୍ୱର୍ଣ୍ଣ ଜିତି ଗୌରବ ଆଣିଛନ୍ତି । ଭାରତୀୟ ପାରା କ୍ରୀଡା ପାଇଁ ଶୀତଲ ଓ ପାୟଲ ନୂଆ ଉଦାହରଣ ସାଜିଛନ୍ତି । ହାତ ଓ ଗୋଡ ନଥିବା ଦିବ୍ୟାଙ୍ଗ କ୍ରୀଡାବିତଙ୍କ ସଫଳତା କ୍ରୀଡା ଗୌରବକୁ ଆଗକୁ ନେଇଛି । ଏହି ଭାରତୀୟ ଯୁଗଳ ଫାଇନାଲରେ ଉଚ୍ଚକୋଟିର ପ୍ରଦର୍ଶନ କରିଥିଲେ । କାଜାଖସ୍ତାନକୁ ୧୫୦-୧୪୭ ବ୍ୟବଧାନରେ ପରାଜିତ କରି ପୋଡିୟମ ଫିନିସ କରିଥିଲେ । ଉଭୟଙ୍କର ଏକାଗ୍ରତା ପରସ୍ପର ମଧ୍ୟର ଉତ୍ତମ ବୁଝାମଣା ପ୍ରତିଯୋଗିତାର ଫାଇନାଲରେ ଝଲସି ଥିଲା । ଏହି ଯୁଗଳ ପ୍ରତିଯୋଗିତାର ସଫଳତା ପରେ ବ୍ୟକ୍ତିଗତସ୍ତରରେ ଦୁହେଁ ପଦକ ପାଇଁ ଶନିବାର ରଣାଙ୍ଗନକୁ ଓହ୍ଲାଇବେ । ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଉଭୟ ପଦକ ବିଜୟିନୀ ପାୟଲ ନାଗ ଓ ଶୀତଲ ଦେବୀଙ୍କୁ ଶୁଭେଚ୍ଛା ଜଣାଯାଇଛି ।

# କାଶିପୁର ପ୍ରିମିୟର ଲିଗ: ଆଭେଞ୍ଜର୍ସ ଚାମ୍ପିଅନ



ନିରାକାରପୁର,୩।୪(ସବ୍ୟୁ): ସ୍ଥାନୀୟ କାଶିପୁର ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି ବହୁ ପ୍ରତିକ୍ଷିତ କାଶିପୁର ପ୍ରିମିୟର ଲିଗ ସିଜିନ-୪ର ଗ୍ରାଣ୍ଡ ଫାଇନାଲ ମ୍ୟାଚ । ଏହି ରୋମାଞ୍ଚକର ଫାଇନାଲ ମୁକାବିଲାରେ କାଶିପୁର ଟାଇଟନ୍ସକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି କାଶିପୁର ଆଭେଞ୍ଜର୍ସ ।ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା କାଶିପୁର ଆଭେଞ୍ଜର୍ସ ଦଳ ନିର୍ଦ୍ଧାରିତ ଓଭରରେ ୪ ୱିକେଟ ହରାଇ ୯୪ ରନର ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା । ୯୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି କାଶିପୁର ଟାଇଟନ୍ସ ମଇଦାନକୁ ଓହ୍ଲାଇଥିଲେ ମଧ୍ୟ କଡ଼ା ବୋଲିଂର ସାମ୍ନା କରି ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୮ ଓ୍ୱିକେଟ ହରାଇ ମାତ୍ର ୫୭ ରନ କରିବାକୁ ସକ୍ଷମ ହୋଇଥିଲା । ଫଳରେ କାଶିପୁର ଆଭେଞ୍ଜର୍ସ ଦଳ ୨୭ ରନରେ ବିଜୟୀ ହୋଇ ଟ୍ରଫି ହାସଲ କରିଛି ।ଏହି ଫାଇନାଲ ମ୍ୟାଚ ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସଂଯୁକ୍ତା ମିଶ୍ର (ବିଶିଷ୍ଟ ମହିଳା ନେତ୍ରୀ),ଉମେଶ ଚନ୍ଦ୍ର ମିଶ୍ର (ଶିକ୍ଷାବିତ),ନକୁଳ ସାହୁ (ୱାର୍ଡ ସଭ୍ୟ) ଓ ନୃସିଂହ କୁମାର ଦଳେଇପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଖେଳ ଜରିଆରେ ଭାଇଚାରା ଓ ଏକତା ବଜାୟ ରଖିବାକୁ ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ ।

# ଭାରତରେ ଆଉ ଏକ ବିଶ୍ୱସ୍ତରୀୟ କ୍ରିକେଟ ଷ୍ଟାଡିୟମ !

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଭାରତୀୟ କ୍ରିକେଟ ପ୍ରଶଂସକଙ୍କ ପାଇଁ ଖୁସିର ଖବର ଆସିଛି । ଭାରତରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଦର୍ଶକ କ୍ଷମତା ବିଶିଷ୍ଟ ଆଉ ଏକ କ୍ରିକେଟ ଷ୍ଟାଡିୟମ ନିର୍ମାଣ ହେବାକୁଯାଉଛି । ଗୁଜରାଟର ଅହମ୍ମଦାବାଦରେ ଥିବା ନରେନ୍ଦ୍ର ମୋଦୀ ଷ୍ଟାଡିୟମ ଭଳି ମହାରାଷ୍ଟ୍ରରେ ମଧ୍ୟ ବିଶାଳକାୟ କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ କରିବାକୁ ଯୋଜନା ହୋଇଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମୁମ୍ବାଇ ମେଟ୍ରୋପଲିଟାଣ୍ଟ ରିଜନରେ ବିଶ୍ୱସ୍ତରୀୟ କ୍ରିକେଟ୍ ଷ୍ଟାଡିୟମ ତିଆରି କରିବାକୁ ଲକ୍ଷ୍ୟ ରଖିଛନ୍ତି । ନୂଆ କ୍ରିକେଟ ଷ୍ଟାଡିୟମକୁ ସିଆଇଡିସିଓ ଏବଂ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ମିଳିତ ଭାବେ ନିର୍ମାଣ କରିବାକୁ ଚାହୁଁଛନ୍ତି । ଉଭୟ ସଂସ୍ଥା ଏସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଏମସିଏ ସଭାପତି ଆଜିଙ୍କ୍ୟ ନାୟକ ଏବଂ ସିଆଇଡିସିଓ ଏମଡି ବିଜୟ ସିଙ୍ଘାଲ ଏନେଇ ବୈଠକ କରିଛନ୍ତି । ଷ୍ଟାଡିୟମ ତିଆରୀ ଯୋଜନା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଫଡ଼ନାଭିସଙ୍କୁ ସାକ୍ଷାତ କରି ଅବଗତ କରାଯାଇଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମର ଦର୍ଶକ କ୍ଷମତା ୧.୩ ଲକ୍ଷରୁ ଅଧିକ । ଖାସ ଏଥିପାଇଁ ୨୦୨୩ ବିଶ୍ୱକପ ଫାଇନାଲ ଏବଂ ୨୦୨୬ ଟି-୨୦ ବିଶ୍ୱକପ୍ ଫାଇନାଲ ଐତିହାସିକ ୱାଙ୍ଖେଡେ ବଦଳରେ ଅହମ୍ମଦାବାଦରେ ଖେଳାଯାଇଥିଲା । ତେଣୁ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ବଡ଼ ଷ୍ଟାଡିୟମ ତିଆରି କରିବାକୁ ଲକ୍ଷ୍ୟ ରଖିଛି । ୱାଙ୍ଖେଡେ ବ୍ୟତୀତ ମୁମ୍ବାଇରେ ସିସିଆଇ ବ୍ରାବନ ଷ୍ଟାଡିୟମ ରହିଛି । ଏହାର କ୍ଷମତା ୫୦ ହଜାର, ଏମଏମଆର ରିଜନରେ ଡିୱାଇ ପାଟିଲ ଷ୍ଟାଡିୟମ ଅଛି । ଏଠାରେ ଭାରତୀୟ ମହିଳା ଦଳ ଦିନିକିଆ ବିଶ୍ୱକପ ଜିତିଥିଲା ।

# ଜାତୀୟ କନିଷ୍ଠ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ପୁରୀରୁ ୪

ଭୁବନେଶ୍ୱର,୩।୪(ସବ୍ୟୁ): ଭାରତୀୟ ମୁଷ୍ଟିଯୁଦ୍ଧ ସଂଘ ଦ୍ୱାରା ଆୟୋଜିତ ସପ୍ତମ ୧୭ ବର୍ଷରୁ କମ୍ କନିଷ୍ଠ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଭାଗ ନେବା ପାଇଁ ରାଜ୍ୟ ଦଳରେ ପୁରୀ ଜିଲ୍ଲାର ୪ ଜଣ ମୁଷ୍ଟିଯୋଦ୍ଧ ସ୍ଥାନ ପାଇଛନ୍ତି । ଚଳିତ ମାସ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ନାଗପୁର ସ୍ଥିତ ଡିଭିଜନାଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ହେବ । ଆଶିଷ କୁମାର ବେହେରା, ଋଦ୍ଧିମାନ ଦାସ, ମନୋଜ କୁମାର ସାହୁ ଓ ଲିକୁ ଖାନ୍ ବିଭିନ୍ନ ଓଜନ ବର୍ଗରେ ଅଂଶ ଗ୍ରହଣ କରିବେ । ରାଜ୍ୟ ଦଳ ସହ ପୁରୀ ବକ୍ସିଂ ଏକାଡେମୀର ୪ ଖେଳାଳି ମହାରାଷ୍ଟ୍ର ଗସ୍ତ କରିଛନ୍ତି । ମାର୍ଚ୍ଚ ୨୫ ଓ ୨୬ ତାରିଖରେ ରାଉରକେଲା ଠାରେ ରାଜ୍ୟ ଦଳ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେଥିରେ ଖେଳାଳିମାନେ ଉଚ୍ଚସ୍ତର ଖେଳ କୌଶଳ ପ୍ରଦର୍ଶନ କରି ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି । ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ରାଜ୍ୟ ଅଲିମ୍ପିକ୍ସ ସଂଘ କୋଷାଧ୍ୟକ୍ଷ ରବି ଶଙ୍କର ପତିହାରୀ, ରାମଦାସ ମହାପାତ୍ର, ଅନୀଲ ଗୋଚ୍ଛିକାର, ବିନୋଦ ସିଂ, ଜିଲ୍ଲା କ୍ରୀଡାଧିକାରୀ ଚନ୍ଦନ କୁମାର ସାହୁ, ବିଶ୍ୱଭୂଷଣ ପଣ୍ଡା, ସଞ୍ଜୟ କୁମାର ଅଗ୍ରୱାଲ, ପ୍ରଦୀପ ଦାସ ଏବଂ ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରି ଶୁଭେଚ୍ଛା ଜଣାଇଛନ୍ତି ।

# ଆନ୍ତଃବିଭାଗୀୟ ଦିବାରାତ୍ର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ଜଟଣୀ,୩।୪(ସବ୍ୟୁ): ପୂର୍ବତଟ ରେଳବାଇ କ୍ରୀଡ଼ା ସଂଘ ଖୋର୍ଦ୍ଧାରୋଡ ପକ୍ଷରୁ ଆୟୋଜିତ ଆନ୍ତଃବିଭାଗୀୟ ଦିବା ଓ ରାତ୍ରି କ୍ରିକେଟ୍ ପ୍ରତିଯୋଗିତା-୨୦୨୬" ଖୋର୍ଦ୍ଧାରୋଡ ସ୍ଥିତ ରେଳବାଇ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି । ଏହି ପ୍ରତିଯୋଗିତା ୧୭ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଖୋର୍ଦ୍ଧାରୋଡ ଡିଭିଜନର ମୋଟ ୧୨ଟି ବିଭାଗ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି ।ଏହି ଅବସରରେ ଇକୋଆର୍‌ସିଏ-କୁର୍ ୱେବସାଇଟ୍ ମଧ୍ୟ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟିତ ହୋଇଥିଲା, ଯାହା କ୍ରୀଡ଼ା କାର୍ଯ୍ୟକଳାପର ଡିଜିଟାଲ ପ୍ରଚାର ଓ ରେଳ କର୍ମଚାରୀମାନଙ୍କ ମଧ୍ୟରେ ସଂଯୋଗକୁ ଦୃଢ଼ କରିବାରେ ସହାୟକ ହେବ । ଏହି ଟୁର୍ଣ୍ଣାମେଣ୍ଟକୁ ଖୋର୍ଦ୍ଧାରୋଡର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ ଉଦ୍‌ଘଟନ କରିଥିଲେ । ଏହି ଅବସରରେ ପି. କେ. ବେହେରା ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍ସ), ରାଜଧାରୀ ଯାଦବ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି), ଅନିଲ କୁମାର ଏସ କ୍ରୀଡ଼ା ଅଧିକାରୀ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଖୋର୍ଦ୍ଧାରୋଡଙ୍କ ସମେତ ଅନ୍ୟାନ୍ୟ ସହକାରୀ କ୍ରୀଡ଼ା ଅଧିକାରୀ, ଶାଖା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ଡି. ସୁନିଲ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ତାଙ୍କର ଶୁଭେଚ୍ଛା ଜଣାଇଥିଲେ । ସେ ଖେଳାଳିମାନଙ୍କୁ ଦକ୍ଷତା, ଦଳଗତ ମନୋଭାବ ଓ କ୍ରୀଡ଼ା ଆତ୍ମା ପ୍ରଦର୍ଶନ କରି ଟୁର୍ଣ୍ଣାମେଣ୍ଟରେ ଉତ୍କର୍ଷ ଅର୍ଜନ କରିବାକୁ ପ୍ରେରିତ କରିଥିଲେ । ଅଂଶଗ୍ରହଣକାରୀ ବିଭାଗଗୁଡ଼ିକ ମଧ୍ୟରେ ବୈଦ୍ୟୁତିକ, ରେଳ ସୁରକ୍ଷା ବଳ , ଅର୍ଥ, ପରିଚାଳନା, ଚିକିତ୍ସା, ଷ୍ଟୋର, ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ୍ ଲୋକୋ ସେଡ୍/ଅନୁଗୁଳ, ବୈଦ୍ୟୁତିକ (ଅପରେସନ୍ସ), ବାଣିଜ୍ୟିକ, କାର୍ମିକ, ସିଗ୍ନାଲ ଓ ଟେଲିକମ୍ୟୁନିକେସନ୍ ଏବଂ ମେକାନିକାଲ୍ ବିଭାଗ ଅନ୍ତର୍ଭୁକ୍ତ । ଏହି ଟୁର୍ଣ୍ଣାମେଣ୍ଟ ସମୟରେ ମୋଟ ୩୦ଟି ଲିଗ୍ ମ୍ୟାଚ୍ ଖେଳାଯିବ । ଉଦ୍‌ଘାଟନୀ ଦିନରେ ପ୍ରଥମ ମ୍ୟାଚ୍ ଆରପିଏଫ ଓ ଅପରେସନ୍ସ ବିଭାଗ ମଧ୍ୟରେ ଖେଳାଯାଇଥିଲା, ଯେଉଁଥିରେ ଆରପିଏଫ ୧୪ ରନରେ ବିଜୟୀ ହୋଇଥିଲା । ସମସ୍ତ ମ୍ୟାଚ୍ ସାଧାରଣ ସମ୍ପାଦକ ମହମ୍ମଦ ଜାକିରୁଦ୍ଦିନ, ସହକାରୀ ସାଧାରଣ ସମ୍ପାଦକ ସଚିବ ଜେ. ଏସ୍. ପାତ୍ର ଏବଂ କ୍ରୀଡ଼ା ସଙ୍ଗଠନ ସଦସ୍ୟ ମାନେ ସଂଯୋଜନା କରୁଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**▸▸ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍**


# ସେମିରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ



ଭୁବନେଶ୍ୱର,୩।୪(ସବ୍ୟୁ): ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଟାଉନ କ୍ଲବ୍ ଦଳ ଟସ୍ ରେ ବିଜୟ ଲାଭ କରି ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲେ, ଗ୍ରିନସ କ୍ରିକେଟ ଏକାଡେମି ଦଳ ନିର୍ଧାରିତ ୩୦ ଓଭର ରେ ୮ ଗୋଟି ୱିକେଟ ହରାଇ ୧୯୬ରନ ସଂଗ୍ରହ କରିଥିଲେ, ଦଳ ପକ୍ଷରୁ ମିଜୁନ ଦଳନାୟକ ୭୪ ବଲରୁ ୬୮ ରନ, ଅଂଶୁମାନ ଯାଦବ ୨୦ ବଲରୁ ୩୦ ରନ ସଂଗ୍ରହ କରିଥିଲେ, ଅପର ପକ୍ଷର ବୋଲର ଇଶାନ ମହାପାତ୍ର ଓ ମୟଙ୍କ ପଟ୍ଟନାୟକ ପ୍ରତ୍ୟେକ ୨ ଗୋଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ଟାଉନ କ୍ଲବ୍ ଦଳ ନିର୍ଧାରିତ ୩୦ ଓଭର ରେ ୮ ଗୋଟି ୱିକେଟ୍ ହରାଇ ୧୯୫ ରନ କରିବାକୁ ସକ୍ଷମ ହୋଇଥିଲେ, ଦଳ ପକ୍ଷରୁ ମୟଙ୍କ ପଟ୍ଟନାୟକ ଙ୍କ ବିସ୍ଫୋରକ ୩୭ ବଲ ରୁ ୭୬ ରନ ଓ ପ୍ରଜୋତ ସାମଲ ୩୫ବଲରୁ ୩୦ ରନ ସଂଗ୍ରହ କରିଥିଲେ, ଅପର ପକ୍ଷର ବୋଲର ଜଗନ୍ନାଥ୍ ବେହେରା ୬ ଓଭର ରେ ୨ ମେଡେନ ସହ ୩୨ ରନ ବ୍ୟୟ କରି ୪ ଗୋଟି ମୂଲ୍ୟବାନ ୱିକେଟ୍ ଅକ୍ତିଆର କରିଥଲେ । ୧ ରନ ରେ ଗ୍ରୀନସ କ୍ରିକେଟ ଏକାଡେମୀ ଦଳ ବିଜୟ ଲାଭ କରି ଦ୍ୱିତୀୟ ଦଳ ଭାବରେ ସେମି ଫାଇନାଲ କୁ ଉତ୍ତୀର୍ଣ୍ଣ ହୋଇଥିଲେ । ଜଗନ୍ନାଥ ବେହେରା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ଅତିଥି ଭାବରେ ରଶ୍ମି ରଞ୍ଜନ ସ୍ୱାଇଁ, ପୂର୍ବତନ କ୍ରିକେଟ୍ ଖେଳାଳୀ ଏବଂ ଜ୍ୟୋତି ରଞ୍ଜନ ପଣ୍ଡା, ହାଇ ଟେକ ଗ୍ରୁପ । ଏହି ମ୍ୟାଚକୁ ଅଜୟ କୁମାର ନାୟକ ଏବଂ ଶାଶ୍ୱତୀ ଶତପଥୀ ପରିଚାଳନା କରିଥିଲେ । ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ସଭ୍ୟ , ବିନୋଦ ବାରିକ, କୋଷାଧ୍ୟକ୍ଷ, ଜଗମୋହନ ସ୍ୱାଇଁ, ସହ - ସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା ଓ ଉପ - ସଭାପତି, ବହ୍ଲବ୍ ଚରଣ ସାହୁ ଉପସ୍ଥିତ ଥିଲେ ।

**ଏସିଆନ୍ ବକ୍ସିଂ ଚାମ୍ପିଅନସିପ୍**

# ପଦକ ନିଶ୍ଚିତ କଲେ ନିଖତ, ପ୍ରିୟା, ପ୍ରୀତି



ଉଲାନବାଟର,୩।୪(ଏଜେନ୍ସି): ଏସିଆନ୍ ବକ୍ସିଂ ଚାମ୍ପିଅନସିପରେ ଭାରତର ୩ଟି ପଦକ ନିଶ୍ଚିତ ହୋଇଛି । ମଙ୍ଗୋଲିଆରେ ଚାଲିଥିବା ପ୍ରତିଯୋଗିତାର ପଞ୍ଚମ ଦିନ ଭାରତର ନିଖଜ ଜରିନ, ପ୍ରିୟା ଏବଂ ପ୍ରୀତି ପାୱାର ସେମିଫାଇନାଲରେ ପ୍ରବେଶ କରିବା ସହ ଭାରତର ପଦକ ନିଶ୍ଚିତ ହୋଇଛି । ଅତିକମରେ ଏହି ୩ ପ୍ରତିଯୋଗୀ ଯଦି ସେମିଫାଇନାଲରେ ପରାଜିତ ହୁଅନ୍ତି ତେବେ ମଧ୍ୟ ବ୍ରୋଞ୍ଜ ପଦକ ଜିତିବେ । ମହିଳା ୫୧ କିଲୋଗ୍ରାମ କ୍ୱାର୍ଟରଫାଇନାଲରେ ନିଖତ ଜରିନ ଫିଲିପାଇନ୍ସର ଜିଆନ୍ ବାଗୁହିନଙ୍କୁ ପରାଜିତ କରି ସେମିରେ ପ୍ରବେଶ କରିଥିଲେ । ସେମି ଲଢ଼େଇରେ ନିଖତ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପଦକ ବିଜୟୀ ଚୀନର ଓ ୟୁଙ୍କୁ ଭେଟିବେ । ମହିଳା ୬୦ କିଲୋଗ୍ରାମ ଓଜନ ବର୍ଗରେ ପ୍ରିୟା ଚୀନର ଚେଙ୍ଗୟୁ ୟାଙ୍ଗ’ଙ୍କୁ ୪-୧ ବ୍ୟବଧାନରେ ଧରାଶାୟୀ କରିଥିଲେ । ସେମିଫାଇନାଲରେ ପ୍ରିୟା ମଙ୍ଗୋଲିଆର ନାମୁନ ମୋନଖରଙ୍କୁ ଭେଟିବେ । ସେହିଭଳି ୫୪ କିଲୋଗ୍ରାମ ବର୍ଗରେ ପ୍ରୀତି ପନୱର, ମୁନଗୁନସେଟସିଙ୍କୁ ୫-୦ ବ୍ୟବଧାନରେ ପରାଜିତ କରିଛନ୍ତି । ସେମି ଲଢ଼େଇରେ ସେ କୋରିଆର ଇମ ଏଜିଙ୍କୁ ଭେଟିବେ । ପୁରୁଷ ୭୦ କିଲୋଗ୍ରାମ ଓଜନ ବର୍ଗରେ କ୍ୱାର୍ଟରଫାଇନାଲରେ ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି